
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୨ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 12 FEBRUARY 2023
Vol.No. 34 ■ No. 41 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### 'ହିଣ୍ଡେନବର୍ଗ' ଝଡ଼ ଭିତରେ ଆଦାନୀଙ୍କ ବଡ ନିଷ୍ପତ୍ତି

## ଆଇନ ଲଢେଇ ପାଇଁ ଆମେରିକାର ୱାଚଟେଲ ଲିଗାଲ ଫାର୍ମକୁ ଦେଲେ ଦାୟିତ୍ୱ

ନୂଆଦିଲ୍ଲୀ,୧୧/୦୨ : ଆଜିକାଲି ବେଶ ଚର୍ଚ୍ଚାରେ ରହିଛି ଭାରତୀୟ ଶିଳ୍ପପତି ଗୌତମ ଆଦାନୀ ଓ ଆମେରିକା ରିସର୍ଚ୍ଚ କମ୍ପାନୀ ହିଣ୍ଡେନବର୍ଗ । ଯେବେଠୁ ଆଦାନୀଙ୍କ ବିରୋଧରେ ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ ପାଇଛି ସେବେଠୁ ଉଠୁଛି ପଡୁଛି ଭାରତ ଓ ଧନୀ ତାଲିକାରେ ତଳକୁ ତଳ ଖସୁଛନ୍ତି ଗୌତମ ଆଦାନୀ । ଏହା ଭିତରେ ଆଦାନୀ ହିଣ୍ଡେନବର୍ଗ ବିରୋଧରେ ଆଇନ ଲଢ଼ିବା ନେଇ ବଡ ନିଷ୍ପତି ନେଇଛନ୍ତି । ହିଣ୍ଡେନବର୍ଗ ରିପୋର୍ଟ ବିରୋଧରେ କମ୍ପାନୀକୁ କାଠଗଡ଼ାକୁ ଟାଣିବାକୁ ଆମେରିକାର ସବୁଠୁ ଦାମୀ ଓ ଲୋକପ୍ରିୟ ଲିଗାଲ ଫାର୍ମକୁ ସେ ନିଯୁକ୍ତ କରିଛନ୍ତି । ଆସନ୍ତୁ ଜାଣିବା ହିଣ୍ଡେନବର୍ଗ ବିରୋଧୀ ଲଢେଇ ପାଇଁ ଆଦାନୀ ବାଛିଥିବା ଲିଗାଲ ଫାର୍ମ ୱାଚଟ୍ଲେ କଣ? ଆଦାନୀ-ହିଣ୍ଡେନବର୍ଗ ଲଢ଼େଇ ଲଢ଼ିବ 'ୱାଚଟେଲ' । ବିବାଦୀୟ ଆଇନ ଲଢ଼େଇ ପାଇଁ 'ୱାଚଟ୍ଲେ'ର ବେଶ ନାଁ ରହିଛି । ପୂରା ଦୁନିଆରେ ବେଶ



ଲୋକପ୍ରିୟ ଏହି ଲିଗାଲ ଫାର୍ମ । ଜଟିଳ ଓ ବିବାଦୀୟ କେସ୍ ଲଢ଼ିବାରେ ମାହିର ୱାଚଟ୍ଲେ୍ । ୨୦୨୨ ମସିହାରେ ଟ୍ୱିଟର କିଣାବିକା ମାମଲାକୁ ଲଢିଥିଲା ୱାଚଟେଲ । ଟ୍ୱିଟର ଓ ଏଲନ ମସ୍କଙ୍କ ଭିତରେ ୪୪ ଅରବ ଡଲାରକୁ ନେଇ ହୋଇଥିଲା ବଡ ବିବାଦ । ଏହି ସମୟରେ ଟ୍ୱିଟରର ପୁରୁଣା ମାଲିକଙ୍କ ପାଇଁ ମାମଲା ଲଢ଼ିଥିଲା ୱାଚଟେଲ । ଡେଲୋବେୟର କୋର୍ଟରେ ମାମଲା ଲଢି ଏଲନ ମସ୍କଙ୍କୁ ସବୁ ଅର୍ଥ ରାଶି ଦେବାକୁ ବାଧ କରିଥିଲା ଏହି ଲିଗାଲ ଫାର୍ମ । ଟେସଲା ଓ ସୋଲାର ସିଟିର ୨.୬ ବିଲିୟନ ଡଲାର ବିବାଦୀୟ ମାମଲା ଲଢି ଜିତିଥିଲା ୱାଚଟେଲ୍ । ଲିଗାଲ ଫାର୍ମ ସହ ଯୋଗାଯୋଗ କରିବା ପୂର୍ବରୁ ଆଦାନୀ ଗ୍ରୁପ ନ୍ୟୁୟର୍କ ୱାକ୍ଟେଲ, ଲିପ୍ଟନ, ରୋସେନ, ଓ କାଟ୍ଜ ପରି ଲ ଫାର୍ମର ବରିଷ୍ଠ ଆଇନଜୀବୀଙ୍କ ସହ ଯୋଗାଯୋଗ ରହିଛନ୍ତି । ସୂଚନା ଅନୁସାରେ ଆଦାନୀ ଗ୍ରୁପର ମୁଖ୍ୟ ପରାମର୍ଶଦାତା ସିରିଲ ଅମରଚଚାନ୍ଦ ମଙ୍ଗଳଦାସ ଲ ଫାର୍ମ ୱାଚଟ୍ଲେ ସହ ସର୍ମ୍ପକ କରିଥିଲେ ଓ କେସ ଲଢିବା ପାଇଁ ଆଲୋଚନା କରିଥିଲେ । ସିରିଲି ମଙ୍ଗଳଦାସଙ୍କ ଝିଅକୁ ବିବାହ କରିଛନ୍ତି ଆଦାନୀଙ୍କ ପୁଅ । ୧୯୬୫ ମସିହାରେ 'ୱାଚଟେଲ ଲିପ୍ଟନ୍'ର ପ୍ରତିଷ୍ଠା ହୋଇଥିଲା । ହାତଗଣତି ଆଇନଜୀବୀଙ୍କୁ ନେଇ ଏହି ଲିଗାଲ ଫାର୍ମର ଗଠନ କରାଯାଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ କେସ ଲଢିବା ପାଇଁ ଏହା ପରାର୍ମଶ ଦେଉଥିଲା । କ୍ରମଶ ଏହି ଲିଗାଲ ଫାର୍ମ ବିସ୍ତାର ହେବା ସହ ଆମେରିକାର ସବୁଠୁ ନାମୀଦାମୀ ଲିଗାଲ ଫାର୍ମରେ ପରିଣତ ହୋଇଥିଲା । ବିଶେଷ କରି ବିବାଦୀୟ ମାମଲା ଲଢି ଜିତିବାରେ ନିଜର ନାଁ କରିଛି ୱାଚଟ୍ଲେ । ବର୍ତମାନ ଏଥିରେ ଜଣ ୨୮୫ ଆଇନଜୀବୀ ଅଛନ୍ତି । ବିଶେଷ କରି ନିବେଶକ. କରପୋରେଟ, ଷ୍ଟକମାର୍କେଟ. ଫାଇନାସିଆଲ ସମ୍ବନ୍ଧିତ କେସକୁ ଲଢ଼ି ଜିତିବାରେ ପାରଙ୍ଗମ ୱାଚଟ୍ଲେ । ୨୪ ତାରିଖରେ ଏହି ଆମେରିକୀୟ ସଂସ୍ଥା ରିପୋର୍ଟ ପ୍ରକାଶ କରିଥିଲା । ଏହି ରିପୋର୍ଟରେ ଆଦାନୀ ଗ୍ରୁପ୍ ଉପରେ ସାଂଘାତିକ ଅଭିଯୋଗ କରାଯାଇଛି । ସେୟାର ପ୍ରାଇସ୍ରେ ହେରଫେର, ସେଲ୍ କଂପାନୀରେ କାରବାର, ଆକାଉଂଟରେ ଅନିୟମିତତା ଭଳି ଅଭିଯୋଗ ରହିଛି ।

## ସରିଲା ଗୋପାଳ ଦାସର ନାର୍କୋ ଟେଷ୍ଟ

ଭୁବନେଶ୍ୱର,୧୧/୦୨ (ନି.ପ୍ର): ମନ୍ତ୍ରୀ ନବଦାସ ହତ୍ୟାକାଣ୍ଡ ମାମଲାରେ ଗୁଜରାଟ ଗାନ୍ଧି ନଗର ଲ୍ୟାବରେ ଅଭିଯୁକ୍ତ ଗୋପାଳ ଦାସର ନାର୍କୋ ଟେଷ୍ଟ ସରିଛି । ନାର୍କୋ ଟେଷ୍ଟ ପାଇଁ ଗତ ଦୁଇ ଦିନ ହେଲା ପ୍ରକ୍ରିୟା ଚାଲୁ ରହିଥିଲା । ତେବେ ଆଜି ନାର୍କୋଟେଷ୍ଟ ସରିବା ପରେ ଗୋପାଳ ଚେତାଶୂନ୍ୟ ରହିଛି । ସଂପୂର୍ଣ୍ଣ ଚେତା ଫେରିବାକୁ ଆଉ କିଛି ସମୟ ଲାଗିପାରେ । ଅଚେତ ଗୋପାଳକୁ ଏବେ ନୀରିକ୍ଷଣରେ ରଖାଯାଇଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି । ନାର୍କୋ ଟେଷ୍ଟ ପୂର୍ବରୁ ଗୋପାଳର ପଲିଗ୍ରାଫ୍ ଟେଷ୍ଟ କରାଯାଇଥିଲା । ଅହମ୍ମଦାବାଦ କ୍ରାଇମବ୍ରାଞ୍ଚ ଅଫିସ ସମ୍ମୁଖରେ ଗୋପାଳଙ୍କୁ ତଦନ୍ତକାରୀ ଟିମ୍ ନେଉଥିବା ଭିଡିଓରେ ଦେଖିବାକୁ ମିଳିଥିଲା । ନାର୍କୋ ଟେଷ୍ଟ ପୂର୍ବରୁ ଅଭିଯୁକ୍ତ ଗୋପାଳ ଶରୀରର ରକ୍ତଚାପ, ମଧୁମେହ ସହ ଅନ୍ୟାନ୍ୟ ପରୀକ୍ଷା କରାଯାଇଥିଲା । ଗତ ୯



ତାରିଖରେ ଗୋପାଳର ଲାଏ ଡିଟେକସନ୍ ଟେଷ୍ଟ କରାଯାଇଥିଲା । ଆଜି ନାର୍କୋ ଟେଷ୍ଟ ସରିଥିବାରୁ ଆସନ୍ତାକାଲି ତାଙ୍କୁ ଝାରସୁଗୁଡ଼ା ଅଣାଯିବ । ହତ୍ୟାକାରୀ ଦୋଷ ସ୍ୱୀକାର କରିଛି କୁହାଯାଇଥିଲେ ବି ଏ ଯାଏଁ ଖୋଲିଲାନି ହତ୍ୟାର ଗୁମର । ବିଭିନ୍ନ ପରୀକ୍ଷା ସହ ଗୁଳି ଫୁଟିଥିବା ବନ୍ଧୁକର ବାଲିଷ୍ଟିକ୍ ପରୀକ୍ଷା କରାଯାଇଛି । ତେବେ ଅତ୍ୟାଧୁନିକ ଜ୍ଞାନକୌଶଳରେ ହେଉଥିବା ଏସବୁ ପରୀକ୍ଷା, ତଦନ୍ତର କେଉଁ ଦିଗକୁ ବାଟ କଢ଼ାଇବାରେ ସହାୟକ ହେବ ତାହା ଉତ୍କଣ୍ଠାର ବିଷୟ ହୋଇଛି । ଓଡ଼ିଶା ଫେରିବା ପରେ ନବ ଦାସ ହତ୍ୟାକାଣ୍ଡର ମୋଟିଭ୍ ସଂପର୍କରେ ଗୁମର ଖୋଲିବ ନା ପୁଣି ସମୟ ଗଡ଼ାଇବ କ୍ରାଇମବ୍ରାଞ୍ଚ ତାହାକୁ ନେଇ ମଧ ପ୍ରଶ୍ନବାଚୀ ଉଙ୍କି ମାରିଛି । ସେପଟେ ହତ୍ୟାକାଣ୍ଡର ରହସ୍ୟ ଖୋଲିନଥିବା ବେଳେ ଆଜି ଦିବଙ୍ଗତ ନେତାଙ୍କ ଘରେ ପହଞ୍ଚିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଝାରସୁଗୁଡ଼ା ସରବାହାଲ ଘରକୁ ଯାଇ ନବଙ୍କ ପୁଅ ଓ ଝିଅଙ୍କୁ ସମବେଦନା ଜଣାଇଥିଲେ । ତା'ସହ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଘରକୁ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ କେନ୍ଦ୍ରମନ୍ତ୍ରୀ । ▶▶ପୃଷ୍ଠା ୭

## ଦୁଇଟି ସ୍ଥାନରେ ମେଗା ରାଲି କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୧/୦୨ : ଆଗକୁ ତ୍ରିପୁରା ବିଧାନସଭା ନିର୍ବାଚନ । ସରଗରମ ରାଜ୍ୟରାଜନୀତି । କିଛି ଦିନ ପରେ ତ୍ରିପୁରା ଜନତା ବାଛିବେ ନୂଆ ସରକାର । ସେପଟେ ଭୋଟ ହାତେଇବା ପାଇଁ ବିଭିନ୍ନ ଦଳ ନିଜ ନିଜର କସରତ ଆରମ୍ଭ କଲେଣି । ବିଜେପି, କଂଗ୍ରେସ ନିଜର ଷ୍ଟାର ଓ ହେଭିୱେଟ ଚେହେରାଙ୍କୁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି । ଶନିବାର ତ୍ରିପୁରାରେ ପହଁଚି ଜୋରଦାର ପ୍ରଚାର କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ବିରୋଧୀଙ୍କୁ ମଂଚରୁ ସିଧା ସଳଖ ଟାର୍ଗେଟ କରି ମୋଦୀ କହିଛନ୍ତି କି କଂଗ୍ରେସ ଓ ବାମପନ୍ଥି ମେଂଟ ତ୍ରିପୁରା ସହ ବିଶ୍ୱାସଘାତକତା କରିଛି । ଏଥରକ ବିଜେପି ସରକାର ଗଠନ କଲେ ରାଜ୍ୟକୁ ହୀରାରେ ପରିଣତ କରିବ । ହୀରା ଅର୍ଥ ହାଇୱେ, ଇଂଟରନେଟ, ରେଲୱେ ଓ ଏୟାରୱେୟସ ସହ ଯୋଡିବ । ଆଦିବାସୀଙ୍କୁ ନୂଆ ପରିଚୟ ଓ ଅସୀମିତ ସମ୍ମାନ ଦେବା ପାଇଁ



ବିଜେପି ସରକାର ନିରନ୍ତର ପ୍ରୟାସ କରୁଛି । ରାଜ୍ୟର ଡବଲ ଇଂଜିନ ସରକାର ବିକାଶ ଏଥରକ ରୋକିବା ଅସମ୍ଭବ ।ରାଜ୍ୟର ଦୁଇଟି ସ୍ଥାନରେ ମେଗା ରାଲି କରିଛନ୍ତି ମୋଦୀ । ୨୦୧୮ ମସିହାରେ ବାମପନ୍ଥୀର ୨୫ବର୍ଷ ପୁରୁଣା ଗଡକୁ ଭାଙ୍ଗି ବିଜେପି ତ୍ରିପୁରାରେ ସରକାର ଗଠନ କରିଥିଲା । ଗତ ନିର୍ବାଚନରେ ବିଜେପି ୬୦ ଆସନରୁ ୪୩ ଆସନ ନିଜ ନାଁରେ କରିଛି । ତେଣୁ ଏଥରକ ମଧ ଶାସନ କ୍ଷମତା ହାତେଇବା ପାଇଁ ଜିତତୋଡ ମେହେନତ କରୁଛି ବିଜେପି । ରାଜନୈତିକ ବିଶେଷଜ୍ଞଙ୍କ ମତରେ ବିଜେପି ପାଇଁ ଦୁଇଟି ଚ୍ୟାଲଂଚ ରହିଛି । ଗୋଟେ ପଟେ କଂଗ୍ରେସ ଓ ବାମପନ୍ଥି ମେଂଟ ଅନ୍ୟପଟେ ଅହଂଚଳିକ ଦଳର ମେଂଟ । ଏଥିସହ ସ୍ଥାନୀୟ ଲୋକଙ୍କ କିଛି ଦାବି ରହିଛି ।

## ଚଳିତବର୍ଷ ରେକର୍ଡ ଭାଙ୍ଗିପାରେ ରାଜଧାନୀର ତାତି !

ଭୁବନେଶ୍ୱର,୧୧/୦୨ (ନି.ପ୍ର): ଚଳିତବର୍ଷ ରେକର୍ଡ ଭାଙ୍ଗିପାରେ ରାଜଧାନୀର ତାତି ! ଫେବ୍ରୁଆରୀ ମାସ ଆରମ୍ଭରୁ ଯେଉଁଳି ଗ୍ରୀଷ୍ମ ଅନୁଭୂତ ହେଲାଣି, ହୁଏତ ଏହା ଗତ ୪୦ ବର୍ଷର ରେକର୍ଡ ଭାଙ୍ଗିବ । ୧୯୬୩ ମସିହାରେ ଫେବ୍ରୁଆରୀ ମାସରେ ରାଜଧାନୀ ଭୁବନେଶ୍ୱରରରେ ସର୍ବୋଚ୍ଚ ତାପମାତ୍ର ୪୨.୭ ଡିଗ୍ରୀ ରେକର୍ଡ ହୋଇଥିଲା । ତେବେ ୨୦୨୩ ମସିହାରେ ଏହି ତାପମାତ୍ରା ଟପି ଯିବାର ଅନୁମାନ କରୁଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଫେବ୍ରୁଆରୀ ପ୍ରଥମ ସପ୍ତାହରେ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୩୫.୪ ଡିଗ୍ରୀ ରହିଥିବା ବେଳେ ପାଗରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ଦିନର ତାପମାତ୍ରା ବଢୁଥିବା ବେଳେ ଗାଏବ ହେବାକୁ ବସିଲାଣି ଶୀତ ।

## ଲିଙ୍ଗରାଜ ମନ୍ଦିରରେ ରାଷ୍ଟ୍ରପତିଙ୍କ ପୂଜାର୍ଚ୍ଚନା : ବିଶ୍ୱବାସୀଙ୍କ ମଙ୍ଗଳ ପାଇଁ କଲେ ପ୍ରାର୍ଥନା

ଭୁବନେଶ୍ୱର,୧୧/୦୨ (ନି.ପ୍ର): ପଦବୀ ଯେତେ ବଡ଼ ହେଉ, ଭଗବାନଙ୍କ ନିକଟରେ ସମସ୍ତେ ସମାନ । ସେଠାରେ କେବଳ ଲୋଡ଼ା ସମର୍ପଣ ଭାବ । ଲିଙ୍ଗରାଜ ମନ୍ଦିରରେ ପୂଜାର୍ଚ୍ଚନା କରିବା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସେହି ସମର୍ପଣ ଭାବ ଦେଖିବାକୁ ମିଳିଥିଲା । କଡା ସୁରକ୍ଷା ଭିତରେ ବାବା ଲିଙ୍ଗରାଜଙ୍କ ମନ୍ଦିରରେ ପହଞ୍ଚିଥିଲେ ରାଷ୍ଟ୍ରପତି । ଆଦିବାସୀ ନୃତ୍ୟଗୀତରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରାଯାଇଥିଲା । ତେବେ ପୂଜା କରିବା ପୂର୍ବରୁ ବିନ୍ଦୁ ସାଗରରେ ପାଦ ଧୋଇ ଖାଲି ପାଦରେ ଚାଲି ଚାଲି ମନ୍ଦିରରେ ପ୍ରବେଶ କରିଥିଲେ ରାଷ୍ଟ୍ରପତି । ପ୍ରଥମେ ସିଦ୍ଧିବିନାୟକଙ୍କ ନିକଟରେ ପୂଜା କରିବା ପରେ ଗର୍ଭଗୃହରେ ଲିଙ୍ଗରାଜଙ୍କ ନିକଟରେ ଜଳାଭିଷେକ, ବେଲପତ୍ର ଓ ଫୁଲ ବରଣ କରି ପ୍ରାୟ ୪୦ ମିନିଟ୍ ଧରି



ପୂଜାର୍ଚ୍ଚନା କରିଥିଲେ ଦ୍ରୌପଦୀ ମୁର୍ମୁ । ଗର୍ଭଗୃହରେ ପୂଜାର୍ଚ୍ଚନା ପରେ ପାର୍ବତୀ ମନ୍ଦିର ଯାଇ ଦର୍ଶନ କରିଥିଲେ ଦ୍ରୌପଦୀ ମୁର୍ମୁ । ଏହାପରେ ଭୁବନେଶ୍ୱରୀ ଓ ନନ୍ଦୀ ଦର୍ଶନ କରିବା ସହ ଅରୁଣ ସ୍ତମ୍ଭ ନିକଟରେ ସେବାୟତଙ୍କୁ ଉତ୍ତରୀୟ ବସ୍ତ୍ର ଦେଇଛନ୍ତି ରାଷ୍ଟ୍ରପତି । ଲିଙ୍ଗରାଜ ମନ୍ଦିରର ବଡୁ ନିଯୋଗ ଭିଭିଆଇପି ବୁକରେ ନିଜ ମତ ରଖିଛନ୍ତି ରାଷ୍ଟ୍ରପତି । ଶାନ୍ତସ୍ନିଗ୍ଧ ପରିବେଶରେ ଲିଙ୍ଗରାଜଙ୍କ ଦର୍ଶନ କରି ଦିବ୍ୟ ଅନୁଭବ କରିବା ସହ ଦେଶବାସୀ ତଥା ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିବା କଥା ଲେଖିଛନ୍ତି ରାଷ୍ଟ୍ରପତି । ଏହି ଅବସରରେ ରାଷ୍ଟ୍ରପତିଙ୍କୁ ଦିଆଯାଇଛି ପ୍ରଭୁ ଲିଙ୍ଗରାଜଙ୍କ ବିଶ୍ୱପ୍ରସିଦ୍ଧ କୋରାଖଇ । ପୂଜାର୍ଚ୍ଚନା ସାରି ମନ୍ଦିର ବାହରକୁ ବାହାରିଥିଲେ ଦ୍ରୌପଦୀ ମୁର୍ମୁ । ସୁରକ୍ଷା ▶▶ପୃଷ୍ଠା ୭

## ନେତା ହେବା ପରେ ବିଜୟ ପଟ୍ଟନାୟକଙ୍କ ବୟାନ

ଭୁବନେଶ୍ୱର,୧୧/୦୨ (ନି.ପ୍ର): ବାବୁରୁ ନେତା ବନିଥିବା ବିଜୟ ପଟ୍ଟନାୟକଙ୍କ ବୟାନକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି । କାରଣ କଂଗ୍ରେସରେ ଯୋଗଦେବା ପରେ ପରେ ରାଜ୍ୟ ସରକାରକୁ ଟାର୍ଗେଟ କରିଥିଲେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ । କନକ ନ୍ୟୁଜର ମନୋରଂଜନ ମିଶ୍ର ଲାଇଭରେ ସାମିଲ ହୋଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ବଦଳି ଯାଇଛନ୍ତି, ରାଜ୍ୟରେ ଦୁର୍ନୀତି ବଢିଚାଲିଛି । ବିଧାୟକ ଓ ମନ୍ତ୍ରୀ ଅସହାୟ ହୋଇପଡିଛନ୍ତି । ନବୀନ ସରକାରଙ୍କ ବିରୋଧରେ ବିଜୟ ଯେଉଁ ଅଭିଯୋଗ ଆଣିଛନ୍ତି, ତାଙ୍କୁ ଖଣ୍ଡନ କରିଛି ବିଜେଡି । ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ବିଜୟ ପଟ୍ଟନାୟକ ଯେଉଁ ଆରୋପ ଲଗାଇଛନ୍ତି ତାହା ମିଥ୍ୟା । ଆଜି ବି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ସମସ୍ତେ ଯାଇପାରୁଛନ୍ତି । କଂଗ୍ରେସରେ ଯୋଗଦେବା ତାଙ୍କର ବ୍ୟକ୍ତିଗତ ନିଷ୍ପତି । ଏହାର କିଛି ପ୍ରଭାବ ବିଜେଡି ଉପରେ ପଡିବନି । ତେବେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ବିଜୟ ପଟ୍ଟନାୟକ ଠିକ କଥା କହିଛନ୍ତି । କଂଗ୍ରେସରେ ସେ ମିଶିଥିବାରୁ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଛି । ସେହିପରି ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କର ଅତି ଘନିଷ୍ଠ ଥିଲେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ । ତେଣୁ ତାଙ୍କ କଥାରେ ସତ୍ୟତା ଥାଇପାରେ ।

## ଭୂକମ୍ପରେ ଫାଟିଛି ତୁର୍କୀ ଛାତି : ୨୪ହଜାର ଟପିଲାଣି ମୃତ୍ୟୁ ସଂଖ୍ୟା

ନୂଆଦିଲ୍ଲୀ,୧୧/୦୨ : କେଉଁଠି ଭଙ୍ଗା କୋଠା ତଳେ ଚାପି ହୋଇଥିବା ଜୀବନ ସାହାର୍ଯ୍ୟ ଅପେକ୍ଷାରେ ଚାହିଁ ରହିଛି ତ, କେଉଁଠି ସବୁଦିନ ପାଇଁ ନୀରବି ଯାଇଛି ନିରୀହ ଜୀବନ । ତୁର୍କୀରେ ଆସିଥିବା ବିନାଶକାରୀ ଭୂକମ୍ପଠୁ ଏହାର ପର ଅବସ୍ଥା ଅଧିକ କଷ୍ଟ ଦେଉଛି । ଏଠାରେ ପ୍ରତି ମୂହୁର୍ତରେ ଚାଲିଛି ମୃତ୍ୟୁ ସହ ସଂଗ୍ରାମ । ଏହି ସମୟରେ ତୁର୍କୀକୁ ସହାୟତର ହାତ ବଢାଇଛି ଭାରତ । ସଙ୍କଟ ସମୟରେ ତୁର୍କୀ ସହ ମଜଭୁତ ଭାବେ ଠିଆ ହୋଇଛି ଭାରତ । ଉଦ୍ଧାର ପାଇଁ ୬ଟି ଯୁଦ୍ଧ ବିମାନ ସହ ଉଦ୍ଧାରକାରୀ ଦଳ ଓ ରିଲିଫ୍ ପଠାଇଛି ଭାରତ । ତୁର୍କୀର ଏ ବିପଦ ବେଳେ ପ୍ରକୃତ ସାଥୀ ଭଳି ପାଖରେ ଛିଡା ହୋଇଛି ଭାରତ । ଭାରତୀୟ ସେନା ଓ ଏନଡିଆରଏଫ ଟିମ୍ ତୁର୍କୀରେ 'ଅପରେସନ୍ ଦୋସ୍ତ' ନାଁରେ ଅଭିଯାନ ଆରମ୍ଭ କରିଛି । ଲୋକଙ୍କ ଜୀବନ ବଂଚାଇବାକୁ ଅହରହ ପ୍ରୟାସ ଚଳାଇଛି ଏହି ଟିମ୍ । ଭୂକମ୍ପ ପୀଡିତାଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଉଛି । ସେପଟେ ଏନଡିଆରଏଫ ଟିମରେ ନିୟୋଜିତ ଅଛନ୍ତି ୪ଟି ସନ୍ଧାନୀ କୁକୁରଙ୍କୁ ନେଇ



ସ୍ୱାଡ ଟିମ୍ । ଜୁଲି, ରୋମିଓ. ହନି ଓ ରାମ୍ବୋ ନାମକ ୪ଟି ଲାବ୍ରଡର କୁକୁର ନ୍ୟାସନାଲ ଡିଜାଷ୍ଟର ରେସପସନ ଫୋର୍ସରେ ସାମିଲ ହୋଇ ଭଙ୍ଗା କୋଠାତଳୁ ସନ୍ଧାନ ଜାରି ରଖିଛନ୍ତି । ସଙ୍କଟ ସମୟରେ କିଏ ବଂଚିବାକୁ ସଂଘର୍ଷ କରୁଛି ତ କିଏ ଖାଦ୍ୟ ପାଇଁ । ତୁର୍କୀରେ ରହୁଥିବା ଭାରତୀୟ ବ୍ୟବସାୟୀ ଦୀପେନ୍ଦ୍ର ସ୍ଥାନୀୟ ଲୋକଙ୍କ ସାହା ଭରସା ପାଲଟିଛନ୍ତି । ୨୪ ଘଂଟା ଭୂକମ୍ପ ପୀଡିତଙ୍କୁ ସହାୟତା ଯୋଗାଉଛନ୍ତି ଦୀପେନ୍ଦ୍ର । ମଧ୍ୟପ୍ରଦେଶର ବୁରହାନାପୁରର ବାସିନ୍ଦା ଦିପେନ୍ଦ୍ର ତୁର୍କୀର କେପୋଡୋକିଆର ସହରରେ ରହୁଥିବାବେଳେ ତାଙ୍କର ଏକ ହୋଟେଲ ଓ ଦୁଇଟି ରେସ୍ତୋରାଁ ଅଛି । ଭୂକମ୍ପ ପୀଡ଼ିତଙ୍କୁ ମାଗଣା ଖାଇବାକୁ ଦେଉଛନ୍ତି ଭାରତୀୟ ଯୁବକ ଦୀପେନ୍ଦ୍ର । ଏହା ସହ ୩୦ ଜଣ ଲୋକ ମଧ ତାଙ୍କ "ନମସ୍ତେ ଇଣ୍ଡିଆ' ହୋଟେଲରେ ଏବେ ଆଶ୍ରୟ ନେଇଛନ୍ତି । ଭୂକମ୍ପ ହୋଇଥିବା ସ୍ଥାନରୁ ୨୨୦ କିଲୋମିଟର ଦୂରରେ ରହିଛି ଦୀପେନ୍ଦ୍ରଙ୍କ ହୋଟେଲ । କେବଳ ମାଗଣା ଖାଇବା ନୁହେଁ , ଜରୁରୀକାଳୀନ ମେଡ଼ିକାଲ ସେବା ମଧ ଦୀପେନ୍ଦ୍ର ଯୋଗାଇଦେଉଛନ୍ତି । ତୁର୍କୀର ଏ ଜଟିଳ ପରିସ୍ଥିତିରେ ଭାରତ ସମେତ ଅନେକ ଦେଶ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି । ଭଙ୍ଗାକୋଠା ତଳୁ ଏବେ ବି ମୃତଦେହ ବାହାର କରାଯାଉଛି । ବତର୍ମାନ ସୁଦ୍ଧା ତୁର୍କୀରେ ୨୪ ହଜାରରୁ ଅଧିକଙ୍କ ମୃତ ଦେହ ଉଦ୍ଧାର କରାଯାଇଛି ।

## ନବ ଦାସ ଓ କିଶୋର ମହାନ୍ତିଙ୍କ ପରିବାରକୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୧/୦୨ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଝାରସୁଗୁଡ଼ା ଗସ୍ତରେ ଆସିଥିଲେ । ଏହି ଅବସରରେ ସେ ବିଜେଡିର ଦୁଇ ଦିବଙ୍ଗତ ନେତା ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ପୂର୍ବତନ ବାଚସ୍ପତି କିଶୋର ମହାନ୍ତିଙ୍କ ପରିବାର ଲୋକଙ୍କୁ ଭେଟିଥିଲେ । କେନ୍ଦ୍ରମନ୍ତ୍ରୀ ପ୍ରଥମେ ନବଙ୍କ ସରବାହାଲ ସ୍ଥିତ ଘରକୁ ଯାଇଥିଲେ । ଶୋକ ସନ୍ତପ୍ତ ପରିବାରକୁ ଭେଟିବା ସହ ସମବେଦନା ଜଣାଇଥିଲେ । ପ୍ରାୟ ୨୦ ମିନିଟରୁ ଅଧିକ ସମୟ ନବ ଦାସଙ୍କ ଘରେ ରହିଥିଲେ କେନ୍ଦ୍ରମନ୍ତ୍ରୀ । ନବଙ୍କ ଝିଅ ଦୀପାଳି ଓ ଆକାଶଙ୍କ ସହିତ କଥା ହୋଇଥିଲେ । କେନ୍ଦ୍ରମନ୍ତ୍ରୀ ସହ ବରଗଡ଼ ସାଂସଦ ସୁରେଶ ପୂଜାରୀ, ବିଧାୟକ ନାଉରୀ ନାୟକ ଓ



ପୂର୍ବତନ ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ବିଜେଡି ବିଧାୟକ ଅଳକା ମହାନ୍ତିଙ୍କୁ ତାଙ୍କ ଘରେ ଭେଟିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନତା'ପରେ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଝାରସୁଗୁଡା ମଙ୍ଗଳବଜାର ସ୍ଥିତ ବାସଭବନକୁ ଯାଇଥିଲେ । ସେ ବ୍ରଜରାଜନଗର ବିଧାୟକ ତଥା ସ୍ୱର୍ଗତ କିଶୋର ମହାନ୍ତିଙ୍କ ପତ୍ନୀ ଅଳକା ମହାନ୍ତିଙ୍କୁ ଭେଟିଥିଲେ । ଅଳକା କହିଛନ୍ତି, ଜାନୁଆରୀ ୩୦ ତାରିଖରେ କିଶୋରଙ୍କ ଶ୍ରାଦ୍ଧ ବାର୍ଷିକି ଥିଲା । ଏଥିରେ ଯୋଗଦେବାକୁ କେନ୍ଦ୍ର ମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା । ହେଲେ ବ୍ୟସ୍ତତା ଯୋଗୁ ସେତେବେଳେ ମନ୍ତ୍ରୀ ଆସିନଥିଲେ । ସେଥିପାଇଁ ଆଜି ଘରକୁ ଆସିଥିଲେ । ଝିଅ ଓ ପୁଅର ପାଠପଢ଼ା ବ୍ୟତୀତ ଅନ୍ୟ କୌଣସି ରାଜନୈତିକ ଆଲୋଚନା କରି ନଥିବା କହିଛନ୍ତି ଅଳକା ମହାନ୍ତି । କିଶୋରଙ୍କ ସହ କେନ୍ଦ୍ର ମନ୍ତ୍ରୀଙ୍କ ବହୁତ ଭଲ ସମ୍ପର୍କ ଥିଲା । ଏପରିକି ତାଙ୍କୁ ସେ ବଡ଼ ଭାଇ ଭଳି ଦେଖୁଥିଲେ ଅଳକା କହିଛନ୍ତି ।

# ଅର୍ଥନୈତିକ ଅଭିବୃଦ୍ଧିରେ ମତ୍ସ୍ୟ ସଂପଦର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଯନ୍ତ୍ରଚାଳିତ ଡଙ୍ଗା ଓ ଆଧୁନିକ ଜ୍ଞାନକୌଶଳ ବ୍ୟବହାର ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର, ୧୧/୦୨ (ନି.ପ୍ର): ମାଛଚାଷ କୃଷକମାନଙ୍କ ଆୟବୃଦ୍ଧିରେ ଏକ ପ୍ରଧାନ ଅଙ୍ଗ ହୋଇଥିବାରୁ ମାଛଚାଷର ବିକାଶ ଓ ମତ୍ସ୍ୟଜୀବୀମାନଙ୍କର କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକଗୁଡ଼ିଏ ସମୟୋପଯୋଗୀ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହା ଦ୍ୱାରା ବିଗତ ୨୦ ବର୍ଷରେ ମାଛ ଉତ୍ପାଦନ ପ୍ରାୟ ୪ ଗୁଣ ଅଧିକ ବୃଦ୍ଧି ପାଇଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଆଜି ବାଲେଶ୍ୱର ଆଇଟିଆଇ ପଡ଼ିଆଠାରେ ଆକ୍ୱାକଲଚର ଏକ୍ସପୋ-୨୦୨୩କୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ରାଜ୍ୟ ତଥା ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ମତ୍ସ୍ୟସଂପଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଗତ ୨୦ ବର୍ଷରେ ସାମୁଦ୍ରିକ ଖାଦ୍ୟ ରପ୍ତାନୀ ପ୍ରାୟ ୧୨ଗୁଣ ବୃଦ୍ଧି ପାଇଛି । ୨୦୦୦-୦୧ ବର୍ଷରେ ଓଡ଼ିଶାରୁ ୩୭୯ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ବିଦେଶକୁ ରପ୍ତାନୀ ହୋଇଥିବାବେଳେ ୨୦୨୧-୨୨ ବର୍ଷରେ ଏହା ୪ ହଜାର ୫୨୬ କୋଟି ଟଙ୍କାରେ ପହଂଚିଛି । ଚିଙ୍ଗୁଡ଼ି ଚାଷ କ୍ଷେତ୍ରରେ ଓଡ଼ିଶା ଆଶାନୁରୂପ ସଫଳତା ପାଇବା ସହିତ ବୈଦେଶିକ ମୁଦ୍ରା ଅର୍ଜନ ହୋଇପାରୁଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଓଡ଼ିଶାର ସୁଦୀର୍ଘ ସାମୁଦ୍ରିକ ଉପକୂଳରୁ ସାମୁଦ୍ରିକ ଖାଦ୍ୟ ଉତ୍ପାଦନ ନିମନ୍ତେ ବିପୁଳ ସୁଯୋଗ ଓ ସମ୍ଭାବନାକୁ ଉପଯୋଗ କରିବା ପାଇଁ ମତ୍ସ୍ୟଚାଷୀ ଓ ମତ୍ସ୍ୟଚାଷ ଉଦ୍ୟୋଗୀମାନଙ୍କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆହ୍ୱାନ ଦେଇଛନ୍ତି । ଏଥି ସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପଂଚାୟତ ପୋଖରୀରେ ମାଛଚାଷ କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଅଗ୍ରଣୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ମତ୍ସ୍ୟଜୀବୀମାନଙ୍କୁ ଯନ୍ତ୍ରଚାଳିତ ମାଛଧରା ଡଙ୍ଗା ସମେତ ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆକର୍ଷଣୀୟ ରିହାତି ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ବିଗତ ବର୍ଷରେ ବାଲେଶ୍ୱର ଜିଲ୍ଲା ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିବା କଥା ମନ୍ତ୍ରୀ କହିବା ସହିତ ଆଗାମୀ ଦିନରେ ବାଲେଶ୍ୱର ରାଜ୍ୟରେ ଅଗ୍ରଣୀ ଭୂମିକା ନିର୍ବାହ କରିବ ବୋଲି ଆଶା ପ୍ରକାଶ କରିଥିଲେ ।

ଉତ୍ସବରେ ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡ଼ା ବାଲେଶ୍ୱର ଜିଲ୍ଲାରେ ମତ୍ସ୍ୟଚାଷର ଭିତିଭୂମିର ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଦିଗରେ ଗୁରୁତ୍ୱାରୋପ କରିଥିଲେ ।

ଏମ୍‌ପେଡ଼ାର ଉପନିର୍ଦ୍ଦେଶକ ଶ୍ରୀ ରାଜକୁମାର ନାୟକ ଚିଙ୍ଗୁଡ଼ି ଓ ମତ୍ସ୍ୟ ରପ୍ତାନୀ ଦିଗରେ ଓଡ଼ିଶାର ଭୂମିକା ଓ ବାଲେଶ୍ୱର ଜିଲ୍ଲାର ବିକାଶ ସଂପର୍କରେ ଆଲୋକପାତ କରିଥିଲେ । ମାଛଚାଷରେ କଟକଣା ଥିବା ଆଂଟିବାୟୋଟିକ୍‌ର ବ୍ୟବହାର ନକରିବା ପାଇଁ ଚାଷୀମାନଙ୍କୁ ନିବେଦନ କରିଥିଲେ । ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ସିନ୍ଧେ, ବିଭିନ୍ନ ମତ୍ସ୍ୟ ରପ୍ତାନୀ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକମାନଙ୍କ ସହିତ ଆଲୋଚନା କରି ବାଲେଶ୍ୱର ଜିଲ୍ଲା କିପରି ଅଧିକ ଉତ୍ପାଦନ ଓ ରପ୍ତାନୀ କ୍ଷେତ୍ରରେ ଆଗୁଆ ଜିଲ୍ଲା ହୋଇପାରିବ ସେ ସଂପର୍କରେ ଗୁରୁତ୍ୱାରୋପ କରିଥିଲେ ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରଦର୍ଶନୀ ଷ୍ଟଲ ଏବଂ ବାୟୋଫ୍ଲକ୍ ୟୁନିଟ୍‌କୁ ପରିଦର୍ଶନ କରିବା ସହ ରଷିଆ ଜଳଭଣ୍ଡାରରେ ନୂଆକରି ଆରମ୍ଭ ହୋଇଥିବା କେଜ୍ କଲଚର ମାଧ୍ୟମରେ ମାଛଚାଷକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ । ଉତ୍ସବରେ ୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨,୯୭,୯୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲ । ଏଥି ସହିତ ୭ ଜଣ ହିତାଧିକାରୀଙ୍କୁ ଶୀତତାପ ନିୟନ୍ତ୍ରିତ ଯାନ, ଅଟୋ ବରଫ ବାକ୍ସ ଏବଂ ମୋଟର ସାଇକେଲ୍ ବରଫ ବାକ୍ସ ପ୍ରଦାନ କରାଯାଇଥିଲା ।

ଉତ୍ସବରେ ଆକ୍ୱାଟିକ୍ ଫିଡ୍ ଡିଲର ଆସୋସିଏସନ୍‌ର ଉପସଭାପତି ପୌରୋହିତ୍ୟ କରିଥିବାବେଳେ ସଂସ୍ଥାର ସାଂଗଠନିକ ସଂପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ହାକାଥନ ପ୍ରତିଯୋଗିତାରେ ୫ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନିତ

କେନ୍ଦ୍ରାପଡ଼ା, ୧୧/୦୨ (ନି.ପ୍ର):କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ସ୍ତରୀୟ ହାକାଥନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଛତା ସ୍ଥିତ ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ପୂର୍ବାହ୍ଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ଉଦ୍‌ଘାଟନ କରିଥିଲେ । ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତୀ ମଲିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ଦାସ ମୁଖ୍ୟ ବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର ଓ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଆସିଥିବା ଶତାଧିକ ପ୍ରତିଯୋଗୀ ଇଂରାଜୀ ଓ ଓଡିଆ ପ୍ରବନ୍ଧ ଲିଖନ, ବକ୍ତୃତା, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ୨୫ଟି ବିଜ୍ଞାନ ଭିତିକ ପ୍ରକଳ୍ପ ପ୍ରଦର୍ଶନ କରାଯିବା ସହ ସାଇବର ସିକ୍ୟୁରିଟି, ସ୍ମାଟ ଏଗ୍ରିକଲଚର, ଡିଜିଟାଲ ଏନରର୍ଜି ପ୍ରଭୃତି ପ୍ରକଳ୍ପ ଗୁଡିକ ପ୍ରଦର୍ଶିତ ହୋଇଥିଲା । ଅପରାହ୍ଣରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼ଃ ଗୁଣନିଧି ପ୍ରଧାନ ମୁଖ୍ୟ ଅତିଥି ଓ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼ଃ ସେକ ସମସୁର ମୁଖ୍ୟ ବକ୍ତା, ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ ମଲିକ, ଅଧକ୍ଷା ରତ୍ନମଣି ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପିଲାମାନଙ୍କ ମନରେ ବୈଜ୍ଞାନିକ ଗୁଣ ବୃଦ୍ଧି କରିବା, ଗବେଷଣାତ୍ମକ ଚିନ୍ତାଧାରା ପ୍ରତି ଆଗ୍ରହ ସୃଷ୍ଟି ଓ ଜୈବିକ କୃଷିଦ୍ୱାରା ସ୍ୱାବଲମ୍ବୀ ହେବାପାଇଁ ମନୋଭାବ ଜାଗ୍ରତ କରିବା ଉଦ୍ଦେଶ୍ୟ ରହିଛି । ଏହାସହ ୫ଟି ପ୍ରକଳ୍ପ ରାଜ୍ୟ ସ୍ତରକୁ ମନୋନିତ୍ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି ଲଲାଟ କିଶୋର ଭୂୟାଁ, ପ୍ରଣବ କୁମାର ଜେନା, ପିତବାସ ପଣ୍ଡା, ରମେଶ ଚନ୍ଦ୍ର ପତି, ସୁରତ କୁମାର ସାହୁ, ଶିବ ନାରାୟଣ ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ଭାଗିରଥୀ ମହାନ୍ତି, ବୀରବର ସେନାପତି, ନରହରି ସୁତାର, ପ୍ରଦିପ କୁମାର ନାୟକ, ଆଦିକନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ବିଜ୍ଞାନ ପରିଦର୍ଶକ ନିସିନ୍ଧ ବାରିକ ଓ ପ୍ରକାଶ ଚନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଭୟ ପୁଅ ଓ ଝିଅଙ୍କୁ ଯୌନଶୋଷଣ ସମ୍ବନ୍ଧରେ ସଚେତନ କରିବାର ଆବଶ୍ୟକତା ରହିଛି : ସୁନୀତା କ୍ରିଷ୍ଣନ୍

ଭୁବନେଶ୍ୱର, ୧୧/୦୨ (ନି.ପ୍ର): ପିଲାମାନଙ୍କୁ ଏକ ସୁରକ୍ଷିତ ଶୈଶବ ପ୍ରଦାନ କରିବା ସମସ୍ତଙ୍କର ଦାୟିତ୍ୱ । ସେମାନଙ୍କୁ ଭଲ ଓ ଖରାପ ସ୍ୱର୍ଶ ଏବଂ ବ୍ୟବହାର ବିଷୟରେ ଶିଖାଇବା ଅଭିଭାବକ, ସମାଜ, ଶିକ୍ଷାନୁଷ୍ଠାନ ଏବଂ ସରକାରଙ୍କର କର୍ତବ୍ୟ । ଉଭୟ ପୁଅ ଓ ଝିଅଙ୍କୁ ଛୋଟବେଳୁ ହିଁ ମାନସିକ ଓ ଶାରିରୀକ ସୁରକ୍ଷା ବିଷୟରେ ବିଦ୍ୟାଳୟସ୍ତରରେ ସଚେତନ କରିବାର ଆବଶ୍ୟକତା ରହିଛି । ଯୌନଶୋଷଣ, ନିର୍ଯାତନା ଓ ଅପରାଧ ସମ୍ବନ୍ଧରେ ସେମାନଙ୍କୁ ସଚେତନ କରିବା ବର୍ତମାନ ସମୟରେ ଜରୁରୀ ହୋଇପଡ଼ିଛି । ପିଲାମାନଙ୍କ ସୁରକ୍ଷା ଓ ନିରାପତାକୁ ପ୍ରାଥମିକତା ଦିଆଯାଇ ସ୍କୁଲ ପାଠ୍ୟକ୍ରମରେ ଯୌନ ସଚେତନତା ଅନ୍ତର୍ଭୁକ୍ତ କରିବା ଅବାଶ୍ୟକ ବୋଲି ପ୍ରତିଷ୍ଠିତ ସାମାଜିକ କର୍ମୀ ତଥା 'ପ୍ରାଜ୍ୱଳା'ର ସହ ପ୍ରତିଷ୍ଠାତା ଡ. ସୁନୀତା କ୍ରିଷ୍ଣନ୍ କହିଛନ୍ତି । ଶୁକ୍ରବାର 'ମୋ ସ୍କୁଲ୍ ଅଭିଯାନ' ରାଜ୍ୟ କାର୍ଯ୍ୟାଳୟ ଗସ୍ତକରିବା ଅବସରରେ ସେ 'ମୋ ସ୍କୁଲ୍' ଅଧକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀଙ୍କ ସହ ସାକ୍ଷାତ କରିବା ସହ ଶିକ୍ଷାନୁଷ୍ଠାନରେ ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱଥି ଏସ୍. ଏବଂ 'ମୋ ସ୍କୁଲ୍' ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଅମରଜିତ ଜେନାଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେ କହିଥିଲେ, ପିଲାମାନଙ୍କ ପ୍ରତି ଦିନକୁ ଦିନ ଯୌନ ନିର୍ଯାତନା ମାମଲା ବଢ଼ୁଥିବାବେଳେ ୧୮ବର୍ଷରୁ କମ୍ ବୟସର ବହୁ ଯୁବତୀଙ୍କୁ ବାହାର ରାଜ୍ୟ ଏବଂ ଦେଶକୁ ଚାଲାଣ କରାଯାଉଛି । ସାମାନ୍ୟ ଅର୍ଥଲୋଭରେ ନିଜ ସମ୍ପର୍କୀୟ ଲୋକ ମଧ୍ୟ ପିଲାମାନଙ୍କୁ ଦଲାଲମାନଙ୍କ ପାଖରେ ବିକ୍ରି କରିଦେଉଛନ୍ତି । ବହୁ ପ୍ରତିକୂଳ ପରିସ୍ଥିତିରେ ସେମାନଙ୍କୁ ପୋଲିସ ପ୍ରଶାସନ ଉଦ୍ଧାର କଲେ ମଧ୍ୟ ପରବର୍ତୀ ସମୟରେ ସେମାନଙ୍କୁ ସେମାନଙ୍କର ପରିବାର ଲୋକେ ଗ୍ରହଣ କରୁନାହାନ୍ତି । ଏନେଇ ଆମ ସମାଜର ମାନସିକତାରେ ପରିବର୍ତନ ଆସିବାର ଆବଶ୍ୟକତା ରହିଛି । ଶିଶୁମାନଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ମାନସିକ ଓ ଶାରିରୀକ ଭାବରେ ସୁସ୍ଥ ଶିଶୁ ହିଁ କାଲିକୁ ଏକ ଉତମ ନାଗରିକ ହେବା ସହ ରାଷ୍ଟ୍ରଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ସେ କହିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଡ. ସୁନୀତା କ୍ରିଷ୍ଣନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ 'ପ୍ରାଜ୍ୱଳା' ମାନବଚାଲାଣ ପ୍ରତିରୋଧ ପାଇଁ କାର୍ଯ୍ୟ କରୁଥିବାବେଳେ ଏବେ ସୁଦ୍ଧା ୧୭,୮୦୦ରୁ ଉର୍ଦ୍ଧ୍ୱ ଯୁବତୀଙ୍କୁ ଯୌନଶୋଷଣ କବଳରୁ ରକ୍ଷାକରିଛି । ଏଥିପାଇଁ ସୁନୀତା ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ମଧ୍ୟ ସମ୍ମାନୀତ ହୋଇଛନ୍ତି ।

## ଭଣ୍ଡା କେ.ବି. ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚମ୍ପୁଆ, ୧୧/୦୨ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା କେ. ବି. ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହା ସମାରୋହରେ ପାଳିତ ହୋଇଯାଇଛି । ଉତ୍ସବରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପାଟଣାର ପୂର୍ବତନ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ହୃଷିକେଶ ନାଏକ, ମୁଖ୍ୟବକ୍ତା ଭାବେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡଃ. ଦୀପକ କୁମାର ସାହୁ, ସମ୍ମାନିତ ଅତିଥି ବଡ଼ବିଲ-ରୁଙ୍ଗଟା ମାଇନ୍ସର ବରିଷ୍ଠ ପ୍ରବନ୍ଧକ ଚିନ୍ମୟ କୁମାର ମହାନ୍ତ ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବୈଲୋଚନ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ସଫଳତାର ସିଡି ଚଢ଼ିବାକୁ ହେଲେ ସ୍ୱପ୍ନ, ବିଶ୍ୱାସ, ଅଭ୍ୟାସ ଓ ସିଷ୍ଟମ୍ କୁ ଅନୁସରଣ କରିବାକୁ ପଡ଼ିବ ବୋଲି ଦିଗଦର୍ଶନ ଦେଇଥିଲେ । କଠିନ ପରିଶ୍ରମ କରି, ଭଲ ପାଠ ପଢ଼ି ବିଦ୍ୟାଳୟ ତଥା ଦେଶର ସୁନାମ ଆଣିବାକୁ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ । ପ୍ରଥମେ ଅତିଥିମାନେ ବିଦ୍ୟାଦାତା ପ୍ରଭୁ ଗଣେଶଙ୍କ ଫଟୋଚିତ୍ରରେ ଧୂପ-ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶିକ୍ଷୟିତ୍ରୀ ପୂର୍ଣ୍ଣିମା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଶେଖ୍ ଇଶହାକ୍ ବାର୍ଷିକ ବିବରଣୀ ପାଠ କରିଥିଲେ ।

# ପ୍ରଧାନଶିକ୍ଷକ ସମ୍ମିଳନୀ ଉଦ୍‌ଯାପିତ

ପୁରୀ, ୧୧/୦୨ (ନି.ପ୍ର): ଟାଉନ ହଲଠାରେ ଦୀର୍ଘ ୩ ଦିନ ଧରି ପରିଚାଳିତ ହେଉଥିବା ପୁରୀ ଜିଲ୍ଲା ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ ଆଜି ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗୃହ ତଥା କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠପଢ଼ା ସହ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଯତ୍ନବାନ ହେବାକୁ ପ୍ରେରଣା ଦେଇଥିଲେ । ପାଠରେ ଭଲ କରୁ ନ ଥିବା ଛାତ୍ର ମଧ୍ୟ କ୍ରୀଡ଼ା କ୍ଷେତ୍ରରେ ଭଲ କରି ଜୀବନ ଓ ଜୀବିକାକୁ ସାର୍ଥକ କରିପାରିବେ ବୋଲି ମତପୋଷଣ କରିଥିଲେ । ସମ୍ମାନୀତ ଅତିଥି ରୂପେ ପୁରୀ ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଉପସ୍ଥିତ ହୋଇ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପ୍ରଧାନଶିକ୍ଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସେମାନେ ସକ୍ରିୟ ହେଲେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ହେବା ସହ ସାମଗ୍ରିକ ବିକାଶ ସାଧିତ ହୋଇପାରିବ ବୋଲି କହିଥିଲେ । ଏନ୍ ସି ଆର ଟି ପ୍ରଫେସର ଲକ୍ଷ୍ମୀଧର ବେହେରା ୨୦-୨୦ ନ୍ୟାସନାଲ ଏଜୁକେସନ ପଲିସି ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରିଥିଲେ । ପୁରୀ ଜିଲ୍ଲା ସ୍କୁଲ୍ ପ୍ରଧାନଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ମିଶ୍ର ବିଦ୍ୟାଳୟର ପ୍ରାର୍ଥନା ସଭା ସୁପରିଚାଳନା ଓ ଅନ୍ୟାନ୍ୟ ଇନୋଭେଟିଭ୍ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସମଗ୍ର ଶିକ୍ଷା ବିଭାଗର ରମେଶ ଚନ୍ଦ୍ର ସାହୁ ଓ ବିଚିତ୍ରାନନ୍ଦ ଜେନା ପେଡାଗୋଜି ଓ ଅର୍ଥ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ପୁରୀ ଆରଟିଓ ରବୀନ୍ ପଟ୍ଟନାୟକ ସଡକ ନିରାପତା ଓ ଡିସିପିଓ, ମନୋଜ କୁମାର ତ୍ରିପାଠୀ ଶିଶୁ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ଶାରିରୀକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ କ୍ରୀଡ଼ା, ସ୍କାଉଟସ୍ ଓ ଜୁନିୟର ରେଡ଼କ୍ରସ୍ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ବିଶ୍ୱଜିତ ଭୋଳ ପ୍ରୋଗ୍ରାମର, ପି ଏମ୍ ପୋଷଣ ଏମ୍ ଡି ଏମ୍ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ କାର୍ତିକେଶ୍ୱର ପ୍ରଧାନ ଭିନ୍ନକ୍ଷମ ପିଲାମାନଙ୍କ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ସୁଶୀଲ କୁମାର ବ୍ରହ୍ମା ମଣ୍ଡଳ ଶିକ୍ଷାଧିକାରୀ, ଗୋପ, ଶିକ୍ଷାର୍ଥୀ ମାନଙ୍କ ବୀମା ଯୋଜନା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମର୍ଥ ସଂଯୋଜନା ଓ ସଭାପତି ତଥା ଜିଲ୍ଲା ଶିକ୍ଷାଧିକାରୀ ଡଃ. ବିଶ୍ୱଜିତ ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ପ୍ରଧାନଶିକ୍ଷକ ରୂପଶ୍ରୀ ଛୋଟରାୟ ବିବରଣୀ ପାଠ କରିଥିଲେ ଓ ଶଙ୍କର କୁମାର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରହ୍ମା କୁମାରୀ ଗୀତା ପାଠଶାଳାର ରୌପ୍ୟ ଜୟନ୍ତୀ ସମାରୋହ

ଗଞ୍ଜାମ, ୧୧/୦୨ (ନି.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଶକ୍ତି ଭବନ ଦ୍ୱାରା ସ୍ଥାପିତ ତଥା ପରିଚାଳିତ ପିତଳ ତେଲିସାହି ସ୍ଥିତ ବ୍ରହ୍ମାକୁମାରୀ ଗୀତା ପାଠଶାଳାର ସ୍ଥାପନାର ୨୫ତମ ସ୍ୱନକ୍ଷତ୍ର ଦିବସ ତଥା ରୌପ୍ୟ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଶାନ୍ତି ଶକ୍ତି ଭବନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ତଥା ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତିଙ୍କ କରକମଳରେ ଶିବଧ୍ୱଜା ଉତୋଳନ କରିବା ପରେ ଶତାଧିକ ଭଉଣୀ ଭାଇ ଶିବ ସନ୍ଦେଶ ଦେବା ଉଦ୍ଦେଶ୍ୟରେ ଶାନ୍ତି ଯାତ୍ରାରେ ପିତଳ, ତ୍ରଅର, ବ୍ରାହ୍ମଣ ଛାଇ, ଆମ୍ବିଳାପଲ୍ଲୀ ଓ ପଙ୍କଳବାଡି ଆଦି ଗ୍ରାମ ପରିକ୍ରମା କରିଥିଲେ । ସନ୍ଧ୍ୟାରେ ପିତଳ ତେଲି ସାହି ସ୍ଥିତ ଗୀତା ପାଠଶାଳା ସମ୍ମୁଖରେ ଏକ ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଧରାକୋଟର ପୂର୍ବତନ ସରପଂଚ ମନୋଜ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତି, ଜିଲ୍ଲା ପରିଷଦ ପ୍ରତିନିଧି ବରୁଣ କୁମାର ପଲାଇ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ, ସହଜ ରାଜଯୋଗ ଅଭ୍ୟାସ କରି ବିଗତ ୨୫ ବର୍ଷ ମଧ୍ୟରେ ପିତଳ ଗ୍ରାମପଂଚାୟତର ଶତାଧିକ ଭଉଣୀ ଭାଇଙ୍କ ସରଳ, ନିରାଡମ୍ବର, ସାତ୍ୱିକ ଜୀବନଶୈଳୀ ଅଂଚଳବାସୀଙ୍କ ପାଇଁ ଆଦର୍ଶ ବନିଛି । ସମ୍ମାନିତ ଅତିଥି ଧରାକୋଟ ପୂର୍ବତନ ସରପଂଚ ମନୋଜ ସ୍ୱାଇଁ ଓ ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତି ବ୍ରହ୍ମାକୁମାରୀ ମୁଖ୍ୟାଳୟ ମାଉଂଟ ଆବୁ ଦର୍ଶନ ସମୟର ଅନୁଭୁତି ପ୍ରକାଶ କରିଥିଲେ । ସମସ୍ତଙ୍କ ଗହଣରେ ରଜତ ଜୟନ୍ତୀ ଉପଲକ୍ଷେ ପରମାତ୍ମାଙ୍କ ସ୍ମୃତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ବ୍ରହ୍ମାକୁମାର ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରହ୍ମାକୁମାର ପଂଚାନନ, ପଂଚାୟତ୍ରି, ରାମପ୍ରସାଦ, ଲୋଚନ, ରାଧାଶ୍ୟାମ ଓ ବ୍ରହ୍ମାକୁମାରୀ ଲୀଳା, ଭାଗ୍ୟ, ସୁଜ୍ଞାନୀ, ସ୍ମିତା, ସୁମିତ୍ରା, କସ୍ତୁରି, ସବିତା ତଥା ଅନ୍ୟାନ୍ୟ ଭଉଣୀ ଭାଇ ପରିଚାଳନାରେ ସହଯୋଗ କରିଥିଲେ ।

## ମାଲପଡ଼ା ନାଗରିକ କମିଟିର ବୈଠକ

ବଲାଙ୍ଗୀର, ୧୧/୦୨ (ନି.ପ୍ର): ମାଲପଡା ନାଗରିକ କମିଟିର ମାସକିଆ ବୈଠକ ମାଲପଡା ଠାରେ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମାଲପଡାର ବିଭିନ୍ନ ସମସ୍ୟା ଓ ଉନ୍ନତିକରଣ ସମ୍ବନ୍ଧରେ ଆଗତ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା ଯଥା ମାଲପଡାର ରାସ୍ତାମାନ ଅତ୍ୟନ୍ତ ଶୋଚନିୟ ଅବସ୍ଥାରେ ଅଛି ଯଥା ରାସ୍ତା ମଧ୍ୟରେ ଖାଲ,ଢିପ, ଆବର୍ଜନା ପୂର୍ଣ୍ଣ ରହିଛି । ପୂର୍ବରୁ ଏହା ଉପରେ ମ୍ୟୁନିସିପାଲଟିକୁ ବହୁବାର ଅନୁସୂଚିତ କରାଯାଇଛି କିନ୍ତୁ ଫଳପ୍ରତ ହୋଇନାହିଁ । ଏହା ବ୍ୟତିତ ମାଲପଡା ସ୍କୁଲ ଗୃହ ଭଙ୍ଗାରୁଚା ହୋଇ ଗଲାଣି ତାହାର ମଧ୍ୟ ନୂତନ ଗୃହ ନିର୍ମାଣ କରାଯାଉନାହିଁ ।

# ଫାଇଲେରିଆ ନିରାକରଣ ସଚେତନତା

ଭୁବନେଶ୍ୱର, ୧୧/୦୨ (ନି.ପ୍ର): ଫେବ୍ରୁୟାରୀ ୧୦ ତାରିଖରୁ ଫାଇଲେରିଆ ନିରାକରଣ ସ୍ୱାସ୍ଥ୍ୟକର୍ମୀ ମାନେ ଘର ଘର ବୁଲି ଔଷଧ ଖୁଆଇବେ । ଏହି ବାର୍ତାକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ସମ୍ପର୍କ ଦ୍ୱାରା ସ୍ମାର୍ଟ ସହାୟତାରେ ଫାଇଲେରିଆ ନିରାକରଣ ପାଇଁ ଏକ ସଚେତନତା ମୂଳକ ପ୍ରଚାର ଅଭିଯାନ ଫେବ୍ରୁୟାରୀ ୧ ତାରିଖରୁ ଆରମ୍ଭ ହୋଇଛି । ବିଭିନ୍ନ ସଚେତନତା ମୂଳକ ବାର୍ତା ମାଧ୍ୟମରେ ଲୋକଙ୍କ ପାଖରେ ଫାଇଲେରିଆ ରୋଗରୁ ରକ୍ଷା ପାଇବା ପାଇଁ ଫେବ୍ରୁୟାରୀ ୧୦ ତାରିଖରେ ଔଷଧ ସେବନ ପାଇଁ ସଚେତନ କରାଯାଉଛି ।

ଏଥି ସହିତ ରେଡିଓ ସମ୍ପର୍କ ଟିମ ଆଶା ଓ ଅଙ୍ଗନବାଡି କର୍ମୀ ମାନଙ୍କ ସହମିଶି କମ୍ୟୁନିଟିରେ ସଭା କରି ଲୋକଙ୍କୁ ସଚେତନ କରୁଛନ୍ତି । ରେଡିଓ ସମ୍ପର୍କର ସାମାଜିକ ଗଣମାଧ୍ୟମରେ ମଧ୍ୟ ବିଭିନ୍ନ ସଚେତନତା ମୂଳକ ବାର୍ତା ଦ୍ୱାରା ଫେବ୍ରୁୟାରୀ ୧୦ ତାରିଖ ବିଷୟରେ ଲୋକଙ୍କୁ ସଚେତନ କରାଯାଉଛି । ଫାଇଲେରିଆ ରୋଗର କାରଣ, ଏହାର ନିରାକରଣ ଓ ଏଥି ସହିତ ଥିବା ସମସ୍ୟାକୁ ନେଇ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ସମ୍ପର୍କ ୮୯.୬ ଦ୍ୱାରା ରେଡିଓ କାର୍ଯ୍ୟକ୍ରମ ମାଧ୍ୟମରେ ଏ ବିଷୟରେ ସୂଚନା ମଧ୍ୟ ଲୋକଙ୍କୁ ଦିଆଯାଉଛି । ଏହି ଅଭିଯାନ ଫେବ୍ରୁୟାରୀ ମାସ ୨୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ।

ଫାଇଲେରିଆ ରୋଗ କ୍ୟୁଲେକ୍ସ ନାମକ ମଶା କାମୁଡିବା ଯୋଗୁଁ ବ୍ୟାପୀ ଥାଏ । ଏହା ଏକ ସଂକ୍ରମିତ ରୋଗ ଅଟେ । ଏହାକୁ ହାତୀପାଦ ରୋଗ ମଧ୍ୟ କୁହାଯାଏ ଓ ଏହି ରୋଗର ଲକ୍ଷଣ ୫ ରୁ ୧୫ ବର୍ଷ ପରେ ପ୍ରକାଶ ପାଏ । ଏହି ରୋଗର ଲକ୍ଷଣ ହେଲା ଜର ହେବା, ପାଦ ଦରଜ ହେବା, କୁଣ୍ଡାଇ ହେବା ଇତ୍ୟାଦି । ଏହି ରୋଗର କୌଣସି ଚିକିତ୍ସା ନାହିଁ ଓ ଏହି ରୋଗ ଥରେ ହେଲେ ସାରା ଜୀବନ ପାଇଁ ଏଥିରୁ ମୁକ୍ତି ମିଳେନା ।

ଶରୀରରେ ବିକଳାଙ୍ଗତା ସୃଷ୍ଟି କରିବା ସହିତ ଏହା ରୋଗୀର ମାନସିକତା କୁ ମଧ୍ୟ ପ୍ରଭାବିତ କରିଥାଏ । ବର୍ଷ କୁ ଥରେ ମାତ୍ର ଔଷଧ ସେବନ ଦ୍ୱାରା ଏହି ରୋଗରୁ ମୁକ୍ତି ମିଳିପାରିବ । ଜାନୁୟାରୀ ୨୮ ରେ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସାରା ଭାରତରେ ଫାଇଲେରିଆ ରୋଗ ର ନିରାକରଣ ପାଇଁ ଏକ ଅଭିଯାନ ଫେବ୍ରୁୟାରୀ ୧୦ ତାରିଖ ରେ ଆରମ୍ଭ କରିବେ ଓ ଏହି ଦିନ ସ୍ୱାସ୍ଥ୍ୟ କର୍ମୀ ମାନଙ୍କର ଏକ ଦଳ ଘରଘର ବୁଲି ଲୋକଙ୍କୁ ଔଷଧ ଖୁଆଇବେ । ଫାଇଲେରିଆ ରୋଗ ଉପରେ ଜନସଚେତନା ଓ ଏହାର ସଂପୂର୍ଣ୍ଣ ନିରାକରଣ ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

# ବ୍ୟାଙ୍କ ଆକାଉଂଟରୁ ୮୨ ହଜାର ଟଙ୍କା ଗାଏବ୍ ଅଭିଯୋଗ

ଗଞ୍ଜାମ, ୧୧/୦୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଉପକଣ୍ଠ ବ୍ରଜନଗର ଦ୍ୱିତୀୟ ଲେନ୍ ରେ ରହୁଥିବା ବସନ୍ତ କୁମାର ଦାଶଙ୍କ ବ୍ୟାଙ୍କ ଆକାଉଂଟରୁ ୮୨ ହଜାର ଟଙ୍କା ଗାଏବ୍ ହୋଇଥିବା ଜଣାପଡିଛି । ତାଙ୍କ ବ୍ୟାଙ୍କ ଆକାଉଂଟ ଭାବିନିପୁର ଏସବିଆଇ ଶାଖାରେ ରହିଛି । ତାଙ୍କ ପାଖକୁ କୌଣସି ଓଟିପି, ମେସେଜ୍ କିମ୍ବା କଲ୍ ଆସିନଥିଲେ ମଧ୍ୟ ଏହି ଟଙ୍କା କିପରି ବ୍ୟାଙ୍କ ଆକାଉଂଟରୁ ଗାଏବ୍ ହୋଇଛି, ସେ ସମ୍ପର୍କରେ ସେ ବ୍ୟାଙ୍କ କର୍ତୃପକ୍ଷଙ୍କୁ ପ୍ରଶ୍ନ କରିବା ସହ ଏହି ଟଙ୍କା ଆକାଉଂଟକୁ ଫେରସ୍ତ କରିବା ପାଇଁ ଅନୁରୋଧ କରିଥିଲେ । ତେବେ ବ୍ୟାଙ୍କ କର୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରିନଥିବା ବସନ୍ତ ଅଭିଯୋଗ କରିଛନ୍ତି । ତେଣୁ ସେ ଆଜି ବାଧ୍ୟ ହୋଇ ଏ ସଂକ୍ରାନ୍ତରେ ବ୍ରହ୍ମପୁର ସାଇବର ଥାନାରେ ଏତଲା କରିଛନ୍ତି ।

# ପୂର୍ବତଟ ରେଳପଥ : ଗତ ୮ ବର୍ଷ ମଧ୍ୟରେ ୧୬୪୦୫ ଖାଲି ପଦବୀ ପୂରଣ ହୋଇଛି

ଭୁବନେଶ୍ୱର, ୧୧/୦୨ (ନି.ପ୍ର): ପୂର୍ବ ତଟ ରେଳପଥ ମଧ୍ୟରେ ଗତ ଆଠ ବର୍ଷରେ ରେଳବାଇ ନିଯୁକ୍ତି ବୋର୍ଡ (ଆରଆରବି) ଏବଂ ରେଳବାଇ ନିଯୁକ୍ତି ସେଲ୍ (ଆରଆରସି) ଦ୍ୱାରା ନିଯୁକ୍ତି ଅଭିଯାନ ମାଧ୍ୟମରେ ୧୬ ହଜାର ୪୦୫ ଟି ଖାଲି ପଦ ପୂରଣ କରାଯାଇଅଛି । ରେଳବାଇରେ ନିରାପତା ହେଉଛି ସର୍ବୋଚ୍ଚ ପ୍ରାଥମିକତା । ରେଳ ଚଳାଚଳ କ୍ଷେତ୍ରରେ ନିରାପତା ସମ୍ବନ୍ଧୀୟ ସମ୍ବେଦନଶୀଳ ବିଷୟରେ ରେଳବାଇ ସର୍ବଦା ଅବଗତ ଅଛି । ପୂର୍ବ ତଟ ରେଳପଥ କ୍ରମାଗତ ଭାବରେ ଏହାର ମାନବ ସମ୍ବଳ ବିଷୟବସ୍ତୁକୁ ନଜର ରଖି ନିରନ୍ତର ଭାବେ ଖାଲି ପଦବୀ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଅଛି । କୋଭିଡ୍ -୧୯ ମହାମାରୀର ଆହ୍ୱାନ ସତ୍ତ୍ୱେ ପୂର୍ବତଟ ରେଳପଥ କାର୍ଯ୍ୟବଳ ୧ ଏପ୍ରିଲ ୨୦୧୯ ସୁଦ୍ଧା ୪୫,୫୦୭ ରୁ ୧ ଜାନୁୟାରୀ ୨୦୨୩ ରେ ୪୭,୩୩୧ କୁ ବୃଦ୍ଧି ପାଇଛି ।

ପୂର୍ବ ତଟ ରେଳପଥରେ ଗତ ୮ ବର୍ଷ ମଧ୍ୟରେ ସ୍ତର-୧ ପଦବୀରେ ମୋଟ ୫୨୫୯ ଜଣ ପ୍ରାର୍ଥୀ ନିଯୁକ୍ତ ହୋଇଛନ୍ତି ଏବଂ ଏହି ନିଯୁକ୍ତି ପ୍ରକ୍ରିୟା ରେଳବାଇ ନିଯୁକ୍ତି ସେଲ୍ (ଆରଆରସି) ଦ୍ୱାରା କରାଯାଇଥିଲା । ସ୍ତର-୧ ପଦବୀ ବ୍ୟତୀତ, ଗତ ୦୮ ବର୍ଷ ମଧ୍ୟରେ ବିଭିନ୍ନ ବର୍ଗରେ ପୂର୍ବ ତଟ ରେଳପଥରେ ୧୧୧୪୬ ଜଣ ପ୍ରାର୍ଥୀ ନିଯୁକ୍ତ ହୋଇଛନ୍ତି । ଉପରୋକ୍ତ ସମସ୍ତ ପଦବୀଗୁଡିକରେ ଅଧିକ ସଂଖ୍ୟକ ସୁରକ୍ଷା ବର୍ଗ ପଦବୀ ଏବଂ କିଛି ସାଧାରଣ ବର୍ଗ ପଦବୀ ଅନ୍ତର୍ଭୁକ୍ତ । ଏଗୁଡ଼ିକ ବ୍ୟତୀତ, ସୁରକ୍ଷା ବର୍ଗରେ ସର୍ବାଧିକ ସଂଖ୍ୟା ସମେତ ବିଭିନ୍ନ ସ୍ତରରେ ଆରଆରବି ଏବଂ ଆରଆରସି ଦ୍ୱାରା ୨,୮୫୮ ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଶେଷ ପର୍ଯ୍ୟାୟରେ ଅଛି । ଫଳସ୍ୱରୂପ, ପୂର୍ବତଟ ରେଳପଥରେ ମୋଟ ଅନୁମୋଦିତ କର୍ମଚାରୀଙ୍କ ଖାଲିଥିବା ପଦବୀଗୁଡିକ ୧ ଏପ୍ରିଲ ୨୦୧୯ ବେଳକୁ ୧୭.୩% ରୁ ୧ ଜାନୁୟାରୀ, ୨୦୨୩ ରେ ୧୪.୯% କୁ ହ୍ରାସ ପାଇଅଛି । ଏହା ସୂଚିତ କରେ ଯେ ପୂର୍ବ ତଟ ରେଳବାଇରେ ଏହି ପଦବୀଗୁଡ଼ିକ ନିୟମିତ ଭାବରେ ପୂରଣ ହେଉଛି ।

# ଆବାସ ଯୋଜନା ଅନିୟମିତତା ପ୍ରତିବାଦରେ ବିଜେପି ପକ୍ଷରୁ ବ୍ଲକ ଘେରାଉ

କେନ୍ଦ୍ରାପଡ଼ା, ୧୧/୦୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ପକ୍ଷରୁ ପ୍ରକାଶ ପାଉଥିବା ଆବାସ ଯୋଜନା ତାଲିକାରେ ଅନିୟମିତତା ପ୍ରତିବାଦରେ ବ୍ଲକ ଘେରାଉ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଶତାଧିକ ବିଜେପି କର୍ମୀ ଏହି ଘେରାଉରେ ସାମିଲ ହୋଇ କେନ୍ଦ୍ରାପଡ଼ା ବ୍ଲକ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଅଚଳ କରି ଦଳୀୟ ପତାକା ଉତୋଳନ କରିଥିଲେ । ଜିଲ୍ଲାର ପ୍ରତି ବ୍ଲକ ଅଧିନ ପଂଚାୟତରେ ଲଗାଯାଇ ଥିବା ତାଲିକାରେ ବ୍ୟାପକ ଅନିୟମିତତା ଓ ପକ୍ଷପାତତା କରାଯାଇଛି । ସ୍ଥାନୀୟ ବିଜେଡି ନେତା ଓ ଅଫସିରମାନଙ୍କ ସଲାସୁତରାରେ ଅଯୋଗ୍ୟ ତଥା ଶାସକ ଦଳର ଦଳୀୟ କର୍ମୀମାନଙ୍କ ନାମ ରଖାଯାଇ ଯୋଗ୍ୟ ତଥା ଗରିବ ହିତାଧିକାରୀଙ୍କୁ ଉପେକ୍ଷା କରାଯାଇ ଥିବାର ଦାବିକରି ବିଜେପି ତରଫରୁ ସ୍ଥାନୀୟ ସାନ୍ତସାହି ପୋଲ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ ଘେରାଉ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୨ ଫେବୃଆରୀ, ୨୦୨୩
email : rabibarachayan2015@gmail.com

ର ବି ବା ର ଚ






.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୦୯

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ତତ୍ପରେ ତାହା ସକାଶେ କେତେ ଆବଶ୍ୟକୀୟ ଜିନିଷମାନ କିଣିଦେଲି ଓ ପରଦିନ ତାକୁ ହଷ୍ଟେଲରେ ଛାଡ଼ିଦେଲି । ତାହାଠାରୁ ବିଦାୟ ହୋଇ ଆସିବା ବେଳେ ଉମା ଚକ୍ଷୁରୁ ଲୁହ ବୁହେଇ କହିଲା, 'ବାପା ! ନିରୁନାନୀ ପାଇଁ କେଡ଼େ ସୁନ୍ଦର ବନ୍ଦୋବସ୍ତ କରିଦେଲ, ମୋ ପାଇଁ କିଛି କଲ ନାହିଁ । ହଷ୍ଟେଲରେ ରହି ମୁଁ ପାଠ ପଢ଼ିପାରିବି ନାହିଁ। ଆଲୁଅର ଚାରିଆଡ଼େ ଟିଣର ନନ୍ଦିଆ ଦେଇଥିବାରୁ ତାହାର ତଳେ ଅତି ଅଳ୍ପ ସ୍ଥାନରେ ଆଲୁଅ ପଡୁଛି ଓ ଗୋଟିଏ ଟେବୁଲରେ ୮/୯ ଜଣ ପଢୁଥିବାରୁ କେହି ଭଲ ଭାବରେ ସେହି ଆଲୁଅରେ ପଢ଼ି ପାରୁ ନାହାନ୍ତି । ଖାଇବା ପିଇବା ଅସୁବିଧା ।" ଏ ବିଷୟ ସବୁର ପ୍ରତିକାର ସକାଶେ ମିସ୍ ନାୟକଙ୍କୁ କହିବି ଓ ତାହା ସମ୍ଭବ ନହେଲେ, ଉମାକୁ ଅଗତ୍ୟା ଫେରିଯିବାକୁ ହୁଏ ତାହାହେଲେ ତାକୁ ବାଧ ହୋଇ ସମ୍ବଲପୁର ଜିଲ୍ଲା ସ୍କୁଲରେ ଭର୍ତ୍ତି କରିବାକୁ ହେବ । ଏହାର ଅନୁମତି ସକାଶେ ସ୍କୁଲ ଇନ୍‌ସପେକ୍ଟର ମି. ରାୟଙ୍କ ସଙ୍ଗେ ସାକ୍ଷାତ କଲି । କାରଣ ଉମା ସେହିବର୍ଷ ମେଟ୍ରିକ୍ୟୁଲେଶନ୍ ପରୀକ୍ଷାରେ ପ୍ରଥମ ବିଭାଗରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇବା ଆଶା ଥିଲା ଓ ନିୟମାନୁସାରେ ପୂର୍ଣ୍ଣ ବର୍ଷେକାଳ କୌଣସି ପରିଚିତ ସ୍କୁଲରେ ନ ପଢ଼ିଲେ ବୃତ୍ତି ପାଇବ ନାହିଁ । ସମ୍ବଲପୁର ଜିଲ୍ଲା ସ୍କୁଲରେ ଭର୍ତ୍ତି ହେବାପାଇଁ ଅନୁମତି ଦେବା ସକାଶେ ମି.ରାୟଙ୍କୁ ଅନୁରୋଧ କଲି ଓ ସେ ଅନୁମତି ଦେବେ ବୋଲି ପ୍ରତିଶ୍ରୁତି ଦେଲେ ଏବଂ ସେହିଦିନ ସେ ସମ୍ବଲପୁର ଜିଲ୍ଲା ସ୍କୁଲର ହେଡ୍‌ମାଷ୍ଟରଙ୍କଠାରୁ ପତ୍ର ଲେଖିବେ ବୋଲି କହିଲେ । ତାଙ୍କଠାରୁ ଚାଲିଆସି ମିସ୍ ନାୟକଙ୍କ ସଙ୍ଗେ ପୁଣି ସାକ୍ଷାତକଲି ଓ ତାଙ୍କ ସ୍କୁଲର ନାନା ଅସୁବିଧା କଥାକହି ଉମାକୁ ଟ୍ରାନ୍‌ଫର ସାର୍ଟିଫିକେଟ ଦେବାପାଇଁ କହିଲି । ଏଥର ସେ କହିଲେ ଯେ, ଉମା ତାଙ୍କ ସ୍କୁଲର ଅତି ଉତ୍ତମ ଛାତ୍ରୀ, ତାକୁ ଛାଡ଼ିବେ ନାହିଁ ଓ ଯେପରି ତାହାର କୌଣସି ଅସୁବିଧା ନ ହୁଏ ତାହା ଦେଖିବେ ବୋଲି କହିଲେ । ସନ୍ଧ୍ୟାରେ ହଷ୍ଟେଲକୁ ଆସି ଦେଖିଲି ବିଜୁଳି ଆଲୁଅ ଗୁଡ଼ିକର କଳା ପର୍ଦ୍ଦା ଉଠାଇ ଦିଆହୋଇଅଛି। ଉମା କହିଲା ଯେ, ତାହାର ରହିବାରେ ଆଉ ବିଶେଷ କିଛି ଅସୁବିଧା ନାହିଁ । ସେହିବର୍ଷ ସମ୍ବଲପୁର ବାଳିକା ସ୍କୁଲର ଆଉ କିଛି ହେଲାନାହିଁ ।

ଶ୍ରୀ ଗୋଦାବରୀଶ ମିଶ୍ର ମନ୍ତ୍ରୀ ହୋଇ ସମ୍ବଲପୁର ଗସ୍ତରେ ଆସିଥିବା ସମୟର କେତେକ ବିଷୟ ଉଲ୍ଲେଖଯୋଗ୍ୟ । ପାରଳାଖେମୁଣ୍ଡିର ମହାରାଜା, କଟକର ଓକିଲ ଶ୍ରୀ ଅବଦୁଲ ଶୋଭାନ୍ ଖାଁ ଓ ଶ୍ରୀ ଗୋଦାବରୀଶ ମିଶ୍ରଙ୍କୁ ନେଇ ଏହି ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା । ଏମାନେ ଯେଉଁ ଦଳଭୁକ୍ତହୋଇ ରହିଥିଲେ ସେହି ଦଳ ଓଡ଼ିଶା ଆସେମ୍ବ୍ଲିରେ ସଂଖ୍ୟାନ୍ୟୂନ । କଂଗ୍ରେସ ଦଳ ସଂଖ୍ୟାଧିକ ଥିଲେ । ସୁତରାଂ ଏହି ମନ୍ତ୍ରୀମାନେ ପଦତ୍ୟାଗ କରିବା ଉଚିତ ଥିଲା। କିନ୍ତୁ ତାହା ନ କରି କଂଗ୍ରେସ ଦଳଭୁକ୍ତ କେତେକ ସଦସ୍ୟଙ୍କୁ ସେମାନଙ୍କ ଦଳରୁ ଭ୍ରଷ୍ଟ କରାଇନେଇ ମନ୍ତ୍ରୀମାନେ ସ୍ୱଦଳ ପୁଷ୍ଟ କରିବା ଉଦ୍ୟମରେ ରହିଲେ । ଏହି ସମୟରେ କଂଗ୍ରେସ ଦଳରେ ୩୦ ଜଣ ଓ ମନ୍ତ୍ରୀମାନଙ୍କ ଦଳରେ ୨୬ଜଣ ଥିଲେ । ପରାମର୍ଶ ହେଲା, ସମ୍ବଲପୁର- ବରଗଡ଼ର ଦୁଇଜଣ ସଦସ୍ୟ ଫକୀର ବେହେରା ଓ ବିଶି ବିଭାରଙ୍କୁ ଯଦି ନିଜ ଦଳକୁ ନେଇଯାଇ ପାରନ୍ତି ତାହାହେଲେ ଅନ୍ୟତ୍ର ଦୁଇଜଣ ସଦସ୍ୟଙ୍କୁ ସେମାନଙ୍କ ଦଳକୁ ନେବା ସକାଶେ ଚେଷ୍ଟା କରିବେ ଓ ଏଥିରେ ସେମାନଙ୍କ ଉଦ୍ୟମ ସଫଳ ହେଲେ ସେମାନଙ୍କ ମନ୍ତ୍ରୀତ୍ୱ ଆଉ କିଛିକାଳ ପାଇଁ ରହିଯିବ । ଫକୀର ବେହେରା ଓ ବିଶି ବିଭାରଙ୍କୁ କଂଗ୍ରେସ ଦଳ ତ୍ୟାଗ କରାଇ ସେମାନଙ୍କ ଦଳରେ ପ୍ରବେଶ କରାଇବା ସକାଶେ ଚେଷ୍ଟା କରିବାକୁ ଗୋଦାବରୀଶବାବୁ ମୋତେ ଅନରୋଧ କଲେ । ମୁଁ ସେମାନଙ୍କ କଥା ବୁଝିବି ବୋଲି ତାଙ୍କୁ କହିଲି । ଏହି ପ୍ରସଙ୍ଗରେ କହିଲେ ଯେ, କଟକ ଅଞ୍ଚଳର ଯେତେ ବଡ଼ବଡ଼ିଆ, ତାଙ୍କ ପ୍ରତି ସମ୍ବଲପୁର ଲୋକଙ୍କ ବିଶ୍ୱାସ ନାହିଁ । ସେମାନଙ୍କ ସମ୍ବଲପୁର ଆସି କେତେ ବଡ଼ବଡ଼ କଥା କହନ୍ତି କିନ୍ତୁ କାମ ହାସଲ ହୋଇଗଲା ପରେ ସବୁ ଭୁଲିଯାନ୍ତି । ଏହି ସମୟରେ ବରଗଡ଼ ସବ୍‌ଡିଭିଜନସ୍ଥ କମଗାଁ ଗ୍ରାମର ଶ୍ରୀ ପ୍ରହ୍ଲାଦ ପ୍ରଧାନ ପ୍ରଥମ ଶ୍ରେଣୀରେ ଏମ୍.ଏ. ପାସ୍ କରି ଘରେ ବସିରହିଥିଲେ । ଫକୀର ବେହେରା ଜାତିରେ କୁଳିତା ଓ ପ୍ରହ୍ଲାଦ ପ୍ରଧାନ ମଧ ଏହି ଜାତିର, ସମ୍ବଲପୁର ଜିଲ୍ଲାରେ ଏକ ବୃହତ୍ ଓ ବିଶିଷ୍ଟ ସମ୍ପ୍ରଦାୟଭୁକ୍ତ । ପୁଣି ସରକାରୀ କାର୍ଯ୍ୟ ଅର୍ଥାତ୍ କଲେଜରେ ଅଧ୍ୟାପକ କାର୍ଯ୍ୟ ସକାଶେ ତାଙ୍କ ଗୁଣର ଅଭାବ ନାହିଁ । ସମ୍ବଲପୁର ପ୍ରତି ତାଙ୍କ ଆନୁକୂଲ୍ୟର ପୂର୍ବାଭାସ ସ୍ୱରୂପ ଏହାଙ୍କୁ ଚାକିରି ଦେବାପାଇଁ ବ୍ୟବସ୍ଥା କରିବା ସକାଶେ ଗୋଦାବରୀଶ ବାବୁଙ୍କୁ ପରାମର୍ଶ ଦେଲି ଓ ଏ ଦିଗରେ ଦୃଷ୍ଟିଦେବେ ବୋଲି ସେ କହିଲେ। ଯଥା ସମୟରେ ଅବଶ୍ୟ ପ୍ରହ୍ଲାଦ ବାବୁ ଅଧ୍ୟାପକ ପଦରେ ନିଯୁକ୍ତ ହେଲେ । ବର୍ତ୍ତମାନ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ସଂସ୍କୃତାଧ୍ୟାପକ ।

ହେଲେହେଁ ଗୋଦାବରୀଶ ବାବୁଙ୍କ ପ୍ରସ୍ତାବରେ ମୁଁ ବଡ଼ ଅଡୁଆ ବୋଧକଲି । ଯେଉଁ ଅବସ୍ଥାରେ ଏମାନେ ମନ୍ତ୍ରୀ ଗାଦିରେ ବସିଛନ୍ତି, ତାହା ମନେକଲେ ଆଉ ଦଣ୍ଡେମାତ୍ର ଏମାନେ ଏଥିରେ ରହିବା ଉଚିତ ବୋଲି ମନେ ହେଉନଥିଲା । ପାରଳାଖେମୁଣ୍ଡି ମହାରାଜା ଓ ଶ୍ରୀ ଶୋଭାନ ଖାଁଙ୍କ ପକ୍ଷରେ ମନ୍ତ୍ରୀତ୍ୱ ଗ୍ରହଣ ସମୀଚୀନ ହୋଇପାରେ, ଯେହେତୁ ଏମାନେ କେବେହେଁ କଂଗ୍ରେସ ଦଳରେ ନଥିଲେନ୍ତ କିନ୍ତୁ ଗୋଦାବରୀଶ ବାବୁ ଆଜୀବନ କଂଗ୍ରେସରେ ବିଶିଷ୍ଟ ସଭ୍ୟ ଥାଇ ଏବଂ କଂଗ୍ରେସ ପକ୍ଷରୁ ସଦସ୍ୟ ନିର୍ବାଚିତ ହୋଇ ପୁଣି ତାହା ତ୍ୟାଗ କରି ଦେଶର ବର୍ତ୍ତମାନ ପରିସ୍ଥିତିରେ ମନ୍ତ୍ରୀତ୍ୱ ଗ୍ରହଣ କରିବା ଆଦୌ ଉଚିତ ବୋଲି ମନେହେଉନଥିଲା । କଂଗ୍ରେସ ଏକ ସ୍ୱରରେ ବ୍ରିଟିଶ ଜାତଠାରୁ ଭାରତର ସ୍ୱାଧୀନତା ଦାବି କରିଆସୁଥିଲା ଓ ସ୍ୱାଧୀନତା ପ୍ରଦାନ ସକାଶେ ପ୍ରତିଶ୍ରୁତି ଦାନକଲେ ଯୁଦ୍ଧକାର୍ଯ୍ୟରେ ବ୍ରିଶିଶ୍ ପକ୍ଷରେ ଯୋଗଦେବ ବୋଲି କହିଆସୁଥିଲା । ବ୍ରିଟିଶ୍ ଜାତି ଏହି ପ୍ରତିଶ୍ରୁତି ଦେଲେ ନାହିଁ, ବରଂ ଦେଶର ନେତାମାନଙ୍କୁ ଅକୁଣ୍ଠିତଭାବରେ ସେମାନଙ୍କ ଦମନ ନୀତି ଅନୁସରଣ କରି କାରାଗାରରେ ନିକ୍ଷେପ କରବାକୁ ଲାଗିଲେ । ଅଥଚ ଭାରତବାସୀଙ୍କଠାରୁ ଯୁଦ୍ଧ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ ଦାବି କରୁଥିଲେ । ଏପରି ଅବସ୍ଥାରେ ଗୋଦାବରୀଶ ବାବୁ କଂଗ୍ରେସ ତ୍ୟାଗକରି ମନ୍ତ୍ରୀତ୍ୱ ଗ୍ରହଣ କରିଥିଲେ । ପ୍ରଥମରୁ ଏମାନଙ୍କ ଦଳ ସଂଖ୍ୟାଶୂନ୍ୟ ଥିଲା। ଆସେମ୍ବ୍ଲିରେ ଏକ ଅଧିବେଶନରେ ମନ୍ତ୍ରୀମଣ୍ଡଳ ପ୍ରତି ଅବିଶ୍ୱାସ ପ୍ରସ୍ତାବ ଦିଆହୋଇଥିଲା । ଏହି ପୂର୍ବରୁ କଂଗ୍ରେସ ଦଳଭୁକ୍ତ କେତେକ ସଭ୍ୟଙ୍କୁ ଜେଲରେ ପକାହେଲା । ଏହାର ଅଳ୍ପଦିନ ପରେ ମନ୍ତ୍ରୀଦଳର ଦୁଇଜଣ ସଦସ୍ୟ, ଖଲ୍ଲିକୋଟର ରାଜାସାହେବ ଓ ଜମିଦାର ଶ୍ରୀ ବ୍ରଜସୁନ୍ଦର ଦାସ, ଏମାନଙ୍କ ଦଳ ତ୍ୟାଗ କରିବା ଯୋଗୁଁ ଏମାନେ ଦୁର୍ବଳ ହୋଇପଡ଼ିଲେ । ତଥାପି କଂଗ୍ରେସ ଦଳରୁ ସଭ୍ୟ ଭଙ୍ଗାଇବା ଚେଷ୍ଟା ଚାଲିଥାଏ । ମୁଁ ମନେକଲି, ନ୍ୟାୟତଃ ଓ ଆଇନତ ଏମାନେ ମନ୍ତ୍ରୀମଣ୍ଡଳରେ ରହି ନ ପାରନ୍ତି । ଫକୀର ବେହେରା ଓ ବିଶି ବିଭାରଙ୍କୁ ଭଙ୍ଗାଇବା ସକାଶେ ଚେଷ୍ଟା କରିବା ପ୍ରସ୍ତାବ ପ୍ରତି ମୁଁ ଆଉ ମନୋଯୋଗ ଦେଲିନାହିଁ । ଗୋଦାବରୀଶ ବାବୁଙ୍କୁ ଗସ୍ତକାଳ ମଧ୍ୟରେ ଦିନେ ସନ୍ଧ୍ୟାରେ ସେ ସମ୍ବଲପୁର ଟାଉନ୍ ହଲ୍‌ରେ ଭାଷଣ ଦେଲେ । ମୁଁ ତାହା ଶୁଣିବାକୁ ଯାଇଥିଲି । ଭାଷଣରେ ଗୋଦାବରୀଶ ବାବୁ ଯୁଦ୍ଧ କାର୍ଯ୍ୟରେ ବ୍ରିଟିଶ୍ ଜାତି ସହିତ ସହଯୋଗ କରିବା ପାଇଁ ଲୋକଙ୍କୁ ଉପଦେଶ ଦେଇଥିଲେ । ଏଥିପାଇଁ ତ ଏମାନେ ମନ୍ତ୍ରୀପଦ ଗ୍ରହଣ କରିଥିଲେ । କିନ୍ତୁ ଏତେଦୂର ହୋଇ ସୁଦ୍ଧା ବ୍ରିଟିଶ୍ ଜାତି ଭାରତବାସୀଙ୍କ ଉପରେ ପୂର୍ଣ୍ଣ ପ୍ରଭୁତ୍ୱ ରଖିବାକୁ ବଦ୍ଧପରିକର ହୋଇ ରହିଥାନ୍ତିନ୍ତ ଆଶ୍ଚର୍ଯ୍ୟର ବିଷୟ, ଭାରତବାସୀଙ୍କୁ ପୁଣି ସହଯୋଗ କରି ନିଜ ଦାୟିତ୍ୱ ଚିରସ୍ଥାୟୀ କରିବା ପାଇଁ ଆହ୍ୱାନ କରୁଥାନ୍ତି ।

(କ୍ରମଶଃ)

## କବିତାର ସ୍ୱରଲିପି



### ବିଭୂତି ଭୂଷଣ ସେନାପତି

କବିତା ଓ କବିତ୍ୱ ଦୁଇଟିର ଅଭିଧା ଭିନ୍ନ, ଗୋଟିଏ କଳାବସ୍ତୁ ହେଲେ ଅନ୍ୟଟି କଳାଶକ୍ତି; ଯାହାର ମୂର୍ଚ୍ଛନାର ସ୍ୱର କବି ପ୍ରାଣକୁ ଆନ୍ଦୋଳିତ କରେ । ସେଥିପାଇଁ କହନ୍ତି "କବି ଆଶାର ବାଙମୟ ଏବଂ କବିତା ଅକ୍ଷର ପ୍ରତିମା ।" ଯଦି ରସାତ୍ମକ ବାକ୍ୟଂ କାବ୍ୟଂ ହୁଏ ତା'ହେଲେ ବାକ୍ ଆଡମ୍ବର କବିତା ସେ ଶବ୍ଦ ନହେଲେବି ଶବ୍ଦାର୍ଥ ଶୃଂଖଳରେ ଶୃଂଖଳିତ ଏକ ବିନିର୍ଯ୍ୟୁକ୍ତ ଭାବନା । ସୌନ୍ଦର୍ଯ୍ୟ ବିଚାରରେ କବିତାର ଅନ୍ୟ ବିଶିଷ୍ଟ ଦିଗ ହେଲା ବିଚାର ବିମର୍ଷ ଶବ୍ଦ, ଛନ୍ଦ ଓ ନ୍ୟାୟାଦିର ଯଥାର୍ଥ ବିନିଯୋଗ । ସେ ରୋମାଂଟିକ ଦେଶାତ୍ମବୋଧ, ରହସ୍ୟବାଦ ଅଥବା ପ୍ରେମାତ୍ମକ ପର୍ଯ୍ୟାରେ ଶ୍ରେଣୀଭୁକ୍ତ । ସୌନ୍ଦର୍ଯ୍ୟ ସହ ମିଳିତ ହେବାର ଆୟୋଜନ ହିଁ ଜୀବନ । ଏହା ଭିତରେ କବି ଭିକାରୀ ସାଜି ରୂପ,ରସ ଓ ଛନ୍ଦ ମଧ୍ୟରେ ଆତ୍ମବିଭୋର ହୁଏ ।

କାବ୍ୟ ପାଇଁ ସିନା କବିର ସାଧନା କିନ୍ତୁ କବିତ୍ୱ ଶକ୍ତିର ପରିପକ୍ୱ ବିନ୍ୟାସରେ ପରିପୁଷ୍ଟ । କାବ୍ୟର ସିଦ୍ଧି ଏହାର ମୌଳିକ ଉପାଦାନ ସେଥିରେ ଥାଏ ଦୃଷ୍ଟି,ମନୀଷା ଓ ସ୍ଫୂର୍ତ୍ତି ।ଦୃଷ୍ଟିର ମିଳନ ଆତ୍ମିକ ମିଳନ ଓ ବସ୍ତୁର ଭାବସତ୍ତା, ମନୀଷା ଏକ ବସ୍ତୁକୁ ଶରୀର ସ୍ୱରୂପରେ କ୍ରିୟାଶୀଳ ଅଥବା ସ୍ଫୁର୍ତ୍ତିମାନ କରାଏ । ପ୍ରାଣ ଶକ୍ତି ଏହାର ଅବଲମ୍ବ୍ୟ ଅନ୍ତଃକରଣରେ ସୌନ୍ଦର୍ଯ୍ୟ ବୃତ୍ତିର ନିଶା ଲୁକ୍କାୟିତ ହୋଇ ରହିଯାଏ ।

କାବ୍ୟର ଉଦ୍ଦେଶ୍ୟ ଜୀବନକୁ ସରସ ସୁନ୍ଦର ତଥା ଆନଂଦାଭିମୁଖୀ କରିବା, ତେଣୁ ଫ୍ରାନ୍ସର ମତବାଦ ହେଲା କଳା ପାଇଁ 'କଳାର ସୃଷ୍ଟି ନା କାବ୍ୟ ପାଇଁ କାବ୍ୟର ସାଧନା ।' କଳା ପାଇଁ କଳାର ସୃଷ୍ଟି ଏହାହିଁ ଆଭୀକ୍ଟର କର୍ଜନଙ୍କ ସଂକେତ । ଏହାର ପ୍ରସାରର ଉଦ୍ୟମ ମିଳିଥିଲା ଥିଓଫିଲ ଗୋଟିଏଙ୍କ ଉଦ୍ୟମରୁ । ଶିକ୍ଷା ସାହିତ୍ୟିକ ନୀତିର ପରିପୋଷକ ନୁହେଁ ଏହାର ଏକ ସ୍ପଷ୍ଟ ଚିତ୍ର ତାଙ୍କ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି । ଶିଳ୍ପୀ କେବେହେଲେ ସାହିତ୍ୟିକ ନୀତିରପୋଷକତା କରେ ନାହିଁ । କବିର ଦୃଷ୍ଟି ସୌନ୍ଦର୍ଯ୍ୟର ଦ୍ୱାରକୁ ଉନ୍ମୁକ୍ତ କରେ । ଉପନ୍ୟାସ କ୍ଷେତ୍ରରେ ଉହାକୁ ପ୍ରବର୍ତ୍ତନ କରିବା ପାଇଁ ଗୁସ୍ତାଭ ଫ୍ଲବେୟାରଟ୍ , ଏମିଲଜୋଲା ପ୍ରଭୃତି କବିବଂଧୁ ସତତ ପ୍ରୟାସୀ । ଏହାର ଦୃଢ ସମର୍ଥକ ଥିଲେ ମାଲାର୍ମେ, ଭାର୍ଲେନ ପଭୃତି ପ୍ରତିକବାଦୀ ସ୍ରଷ୍ଟା । (ପୋଏଟ୍ରି ହେଜ୍ ନୋ ଏଣ୍ଡ୍ ବିୟଣ୍ଡ ଇଟ୍‌ସେଲ୍ଫ )। ଏମାନେ କେବଳ ନିଜର ସ୍ୱାତନ୍ତ୍ର୍ୟ ବଜାଇ ରଖିଥିଲେ । ଇଂରାଜୀ ସାହିତ୍ୟର ଉଆଲଟର ପେଟର (୧୮୩୪-୧୮୯୪) କାବ୍ୟ ହିଁ କାବ୍ୟର ଏକମାତ୍ର ଫଳ ବୋଲି କହିଲେ । ପ୍ରତିଫଳିତ ସଂଚାର କାବ୍ୟର ଅନ୍ତିମ ଲକ୍ଷ୍ୟ । କାବ୍ୟର ଲକ୍ଷ୍ୟ ନୁହେଁ ଶିକ୍ଷାଦାନ ଅଥବା ନୈତିକ ମୂଲ୍ୟବୋଧ । ଏହା ରେନାସାଁ ଇତିହାସ ପ୍ରସଂଗରେ ଉତ୍ ଥାପନ କରିଥିଲେ । ସୁତରାଂ ଆବେଗର ସହଗାମୀ ଅନୁଭୂତିର ଉତ୍ତମ ପରିପ୍ରକାଶ । ଯାହା କାବ୍ୟର ମୌଳିକ ଲକ୍ଷ୍ୟ । ଏହାର ଏକ ସ୍ପଷ୍ଟ ଚିତ୍ର ଉଆସ୍କର ଉଆଇଲଡ୍ (୧୮୫୪-୧୯୦୦) ପୁସ୍ତକରେ ଲିଖିତ । ମାଥ୍ୟୁଆଇନୋଲଡ୍‌ୟ, ଜନ ରସ୍କିନ୍,ଉଆଲ୍ଟର ଏବଂ ପେଟାର ପ୍ରଭୃତି ମନୀଷୀଙ୍କ ପ୍ରତ୍ୟକ୍ଷ ପ୍ରଭାବ ତାଙ୍କ ଉପରେ ପଡିଥିଲା । ଅସଂପୂର୍ଣ୍ଣ ପ୍ରବନ୍ଧ ନାମକ ଗ୍ରନ୍ଥରେ ନନ୍ଦନତତ୍ତ୍ୱ ବିଷୟକ ମତବାଦର କିୟତ ସୂଚନା ମିଳେ । କେହି କେହି କହନ୍ତି-କବିତ୍ୱହିଁ ପ୍ରତିଭା କିନ୍ତୁ ପ୍ରତିଭା କଣ କବି ନିର୍ମାତା ? ସୃଜନ ଶକ୍ତିର ବିକାଶ କବି ରଚନାର ସହାୟକ । ସେହି ସ୍ୱତସ୍ଫୂର୍ତ୍ତ ଅଭିବ୍ୟକ୍ତି ତରଂଗାୟିତ ଢେଉ ସାଗର ବେଳା ଅତିକ୍ରମ କଲାପରି ଧାଇଁ ଥାଏ ବହୁ ଦୂରକୁ , ଦିଗହଜା ସକାଳର ବନାନୀ ଭିତରେ କବିତା ସାଉଁଟି ଆଣେ କାବ୍ୟ ବିଂବର ଚାରିଟି ତତ୍ତ୍ୱ ତାହା ହେଲା - ପ୍ରତୀକ, ଚିତ୍ରକଳ୍ପ, ଆର୍କିଟାଇପ୍ ଓ ମିଥ୍ । ତନ୍ମଧ୍ୟରେ ପ୍ରତୀକ ଓ ଚିତ୍ରକଳ୍ପ କବିତାର ଆଧାରିତ ସଂରଚନାର କାର୍ଯ୍ୟ କରେ । "କୃଷ୍ଣଚୂଡ଼ାର ଶୀତଳ ନିଆଁରେ ବଜେଇ ରଖିଛି ତୁମ ସ୍ମୃତି/ଅଂଜଳି ଭରା ଲୁହର ଶେଫାଳୀ ତୁମ ପାଇଁ ଦିଏ ପୂଜା ଭେଟି ।" ସ୍ରଷ୍ଟା ତ୍ରିଭୂଜ ହେଲେ ଶୀର୍ଷରେ ଥାଏ ଜୀବନ, ଭୂମି ସଂଲଗ୍ନ ଦୁଇଟି ବିଂଦୁରେ ସୃଷ୍ଟି ଓ ସାମାଜିକ ସ୍ଥିତି । ପ୍ରଣୟରୁ ଜୀବନ ଆରଂଭ ଓ ସେଇଠାରେ ହିଁ ଜୀବନର ପରିସମାପ୍ତି । ମ୍ୟାଡାମବେଭାରୀ ନାୟିକା ବହୁ ପରୁଷ ପରିଚର୍ଯ୍ୟାର ରମଣୀ କିନ୍ତୁ କ୍ଳାନ୍ତର ଅନ୍ତିମ ପର୍ଯ୍ୟାରେ ବିଷପାନକୁ ଆଦରିନେଇ ମୃତ୍ୟୁର ଦ୍ୱାର ଦେଶରେ ଉପନୀତ । ଏହିପରି ଏକ ମାନବ ଜୀବନର ଆଦର୍ଶ ମଧ୍ୟରେ କବି ପ୍ରକୃତି ପ୍ରେମକୁ ଆଦରି ନେଇ ଅନୁଭବ କରିଛନ୍ତି ଜୀବନର ନିଛକ ଅନୁଭୂତି କବି ବସନ୍ତ ମୁଦୁଲିଙ୍କ କବିତାରେ-ରାସ୍ତା କଡରେ ଶୀତରେ ଥରୁଥିବା ଭିକାରୀ ପିଲାଟି ଯଦି ଗୀତଟିଏ ବୋଲି ପାରନ୍ତା/ବସ୍ତି ଗଳିରେ ଦୁଆରବନ୍ଧରେ ବସି ଯୌବନକୁ ବିକି ଭାଂଗି ଚଳୁଥିବା ଷୋଡଶୀ କିଶୋରୀଟି ଯଦି ଫୁଲଟିଏ ନେଇ ପାରନ୍ତା, ଆଉ ଝାଟି ମାଟିର କୁଡ଼ିଆ ତଳ ଖାଦାନରେ କାମ କରୁଥିବା ପୁଅକୁ ଚାତକ ପରି ଚାହିଁଥିବା ମା'ଯଦି କୋଳ ପାତି ଦିଅନ୍ତା, ଆହା ! ସତେକି ସୁନ୍ଦର ହୋଇଥାଆନ୍ତା ସଂଧ୍ୟା ।"

"ଜୀବନ ହସଲୁହର ପ୍ରଳାପ, ଦୁଃଖ ଓ ଯନ୍ତ୍ରଣା ଅଦୃଶ୍ୟ ସ୍ରଷ୍ଟାର ଚୁମ୍ବକୀୟ ଆକର୍ଷଣ, ତାହା ଭିତରେ ପ୍ରତୀକକୁ ଉପଜୀବ୍ୟ କରି କବିତା ବଂଚି ରହେ ପାଠକର ମନଛୁଆଁ ହେବା ପର୍ଯ୍ୟନ୍ତ । ପଉଷର କୁହୁଡିରେ ତାରା ହଜେ, ଜହ୍ନ ଲୁଚି ଯାଏ /ଝରାପତ୍ର ଠେଲି ଠେଲି ଧୂଳି ଯାଏ, ସମୟବି ଯାଏ/ଜୀବନରୁ ବର୍ଷଟିଏ ଖସିଯାଏ,ଆସ୍ତେ ଖସି ଯାଏ ।" (ଗୁରୁପ୍ରସାଦ ମହାନ୍ତି, ସୁନାଝରଣା)

କେବଳ ଶବ୍ଦ ପ୍ରତିମାରେ କବିତା ସକଳ ଭାବନାକୁ ପରିପ୍ରକାଶ କରେ ନାହିଁ ବା କବିତାର ଭାବ ଆଭିଧାନିକ ଅର୍ଥର ପରିଚାୟକ ନୁହେଁ, ସେଥିପାଇଁ ଅନୁଭୂତିର ସାଧାରଣ ଅର୍ଥ ଅନ୍ତରାଳରେ ରହସ୍ୟାଚ୍ଛନ୍ନ ଭାବାଲୋକ ପ୍ରତୀକ ମାଧ୍ୟମରେ ପରିପ୍ରକାଶ ଘଟେ । ଇନ୍ଦ୍ରିୟ ଗ୍ରାହ୍ୟ ଜଗତ ବାହାର ଏକ ଅଦୃଶ୍ୟ ଜଗତର ଚିତ୍ର ଯେତେବେଳେ ଆମ ମନକୁ ସ୍ପର୍ଶକାତର କରେ ତାହାକୁ ଆମେ ପ୍ରତୀକ କହୁ । ଏହା ଅମୂର୍ତ୍ତ ଜଗତ ସହ ସଂପର୍କ ରକ୍ଷା କରେ । ରୂପର ସିନା ଏହା ଅସାଦୃଶ୍ୟ ମାତ୍ର ଅର୍ଥର ଅପ୍ରତିନିଧିତ୍ୱକରି ସେ ଅସଂଖ୍ୟ ଧାରଣା ସୃଷ୍ଟି କରିବାକୁ ପ୍ରେରଣା ଦିଏ । ଏଥିରେ ଥାଏ ଅନେକ ଅପ୍ରକାଶିତ ଅର୍ଥର ଯୋଗାରୂଢ ଶବ୍ଦ । ଅପାର ଇନ୍ଦ୍ରିୟ ଶକ୍ତିର ଅନନ୍ୟ ଦ୍ୟୋତକାତ୍ମକ ପ୍ରତିଶୃତି । ଦୁଇଟି ଭିନ୍ନ ଜାତୀୟ ବସ୍ତୁର ସଂସ୍ପର୍ଶବୋଧ ଘଟିଲେ ଗୋଟିକର ଅପାର ଭାବାବେଗ ସୃଷ୍ଟି କରେ । କବି ବିଭୂତି ଭୂଷଣଙ୍କ କବିତାରେ- "ରାତି ଶୋଇଥିଲା ଜହ୍ନ ମାମୁଁ କୋଳେ ସାଗର ଚିନ୍ତାରେ ମଗନ/ଆକାଶ ଶୋଇଲା ଗହମ ନିଦରେ ଦେଖୁଥିଲା ମିଠା ସପନ"। କବି ହୃଷିକେଶ ପଂଡାଙ୍କ କବିତାରେ ଏହାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳେ - "ପଉଷ ଶେଯରେ ଝରା ପତର ମୁଁ ତୁମେ ତ ହଳଦୀ ବସନ୍ତ/ ମୋ ପାଇଁ ଚାହିଁଛି ଧୂସର ଧରଣୀ ତୁମକୁ ଅସୀମ ଦିଗନ୍ତ ।" ରୂପକ ଓ ପ୍ରତୀକ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ଦୁଇଟି ବସ୍ତୁ ସହସାଚିତା ପ୍ରତୀକ । ଦୁଇଟି ବିଜାତୀୟ ବସ୍ତୁ ମଧ୍ୟରେ ସାଦୃଶ୍ୟ ବା ସମଗୁଣତା ରୂପକ । ତାହା କାବ୍ୟ ବିମ୍ବର ଆଧାର । ରୂପକ ବସ୍ତୁର ପ୍ରତିବିମ୍ବ ମାତ୍ର ପ୍ରତୀକ ବସ୍ତୁର ପ୍ରତିନିଧି । ପ୍ରତୀକ ଗର୍ଭରେ ରୂପକ ଆଶ୍ରୟ ନିଏ । ପ୍ରତୀକ ତିନି ଭାଗରେ ବିଭକ୍ତ । (କ୍ରମଶଃ)


ଶଚିମଣି କୁଟୀର, କୋହ୍ଲ, ତିହିଡି, ଭଦ୍ରକ
ମୋ-୯୪୩୭୫୭୪୪୬୨


## ଆମ ସମୟର କବିତା.....

### ॥ ମନର ମାନଚିତ୍ର ॥

**ପୂର୍ଣ୍ଣ ଦାସ**



ସେଇ ପରିଚିତ ପୁରୁଣା ଫୁଲର
ରଙ୍ଗ ଗଲାଣି ଶୁଖି,
ନାଲିଫୁଲ ନୁହେଁ, ସବୁଜ ଲତାରେ
ତୋତେ ସଜାଇବି ସଖୀ ।

ପରିଚିତ ଏଇ ପୃଥିବୀ ଆଖିରେ
କେବେ କେ' ପୁରୁଣା ନୂଆ,
ସତେ କଣ ଏଇ ଭଙ୍ଗା ଗଡ଼ାରେ
ଥାଏ କି ଦରଦ ଆହା !

ପ୍ରେମିକ ଖୋକାର ବୋଲାଗୀତ ଅବା
ଦେବଦାସ ଟିପାଖାତା,
ପ୍ରେମିକା ଓଠରେ ବାଢିଥିବା ପାପ
ଲାଜେଇ ନଈର ଗାଥା ।

ସବୁ ହଜିଯିବ ମନ ଗହନରେ
ରାତିର ଅନ୍ଧାର ପରି,
ଖୋଜି ହେଉଥିବ ଏ ଆଖି କେବଳ
ସମ୍ପର୍କର ଖିଅ ଧରି ।

ମହମ ମାଛର ଚିତ୍ର ପରିକା
ଛାତି ଯା' ତରଲୁ ଥିବ,
ତେଇଶି ବିଦାୟ ବେଳକୁ ଚବିଶି
ପୁଣି ନୂଆ ହୋଇଯିବ ।


କଣ୍ଟାବଣିଆ, ଛତ୍ରପଡ଼ା
ପ୍ରୀତିପୁର, ଯାଜପୁର-୭୫୫୦୧୩
(ମୋ) ୯୩୩୭୫ ୪୮୮୯୩


### ॥ ଡରନା ! ମୁଁ ଅଛି ॥

**ଘନବିହାରୀ ମହାରଣା**



ସଞ୍ଜ ନଇଁଲାରୁ
ସରଗର ନିଛାଟିଆ ସଡକରେ,
ନହୁଲି ଜହ୍ନଟି ହସି ପାଦ ଥାପେ ଧିରେ ।

ବାଟ ଚାହିଁ ବସିଛି ମୁଁ
ଜୋଛନାରେ ଯିବି ଟିକେ ଭିଜି
ମୁରୁକି ହସିକି ଟିକେ,
ଗେଲ ହେଇ ମୋ ସାଥିରେ
କାଲିକି ଆସିବି କହି ଲାଜେ ଲାଜେ
ଯିବ ପୁଣି ହଜି.....!

ପୋଡାମୁହାଁ, ପାପିଷ୍ଠ ତୁ କାଳିଆ ବାଦଲ
କାହିଁ ଥିଲୁ ସାଧିବାକୁ ଦାଉ,
ଆସୁଛୁ ଝପଟି
କାକୁସ୍ଥ ହେଲାଣି ଦେଖି କୁଆଁରୀ ଜହ୍ନଟି !!

ଥୁଣ୍ଟା ଗଛଟା ମୁଁ
ପାଣି ଦଇ ବଂଚେଇଛୁ ବୋଲି
ଭାବୁଛୁ କି ସାହା ହେବି ଅପକର୍ମେ ତୋ'ର !!!

ଥାନ ଛାଡି ପଳା ଏଠୁ !!
ଶୀର୍ଣ୍ଣ ଦେହେ ଯେତିକି ମୋ' ବାକି ଡାଳପତ୍ର,
ଖର ନିଃଶ୍ୱାସେ ତାଙ୍କର ଅଣଚାଶ ବହି ,
ଡରଭୟେ ଥରାଇ ତୋ' ଗାତ୍ର --
ଉଡାଇ ଉଡାଇ ତତେ
ବୁଡାଇବେ ସୀମା ପାରେ ସମୁଦ୍ରରେ ନେଇ ।


ଫ୍ଲାଟ ନଂ - ଏ ୧୦୧,
ବିଶ୍ୱନାଥ ଏନକ୍ଲେଭ୍
ଶ୍ରୀବିହାର, ପଟିଆ
ଭୁବନେଶ୍ୱର - ୭୫୧୦୩୧
(ମୋ) ୯୪୩୭୩ ୦୪୫୦୩


### ॥ କଠଉ ॥

**ପୂର୍ଣ୍ଣଚନ୍ଦ୍ର ମହାରଣା**



ଯାହାକୁ ଦେଖି ହେଲି
ବାଟ ବାଉଳା
ସିଏ ଗୋଟେ
ଅରୁଆ ଚାଉଳରେ ଗଢ଼ା !!

ଗୋଡରେ ପଶିଗଲା
କାଠଖେଂଚା
କଠଉ ମାଡିବାକୁ
ଭୁଲି ଯାଇଥିଲା ବାଇମନ ଭୋଗିଲା !!

ଦିନରେ ହରିନାମ
ରାତିରେ ରାଧାପ୍ରେମ କିର୍ତ୍ତନ
ଗୋଟିଏ ବେଳା ଖାଇବ
ଅରୁଆ ହବିଷାନ୍ନ,
ସବୁ ତ ଶିଖେଇଲେ ଗୁରୁ
କହି ନାହାଁନ୍ତି ତ
ଅରୁଆ ଚାଉଳ ନ ଦେଖି
ଆଖିମୁଦି ଭିକ ଝୁଲିରେ ପକେଇବାକୁ !!

ଆଉ ଏ ମଗାମଗି କାମ ହବନି,
ଏଥର,
ପଡିଆ ବିଲରେ
କରିବି ଧାନ ଚାଷ
ଲାଗିଲେ ଲାଗୁପଛେ
ଗୁରୁଦ୍ରୋହ ଦୋଷ !!


ବାଲକାଟୀ,
ଖୋର୍ଦ୍ଧା- ୭୫୨୧୦୦


**ବିକେଶ ସାହୁ**

### ॥ ମୃତ୍ୟୁକାମୀ ॥



ମୃତ୍ୟୁକାମୀ ମଣିଷର କି ନଥାଏ, ଆଉ
ଇଚ୍ଛା-ଅନିଚ୍ଛା, ପସନ୍ଦ-ନାପସନ୍ଦ,
ସମ୍ମାନ-ଦୁର୍ନାମ, ସ୍ୱପ୍ନ- ସ୍ୱପ୍ନଭଙ୍ଗ

ମୃତ୍ୟୁ !
ସତରେ ମୃତ୍ୟୁ କ'ଣ ଏସବୁଠୁ ଉର୍ଦ୍ଧ୍ୱରେ ?

କିନ୍ତୁ କାଇଁ ମୋତେ ତୋ ସେମିତି ଲାଗୁନି
ଯେଉଁ ଯେଉଁ କାରଣ ସବୁ ପାଇଁ ମୁଁ
ମୃତ୍ୟୁକୁ ବାଛିଥିଲି
ମୋ ଶେଷତମ ପନ୍ଥା ରୂପେ,
ସେଇସବୁ କାରଣମାନେ ତୋ କେବେ
ମୋ ପାଇଁ ଅକାରଣ ହୋଇ ନାହାନ୍ତି
ମୋତେ ମାରିବାର
ଚକ୍ରାନ୍ତ କରିନାହାନ୍ତି !

ବରଂ ସେମାନେ ଏବେ ବି ମୋ ଭିତରେ
ଅନ୍ତିମ ଥର ପାଇଁ ଚେଷ୍ଟିତ
କାଳେ ନିଜେ ନିଜ ଖୋଜିନେବେ
ସମାଧାନର ପଥ ।

ଯଦିଓ ଅନେକ କିଛି ଇଚ୍ଛା ଆଉ ସ୍ୱପ୍ନସବୁକୁ
ସାଇତିଥିଲି ହୃଦୟରେ,
ଆଉ ଆଜି ଯେତେବେଳେ
ମୋ ଦ୍ୱାରା ସେମାନେ ଉପେକ୍ଷିତ
ତଥାପି ତୋ ମୋ ବିରୁଦ୍ଧରେ
ସେମାନେ କେବେ ବିଦ୍ରୋହ କରିନାହାନ୍ତି
ଅବା ମୋତେ ମରିଯିବା ପାଇଁ
ପ୍ରବର୍ତ୍ତେଇ ନାହାନ୍ତି,

ବରଂ ଏ ଇଚ୍ଛାହୀନ, ସ୍ୱପ୍ନହୀନ
ମଣିଷର ହୃଦୟରେ
ଖିଏ ଇଚ୍ଛା ଆଉ ସ୍ୱପ୍ନମାନଙ୍କୁ
ପୁନର୍ଜନ୍ମ ଦେଇଛନ୍ତି
ମୋତେ ବଞ୍ଚେଇରଖିବା ପାଇଁ
ଶତ ଚେଷ୍ଟା କରିଛନ୍ତି ।

ତୁମେ କ'ଣ ଏବେ ବି କହିବ
ମୃତ୍ୟୁକାମୀ ମଣିଷ
କେବଳ ମୃତ୍ୟୁ ଚାହେଁ !

ସେ କ'ଣ ବଞ୍ଚିବାକୁ ଚାହେଁ ନାହିଁ ?
ସେଇ ମୃତ୍ୟୁକ୍ଷୁଧା ଭିତରେ ବି
ଜୀବନଟେ ଲୁଚିରହି ନାହିଁ ?


ଗବେଷକ,
ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୨ ଫେବୃଆରୀ, ୨୦୨୩



## ପ୍ରେମରେ ପ୍ରେମରେ ଗୀତି ....(୭୯)



### ॥ ତୁମେ ଏକ ନିରବତା ॥

ଗୋବର ଲିପା ମୋ' ମାଟି କାନ୍ଥେ ତୁମେ
ମଗୁଶିର ଝୋଟି ଚିତା,
ଚଇତି ସକାଳ ଝରାପତ୍ର ପରି
ତୁମେ ଏକ ନିରବତା ।

ଶିଶିର ପଖଳା ଦୁବଘାସ ପରି
ତୁମ ନିଚିପର ଦେହ,
ପହିଲି ବରଷା କେମିତି ତେଜିବି
ବନ୍ଧ୍ୟା ମାଟିର ମୋହ,
ତୁମେ ସୂଚୀ ପୂତ ସର୍ବ ସମ୍ମତ
ପୁଣ୍ୟ ଭାଗବତ ଗୀତା ।

ତୁମେ ମୋ' ପ୍ରେମର ଆଦ୍ୟ ଓଁକାର
ଲାଜହୋମ ମନ୍ତ୍ରପାଠ,
ଉଚ୍ଚାଟ ମନ ମୋ ଗୋଧୂଳି ଫେରନ୍ତା
ଗ୍ରାମ୍ୟ ପଥେ ଗାଇଗୋଠ,
ତୁମରି ପ୍ରେମର ପଥଧାରେ ଚାଲି
ଆଜି ମୁଁ ଜଗତଜିତା ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୯୯୧




## ଆ । ଲୋ । ଚ । ନା..

# ପ୍ରେମ ସପ୍ତାହ : କେତେଦୂର ଗ୍ରହଣୀୟ

■ ଅରୁଣ କୁମାର ତ୍ରିପାଠୀ



ଫେବୃୟାରୀ ମାସ ତଥାକଥିତ ପ୍ରେମପକ୍ଷୀଙ୍କ ନିମିତ୍ତ ଆନନ୍ଦ ଆଣିଦିଏ, କାରଣ ଏଥିରେ ପାଳିତ ହୁଏ ଭାଲେଣ୍ଟାଇନ୍ ସପ୍ତାହ । ରୋମ୍‌ରେ ୧୪୭୭ରେ କ୍ଲାଉଡ଼ିଅସ୍ ଦ୍ୱିତୀୟ ବିବାହ ବାରଣ କରିଥିଲେ, କାରଣ ସେୟା ତାଙ୍କର ଅବଧାରଣା ଥିଲା, ବିବାହ ସ୍ଖଳିତ ସୈନିକ ସୃଷ୍ଟିକରେ । ଏହା ସନ୍ଥ ଭାଲେଣ୍ଟାଇନ୍‌ଙ୍କୁ ହଜମ ହେଲା ନାହିଁ ଓ ସେ ସାମୂହିକ ବିବାହ ଆୟୋଜନ କରାଇଥିଲେ । ରାଜା ଏହା ଜାଣି ତାଙ୍କୁ କାରାଗାରରେ ବନ୍ଦୀ କରି ରଖିଲେ, ଯେଉଁଠି ଜେଲର୍‌ଙ୍କ ଝିଅ ସହ ତାଙ୍କର ପ୍ରେମ ସମ୍ପର୍କ ବଢିଲା । ଫେବୃୟାରୀ ୧୪ରେ ତାଙ୍କୁ ମୃତ୍ୟୁ ଦଣ୍ଡ ଦିଆଗଲା, ଯହିଁ ପୂର୍ବରୁ ସେ ପ୍ରାଣପ୍ରିୟ ପ୍ରିୟତମାଙ୍କୁ ଏକ ଚିଠି ଲେଖିଥିଲେ, ଯେଉଁଠି ଲେଖାଥିଲା, 'ଫ୍ରମ୍ ୟୋର୍ ଭାଲେଣ୍ଟାଇନ' । ଏହା ପରେ ବିଭିନ୍ନ ଦେଶରେ ବିଭିନ୍ନ ସଂସ୍କୃତିର ପ୍ରଭାବରେ ଏହାକୁ ୭ ଦିନ ଧରି ପାଳନ କରାଯାଉଅଛି । ଫେବୃୟାରୀ ୭ କୁ ଗୋଲାପ ଦିବସ, ୮ ତାରିଖ ପ୍ରୟୋଜନ ଦିବସ (ପ୍ରୋପଜ୍ ), ୯ ତାରିଖ ଚକଲେଟ୍ ଦିବସ, ୧୦ ତାରିଖ ଟେଡି ଦିବସ, ୧୧ ତାରିଖ କଥାଦିଆ ଦିବସ, ୧୨ ତାରିଖ ଚୁମ୍ବନ ଦିବସ, ୧୩ ତାରିଖ ଆଲିଙ୍ଗନ ଦିବସ ଓ ସର୍ବଶେଷରେ ୧୪ ତାରିଖ ଭାଲେଣ୍ଟାଇନ୍ ଦିବସ କହନ୍ତି ।

ବଜରଙ୍ଗ ଦଳ ତରଫରୁ ଏହି ଦିନ ମାନଙ୍କରେ ବିଭିନ୍ନ ସ୍ଥାନରେ ଚଢଉ କରାଯାଏ । ସଂସ୍କାର ଆନ୍ଦୋଳନର ସମର୍ଥକ ସବୁ ଏହି ଦିନ ମାନଙ୍କୁ ମାତୃ ପିତୃ ପୂଜ ଦିବସ ବୋଲି ପାଳନ କରନ୍ତି । ବ୍ୟଙ୍ଗକାରମାନେ ଏହି ଦିବସ ମାନଙ୍କୁ ଗୋଲାପ ସପ୍ତମୀ, ପ୍ରସ୍ତାବ ଅଷ୍ଟମୀ, ଚକୋଲେଟ୍ ନବମୀ, ଭାଲୁ ଦଶମୀ, ବଚନ ଏକାଦଶୀ, ଆଲିଙ୍ଗନ ଦ୍ୱାଦଶୀ, ଚୁମ୍ବନ ତ୍ରୟୋଦଶୀ ତଥା ପ୍ରେମ ଚତୁର୍ଦ୍ଦଶୀ ଭାବେ ସମାଲୋଚନା କରନ୍ତି । ବିଶେଷତଃ ଗୋଲାପ ଫୁଲ ବିକ୍ରେତାଙ୍କ ଏହା ପୁଷମାଷ ହେଇଯାଏ, ଗୋଟିଏ ଗୋଲାପ ୨୦୦ ଟଙ୍କାରେ ବିକ୍ରି ହେବାର ନଜିର ମଧ୍ୟ ରହିଅଛି । ଗ୍ରିଟିଂ ତଥା ଟେଡ଼ି ବିକ୍ରେତାଗଣ ମଧ୍ୟ ଏହି ସମୟରେ ବେଶ୍ ଦୁଇ ପଇସା ରୋଜଗାର କରନ୍ତି ।

> ଭାରତୀୟ ସଂସ୍କୃତିମତେ ଦେବୀ ସରସ୍ୱତୀ ପ୍ରେମର ଦେବୀ । ବସନ୍ତ ପଞ୍ଚମୀରେ ଅନେକ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି, ସେମାନଙ୍କ ଜୀବନ ସୁଖମୟ ହେଉ ବୋଲି । ଭାରତୀୟ ସମ୍ବିଧାନ ଭଳି ବୈଶ୍ୱିକ ସଂସ୍କୃତିର ଭଲ ବିଷୟମାନ ସମ୍ମିଳିତ କରି ମାନବ ସଭ୍ୟତାର ଉନ୍ନତି ହେବା ଆବଶ୍ୟକ ।

ତେବେ ଏହି ସପ୍ତାହ ସରିବା ପରେ ମଧ ବିଲୋମ ମାତୃକା ନ୍ୟାସ ଭଳି ପ୍ରତ୍ୟାଖାନ ଦିବସ ସବୁ ପାଳନ ହୁଏ, ଯେଉଁଠି ସବୁଠି ଶେଷରେ ପାଳନ ହୁଏ ବ୍ରେକ୍ ଅପ୍ ଡ଼େ ଯାହା ୨୧ ତାରିଖ । ତେବେ ମନରେ ପ୍ରଶ୍ନ ଉଠେ ପ୍ରେମ କଣ ।

କୁହାଯାଏ ଦୁନିଆରେ ତିନି ପ୍ରକାର ପାଗଳ ଥା'ନ୍ତି । ପ୍ରଥମତଃ ଯେଉଁମାନେ ପ୍ରେମ କରନ୍ତି, ଦ୍ୱିତୀୟତଃ ଯେଉଁମାନେ କବିତା ଲେଖନ୍ତି ତଥା ତୃତୀୟରେ ଯେଉଁମାନେ ବଦ୍ଧ ପାଗଳ । ପ୍ରେମ ଏକ ଆକର୍ଷଣ । ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଡୋପାମାଇନ୍ ନାମକ ହର୍ମୋନ୍ କ୍ଷରଣରୁ ଏହା ଉଦ୍ରେକ ହୁଏ । କାହା କାହା କ୍ଷେତ୍ରରେ ଏହା ଦୁଇରୁ ତିନିବର୍ଷ ହେଉଥିବା ବେଳେ କିଛି କ୍ଷେତ୍ରରେ ଏହା ଜୀବନବ୍ୟାପି ଚାଲେ । ତେବେ ବଲିଉଡ୍ ସିନେମାର ବିରହ ସଙ୍ଗୀତ ସବୁ ଏହିଭଳି ଶୈଳୀରେ ପ୍ରଦର୍ଶିତ ହୁଏ, ଯେ ଯୁବା ଭାବନ୍ତି ସେୟା ହିଁ ପ୍ରେମ । ବିରହର ପରିଭାଷା ମଧ ସେଇଠୁ ସୃଜିତ ହୁଏ । କିଛି ଲୋକ ଏହିଭଳି ମଧ କହନ୍ତି, ପ୍ରେମ ସମୟରେ ଗୀତ ଆନନ୍ଦ ଦେଉଥିବା ବେଳେ, ବିରହରେ ତାହାର ଶବ୍ଦମାନ ବୁଝାପଡ଼େ । ସାଧାରଣତଃ ଦେଖାଯାଏ, ପ୍ରଥମ ପ୍ରେମ ସଫଳ ହୁଏନାହିଁ । କାଳକ୍ରମେ ଏକ ଛଳନାକୁ ପରିବ୍ୟାପ୍ତ କରି ପ୍ରେମର ପ୍ରକ୍ରିୟା ସବୁ ସଫଳ ହୁଏ । ଯୁବ ବୟସରେ ଝିଅଟିଏ ଯତ୍ନ ଆବଶ୍ୟକ କରେ, ଯାହା ପରିବାରଠୁ ଅଭାବ ରହିଲେ ସେୟା ବାହାରେ ଖୋଜେ । ଏହି ତତ୍ତ୍ୱକୁ ଜାଣି ଲଭ୍ ଜିହାଦ୍ ଭଳି ବିସଙ୍ଗତି ମଧ ସମାଜରେ ଦେଖାଦେଲାଣି । କିଛି ଲୋକଙ୍କ ପାଇଁ ଏୟା ଖର୍ଚ୍ଚ ଦେୟ ହେଉ ଥିବା ସ୍ଥଳେ କିଛି ଲୋକେ ଅଯଥା ହୃଦୟ ହଜେଇ ହାରି ଦିଅନ୍ତି ନିଜ ପିତୃଦତ୍ତ ପ୍ରାଣ ।

ପ୍ରେମ ଏକ ଆକର୍ଷଣ ହେଲେ ମଧ ଏୟା ଶାଶ୍ୱତ, ଚିରନ୍ତନ । ଭାରତୀୟ ସଂସ୍କୃତିମତେ ଦେବୀ ସରସ୍ୱତୀ ପ୍ରେମର ଦେବୀ । ବସନ୍ତ ପଞ୍ଚମୀରେ ଅନେକ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି, ସେମାନଙ୍କ ଜୀବନ ସୁଖମୟ ହେଉ ବୋଲି । ଭାରତୀୟ ସମ୍ବିଧାନ ଭଳି ବୈଶ୍ୱିକ ସଂସ୍କୃତିର ଭଲ ବିଷୟମାନ ସମ୍ମିଳିତ କରି ମାନବ ସଭ୍ୟତାର ଉନ୍ନତି ହେବା ଆବଶ୍ୟକ । କିନ୍ତୁ ଅତି ଲେମ୍ବୁ ଚିପୁଡିଲେ ପିତା ନ୍ୟାୟରେ ନିଜର ଭବିଷ୍ୟତ ତଥା ସାମାଜିକ ଦାୟିତ୍ୱ ନିର୍ବାହରେ ଯେମିତି ଅବହେଳା ନହୁଏ, ସେଥିପ୍ରତି ଯୁବପିଢି ସଚେତନ ରହିବା ବିଧେୟ । ଶୁଖିଲା ପ୍ରେମରେ ପେଟ ପୁରେନି, ଦିନକୁ ଦି ଓଳା ଖାଇବା ତଥା ମୁଣ୍ଡ ଉପରେ ଛାତ ରହିବାର ସାମର୍ଥ୍ୟ ରହିବା ବିଧେୟ, ଅନ୍ୟଥା ଅଯଥାରେ ଅନେକ ଲୁହ ଗଡେଇବା ସାର ହୁଏ ।

+ ଜୟପୁର, (ମୋ) ୯୦୭୮୮୩୮୬୨୭

## ଅଲୌକିକ ଅନୁଭବ

# ମୋର ଶିରିଡିଯାତ୍ରା

ଡ. ଉଦ୍ଧବ ଚରଣ ନାୟକ



> ସବୁ ବାବାଙ୍କ ଦୟା । ଟ୍ରେନ୍ ଆସିଲା । ଟ୍ରେନ୍‌ରେ ବସିଲି । ପୁଣି ତଳ ବର୍ଥଟିଏ ପାଇଲି । ସହଯାତ୍ରୀ ଯେଉଁମାନେ ଥିଲେ ଭଲ ଲୋକ । ସେମାନେ ହାଇଦ୍ରାବାଦରେ ଓହ୍ଲାଇ ପଡ଼ିଲେ । ଆରାମରେ ଭୁବନେଶ୍ୱରରେ ଆସି ପହଞ୍ଚିଲି । ସାଇନାଥ ଯାହାର ସହାୟ ତା'ର ପୁଣି ଭୟ କ'ଣ ?

୧୯୯୭ ମସିହା କଥା । ମୁଁ ସେତେବେଳେ ଥାଏ ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ରରେ । ସେହି ବର୍ଷ ଦଶହରା ଛୁଟିରେ ଆମ କେନ୍ଦ୍ରର ଜନସଂଖ୍ୟା ଶିକ୍ଷା ଓ ବିକାଶ ଉପବିଭାଗ ତରଫରୁ ଗୋଟିଏ ଟିମ୍ ଷ୍ଟଡି ଟୁର୍‌ରେ ମହାରାଷ୍ଟ୍ରର ପୁନେସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଏଜୁକେସନ ଅଧୀନରେ ଥିବା ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ରକୁ ଯିବା ନିମନ୍ତେ ସ୍ଥିର ହେଲା । ନିର୍ଦ୍ଦେଶକ ଏହି ସ୍ଥାନକୁ ଯିବା ପାଇଁ ଠିକ୍ କଲେ । କେଉଁମାନେ ଯିବେ ତାହାର ଏକ ଗୋଟିଏ ତାଲିକା ମଧ ତିଆରି କଲେ । ମୁଁ ଶୁଣିଲି ସେହି ତାଲିକାରେ ମୋ ନାଁ ନାହିଁ ।

ଏହାପରେ ନିର୍ଦ୍ଦେଶକ ମହାଶୟ ମୋତେ ତାଙ୍କ କୋଠରୀକୁ ଡାକିଲେ । କେତେଆଡୁ କେତେକଥା ପଡିଲା । କହିଲେ - ହଁ, ଆମେ କେତେଜଣ ଷ୍ଟଡି ଟୁର୍‌ରେ ପୁନେ ଆଇ.ଆଇ.ଇ.ଏସ୍, ଆର.ସିକୁ ଯାଉଛୁ । ହେଲେ ତୁମକୁ ନେଉନାହୁଁ । ତୁମେ ତ ଅନେକ ଆଡେ ଯାଉଛ । ଏଥର ନହେଲା ନାହିଁ । ହଁ, ବୁଝିଲ ଡକ୍ଟର ନାୟକ ! ମୋର ଶିରିଡି ଦେଖିବାକୁ ଭାରି ଇଚ୍ଛା । ସେଇଥିପାଇଁ ପୁନେ ଗସ୍ତ ପକାଇଲୁ । କାରଣ ପୁନେ ଠାରୁ ଶିରିଡି ପାଖ । ଶିରିଡି ଯିବା ପାଇଁ ବି ଆମେ କାର୍ଯ୍ୟକ୍ରମ ଠିକ୍ କରିଛୁ । ମୋ ମିସେସ୍ ବି ଯିବେ । ମୁଁ ଯେତେବେଳେ ଯାଉଛି ତାଙ୍କୁ ସାଙ୍ଗରେ ନେଇଯିବି । ତାଙ୍କର ବି ଶିରିଡି ଦେଖିବାକୁ ଭାରି ଇଚ୍ଛା ।

ପୁଣେରୁ ଶିରିଡି ଯିବେ ? ମୋତେ ନେଉ ନାହାନ୍ତି । ମୋ ମୁହଁଟା ଶୁଖିଗଲା । ନିର୍ଦ୍ଦେଶକ ଜାଣିପାରିଲେ । କହିଲେ, ହଉ ହଉ କିଛି ବ୍ୟସ୍ତ ହେବାର ନାହିଁ, ତୁମକୁ ଅନ୍ୟ କୌଣସି କାମରେ ପୁଣେ ପଠାଇ ଦେବା । ପ୍ରକୃତରେ ନିର୍ଦ୍ଦେଶକ ତାଙ୍କ ମନ ଭିତରେ ମୋତେ ଖୁବ୍ ଭଲ ପାଆନ୍ତି । ହେଲେ ମୋ ଅବୁଝା ମନ ଆଦୌ ବୁଝିଲାନି । ମନକୁ ବୁଝାଇଲି- ବାବାଙ୍କର ଆଶୀର୍ବାଦ ନହେଲେ କି ଡୋରି ନଲାଗିଲେ କଣ ଶିରିଡି ଯିବା ସହଜ ? ପୁଣି ମନକୁ ମନ କହିଲି- ବାବା କାହିଁକି ମୋ ଠାରେ ଡୋରି ଲଗାଇଲେ ନାହିଁ ? ମୁଁ କଣ ତାଙ୍କ ଭକ୍ତ ହେବାକୁ ଅଯୋଗ୍ୟ ? ଏମିତି କେତେ ଭାବନା ଓ ବାବାଙ୍କ ପ୍ରତି କେତେ ଅଭିମାନ ଭରା କଥା ମନକୁ ମନ କହିଲି । ଶେଷରେ ମାନି ନେଲି ମୋର ଶିରିଡି ଯିବା ଭାଗ୍ୟରେ ନାହିଁ ।

ଷ୍ଟଡି ଟୁର୍ ଟିମ୍‌ର ଯିବାର ଦିନ ଧାର୍ଯ୍ୟ ହୋଇଗଲା । ଯିବା ଆସିବାର ଟିକେଟ୍ କିଣା ହୋଇଗଲା । ସେମାନେ ଆସନ୍ତା କାଲି ଯିବେ । ମୁଁ ସେମାନଙ୍କ ଯିବା ପୂର୍ବଦିନ ନିର୍ଦ୍ଦେଶକଙ୍କ ଘରେ ପହଞ୍ଚିଲି । ନିର୍ଦ୍ଦେଶକ କହିଲେ, କୁଆଡେ ଆସିଲ ? ମୋର ମାଡାମଙ୍କ ପାଖରେ ଟିକେ କାମ ଅଛି ବୋଲି କହିଲି । ମାଡାମ ମାନେ ନିର୍ଦ୍ଦେଶକଙ୍କ ପତ୍ନୀ ହେଉଛନ୍ତି ପ୍ରଫେସର ଡ. ବେଦବତୀ ମହାନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର । ନିର୍ଦ୍ଦେଶକ ଡାକ ଛାଡିଲେ - ଲତା ! ଲତା ! ସେ ଭିତରେ ଥାଇ ଜବାବ୍ ଦେଲେ, 'ଯାଉଛି' । ସେ ଆସିଲେ, ନିର୍ଦ୍ଦେଶକ କହିଲେ- 'ବାବୁଙ୍କର କଣ ତୁମ ସହିତ କଥାବାର୍ତ୍ତା ଅଛି ! ତୁମେ କଥା ହେଉଥାଅ, ମୁଁ ଟିକିଏ ଆସୁଛି' କହି ଚାଲିଗଲେ ନିର୍ଦ୍ଦେଶକ ବାହାରକୁ ।

ମାଡାମ କହିଲେ - କଣ ପାଇଁ ସକାଳୁ ସକାଳୁ ଆସିଲେ ? ପର୍ସରୁ ଦୁଇଖଣ୍ଡ ଦଶ ଟଙ୍କିଆ ନୋଟ ବାହାର କଲି, କହିଲି ଏଇ କୋଡିଏ ଟଙ୍କା ଶିରିଡିରେ ମନ୍ଦିର ଭିତରେ ଥିବା ହୁଣ୍ଡିରେ ମୋ ନାଁ କହି ପକାଇ ଦେବେ । ଆଉ ମୋ ପାଇଁ ଟିକେ ଉଦି ଆଣିବେ । ସେ ହାତରୁ ଟଙ୍କା ନେଲେ ତାଙ୍କ ପର୍ସରେ ରଖିଲେ । ତାପରେ ମୁଁ ଫେରି ଆସିଲି ।

ସେମାନେ ଆସିବା ଦିନଟି ଜାଣିଥିଲି । ସେମାନେ ଯେଉଁଦିନ ସକାଳୁ କୋଣାର୍କ ଏକ୍ସପ୍ରେସରେ ଆସିଲେ, ସେଦିନ ହିଁ ଅଫିସ୍ ଖୋଲୁଥାଏ । ଅଫିସ୍‌କୁ ଗଲି । ନିର୍ଦ୍ଦେଶକ ପ୍ରାୟ ଏଗାରଟା ପରେ ଆସିଲେ । ମୋତେ ଡକାଇଲେ, କହିଲେ- ତୁମ ପାଇଁ ବନ୍ଦୋବସ୍ତ କରିଦେଇ ଆସିଛି । ଏଇ ନିକଟ ଭବିଷ୍ୟତରେ ତୁମେ ପୁନେ ଯିବ । କଥା କଣକି ! ସେଠାରେ ଆଇ.ଆଇ.ଇ ତରଫରୁ ଗୋଟିଏ ଶିକ୍ଷା ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ତାହା ସାରା ଭାରତ ବର୍ଷରେ ଚାଲିବ । ଏହାକୁ ପ୍ରୋପେଲ ପ୍ରୋଜେକ୍ଟ ବୋଲି କୁହାଯାଉଛି । ତାର ଗାଇଡ ବୁକ୍ ପ୍ରତ୍ୟେକ ରାଜ୍ୟ ପାଇଁ ଭାରତୀୟ ଭାଷାରେ ସେମାନେ ପ୍ରକାଶ କରୁଛନ୍ତି । ତାହା ପ୍ରଥମେ ଇଂରାଜୀରେ ପ୍ରସ୍ତୁତ ହୋଇଛି । ସେଥିରୁ ପ୍ରତ୍ୟେକ ଆଞ୍ଚଳିକ ଭାଷାରେ ଅନୁବାଦ କରାଯାଉଛି । ସେଠାରେ ଥିବା ଜଣେ ଓଡିଆ ଲୋକ ସେହି ପ୍ରକଳ୍ପର ଗାଇଡ ବୁକ୍‌କୁ ଓଡିଆରେ ତିଆରି କରୁଛନ୍ତି । ତାହା ସେମାନେ ମୋତେ ଦେଖାଇଲେ । ମୁଁ ପଢିଲି, ହେଲେ ମୋତେ ତାର ଭାଷା ଆଦୌ ଭଲ ଲାଗିଲା ନାହିଁ । ମୁଁ କହିଲି, ଭଲ ଓଡିଆରେ କରିବା ପାଇଁ ଚାହୁଁଥିଲେ- ଆମ କେନ୍ଦ୍ରରେ ଜଣେ ଲେଖକ ଅଛନ୍ତି ତାଙ୍କ ଦ୍ୱାରା କରାଇଲେ ଭଲ ହେବ । ଆପଣ ଯଦି ତାଙ୍କର ରହିବା, ଖାଇବା, ପିଇବା ଓ ରାସ୍ତା ଖର୍ଚ୍ଚ ଆଦି ବହନ କରିବେ ମୁଁ ତାଙ୍କୁ ଏଠିକୁ ପଠେଇ ଦେବି । ସେ ଏଠାରେ ରହି ଲେଖାଲେଖି କରି ଫେରିଯିବେ । ସେମାନେ ଏଥିରେ ହଁ କରିଛନ୍ତି । ଚେୟାରମ୍ୟାନ ଆସିଲେ ତାଙ୍କଠାରୁ ଅର୍ଡର କରି ଆମକୁ ଜଣାଇବେ । ମୁଁ ଭାବୁଛି ଶୀଘ୍ର ସେମାନେ ଡାକିବେ । ତୁମକୁ ହିଁ ପଠାଇବା ପାଇଁ ମୁଁ ମନେ ମନେ ଠିକ୍ କରିଛି ।

ମୁଁ ନିର୍ଦ୍ଦେଶକଙ୍କ କଥା ଶୁଣିଲି । ଭାବିଲି ନିର୍ଦ୍ଦେଶକ ମୋ ମନ ବୁଝିବା ପାଇଁ ଏମିତି କଥା କହୁଛନ୍ତି । ସେମାନଙ୍କର ଚେୟାରମ୍ୟାନ୍ କେବେ ଆସିବେ, ଅର୍ଡ଼ର ଦେବେ, ସେମାନେ ଆମକୁ ଚିଠି ପଠେଇବେ, ମୁଁ ପୁନେ ଯିବି । ସେଠାରୁ ଶିରିଡ଼ି ଯାଇ ବାବାଙ୍କ ଦର୍ଶନ କରିବି ! ଷାଠିଏ ମହଣ ଘିଅ ହେବ ନା ରାଧା ନାଚିବ ? ହଉ ଠିକ୍ ଅଛି, ମାଡ଼ାମ୍ ତ ଶିରିଡ଼ିରୁ ମୋ ପାଇଁ ଉଦି ଆଣିଥିବେ । ଭୋଗ ବି ନିଶ୍ଚୟ ଆଣିଥିବେ । ତାକୁ ପାଇ ଦେଇ ଶିରିଡ଼ି ଦର୍ଶନର ସାର୍ଥକତା ଲାଭ କରିବି । ଯେଉଁ ଦିନ ବାବାଙ୍କର ଡ଼ୋରି ଲାଗିବ ସେଦିନ ଯିବି ।

ମନଟା ଛଟପଟ ହେଲା । ମାଡ଼ାମଙ୍କୁ ଯାଇ ଭେଟି ତାଙ୍କଠାରୁ ଉଦି ଆଉ ପ୍ରସାଦ ଆଣିବା ପାଇଁ ଭାବିଲି-ସେମାନେ ତ ଆଜି ସକାଳେ ଆସିଛନ୍ତି । ବିଶ୍ରାମ ନେଉଥିବେ । ଆସନ୍ତାକାଲି ସକାଳୁ ଯିବି । ନିର୍ଦ୍ଦେଶକ ନଥିବେ ମର୍ଣ୍ଣିଂ ୱାକ୍‌ରେ ଯାଇଥିବେ । ମାଡ଼ାମ୍‌ଙ୍କଠାରୁ ଉଦି ଧରି ଚାଲି ଆସିବି ! ପରଦିନ ସକାଳ ହେଲା । ସ୍କୁଟର ବାହାର କରି ଚାଲିଲି । ୯ ନମ୍ବର ୟୁନିଟ୍‌ରେ ତାଙ୍କ ବଙ୍ଗଳା । ପ୍ରକୃତରେ ନିର୍ଦ୍ଦେଶକ ନଥିଲେ । ମୁଁ ଯାଇ ପହଞ୍ଚିଲି ତାଙ୍କ ଘରଦୁଆର ମୁହଁରେ । କଲିଂ ବେଲ୍ ମାରିଲି । ତାଙ୍କ ଘରେ କାମ କରୁଥିବା ପିଲାଟି ବାହାରି ଆସିଲା । କହିଲି- ଯା', ମା'ଙ୍କୁ କହିବୁ ମୁଁ ଆସିଛି ବୋଲି । କାରଣ ସେ ମୋତେ ଆଗରୁ ଭଲ ଭାବରେ ଜାଣେ । ବଡ଼ ଆଶ୍ଚର୍ଯ୍ୟର କଥା ମାଡ଼ାମ୍ ଆସୁ ନାହାନ୍ତି । ସେ ପିଲା ପୁଣି ବାହାରକୁ ଆସିଲା । ତାକୁ ପୁଣି ମନେପକେଇ ଦେଲି । ସେ କହିଲା- ସାର୍ ! ମୁଁ ପରା କହିଲି ମା'ଙ୍କୁ ଯେ ଉଦ୍ଧବ ସାର୍ ଆସିଛନ୍ତି । ସେ ମୋତେ କିଛି କହିଲେ ନାହିଁ । ଆପଣ ବସନ୍ତୁ ସେ ନିଶ୍ଚୟ ଆସିବେ ! ମୁଁ ବସିଛି । ସାଢ଼େସାତରୁ ଆସି ନ'ଟା ହେଲା । ଏତିକିବେଳେ ନିର୍ଦ୍ଦେଶକ ମହାଶୟ ବୁଲାବୁଲି ସାରି ଆସି ପହଞ୍ଚିଲେ । କହିଲେ- କିଓ ଡ଼କ୍ଟର ନାୟକ ! ସକାଳୁ ସକାଳୁ କୁଆଡ଼େ ? ମୁଁ କହିଲି ମାଡ଼ାମଙ୍କ ପାଖରେ ଟିକିଏ କାମ ଅଛି ତ ଆସିଛି ! କେତେବେଳୁ ଆସିଲଣି ବୋଲି ପଚାରିଲେ । ମୁଁ କହିଲି ସାଢ଼େସାତରୁ ଆସିଲିଣି । ସେ କହିଲେ କ'ଣ ମାଡ଼ାମ୍‌ଙ୍କ ସହ ଦେଖା ହେଇନି ? ମୁଁ କହିଲି, 'ନା' । ସେ ବଡ଼ ପାଟିରେ ଡ଼ାକ ଛାଡ଼ିଲେ । "ଲତା, ଲତା ଆସ ତୁମକୁ ପରା ଏ ଭଦ୍ରଲୋକ ଏଠି ଦେଢ଼ଘଣ୍ଟା ଧରି ଅପେକ୍ଷା କରିଛନ୍ତି । ତୁମେ କ'ଣ କରୁଛ ? ତାଙ୍କର କ'ଣ କାମ ଥିଲା ସାରିଦେଇ ତାଙ୍କୁ ବିଦା କରି ଦେଲ ନାହିଁ ?" ଏତିକି କହି ନିର୍ଦ୍ଦେଶକ ଘର ଭିତରକୁ ପଛ ବାଟ ଦେଇ ଚାଲିଗଲେ । ମୁଁ ବସି ରହିଲି ।

କିଛି ସମୟ ପରେ ମାଡ଼ାମ୍ ଆସି ପହଞ୍ଚିଲେ । କହିଲେ- ବଡ଼ ଭୁଲ ହୋଇଗଲା । ଆପଣ ଦେଇଥିବା କୋଡ଼ିଏ ଟଙ୍କା ଶିରିଡ଼ିଠାରେ ବାବାଙ୍କ ହୁଣ୍ଡିରେ ପକେଇବା ପାଇଁ ମୋର ମନେପଡ଼ିଲା ନାହିଁ । ପର୍ସରୁ ମୋଡ଼ାମୋଡ଼ି ହୋଇ ରହିଥିବା ସେଇ କୋଡ଼ିଏ ଟଙ୍କା ବାହାର କରି ମୋ ହାତକୁ ବଢ଼ାଇ ଦେଇ କହିଲେ - କିଛି ବ୍ୟସ୍ତ ହେବା ଦରକାର ନାହିଁ । ଆପଣ ଡ଼ାକରେ ପଠାଇ ଦେଲେ ବି ସେଠାରୁ ଉଦି ଆପଣଙ୍କ ପାଖକୁ ଚାଲିଆସିବ । ଏମିତି ବହୁତ ଲୋକ ମନିଅର୍ଡ଼ର କରି ଟଙ୍କା ପଠଉଛନ୍ତି ନା ! ମୋତେ ଛୋଟ ପିଲାଙ୍କ ପରି କେତେ ବୁଝେଇବାରେ ଲାଗିଲେ । ମୋ ମନ ମୁହଁ ସବୁ ଏକାଥରକେ ଝାଉଁଳି ପଡ଼ିଲା । ମୁଣ୍ଡ କ'ଣ ହୋଇଗଲା । ତାଙ୍କଠାରୁ ଟଙ୍କା ଆଣି ସ୍କୁଟର ଧରି ସିଧା ଘରକୁ ଫେରିଲି । ହେଲେ ଘରକୁ ଯିବା ପାଇଁ ମନ ହେଉନଥାଏ । ମେନ୍ ରାସ୍ତାରେ ରିଜିଓନାଲ୍ କଲେଜ ଅଫ୍ ଏଜୁକେସନ୍‌ର ତୃତୀୟ ଗେଟ୍ ସମ୍ମୁଖରେ ସ୍କୁଟର ରଖି କିଛି ସମୟ ଠିଆ ହେଲି । ହୃଦୟରେ କୋହ ଜାତ ହେଲା । ସେ କୋହ ସମ୍ଭାଳି ହେବାର ନୁହେଁ । ଅଭିମାନରେ ଭକ୍ତ ଯେମିତି ତା'ର ପରମାରାଧ୍ୟ ଦେବତାକୁ ଗାଳିଦିଏ, ଠିକ୍ ସେହିପରି ବାବାଙ୍କୁ ଲକ୍ଷ୍ୟ କରି ନାନା କଥା କହିବାରେ ଲାଗିଲି ।

ଧନୀ, ପୁଞ୍ଜିପତିଙ୍କ ପାଇଁ ଭଗବାନଙ୍କ ଦ୍ୱାର ସର୍ବଦା ଖୋଲା । ଚୋର, ଡ଼କାୟତ, ଖଣ୍ଟ, ଟାଉଟରମାନଙ୍କ ପଇସାକୁ ଭଗବାନ ଗ୍ରହଣ କରନ୍ତି । କଳାବଜାରୀ ଓ ଟିକସ୍ ଫାଙ୍କୁଥିବା ଲୋକଙ୍କ ପଇସାରେ ବଡ଼ ବଡ଼ ମନ୍ଦିର ତିଆରି ହୁଏ । ସେଇଠି ଭଗବାନ ଆନନ୍ଦରେ ରହନ୍ତି । ସେହି ପଇସାରେ ଠାକୁରଙ୍କର ସମସ୍ତ ପୂଜା ପାର୍ବଣ ପାଳିତ ହୁଏ । ମେହନତ୍‌କାରୀ ମଣିଷ, ସଚ୍ଚୋଟ ମଣିଷର ସାମାନ୍ୟ ଧନକୁ କ'ଣ ଭଗବାନ କେବେ ଗ୍ରହଣ କରିପାରିବେ ? ବଡ଼ ଲୋକର ଭଗବାନ, ପୁଞ୍ଜିପତିର ଭଗବାନ । ଗରିବକୁ ଭଗବାନ କେବେ ହେଲେ ପାସଙ୍ଗରେ ପକାନ୍ତି ନାହିଁ । ସେଇଥିପାଇଁ ମୋତେ ତୁମେ ଶିରିଡ଼ି ଯିବାର ବାଟ ଦେଖେଇଲ ନାହିଁ କି ମୋତେ ପୁଣେ ନେଲ ନାହିଁ । ତୁମର ଚରଣ ତଳେ ସଦାସର୍ବଦା ମୁଣ୍ଡପାତି, ହାନିଲାଭ ଭଲମନ୍ଦରେ ତୁମକୁ ଆଶ୍ରାକରି ଆସିଛି ୧୯୯୩ ମସିହାଠାରୁ । ହେଲେ ପ୍ରଭୁ ! ତୁମେ ଏଡ଼େ ନିଷ୍ଠୁର ମୋତେ ଶିରିଡ଼ି ନେଲ ନାହିଁ- ମୋ କଷ୍ଟଅର୍ଜିତ କିଞ୍ଚିତ ଅର୍ଥକୁ ବି ଗ୍ରହଣ କଲ ନାହିଁ । ମୋର ଦୋଷ କ'ଣ ? ଏତକ କହିବା ବେଳେ ମୋ ଆଖିରୁ ଥପ୍ ଥପ୍ ହୋଇ ଦୁଇବୁନ୍ଦା ଲୋତକ ବୋହି ପଡ଼ିଲା । ମୁଁ କଇଁ କଇଁ ହୋଇ କାନ୍ଦିବାରେ ଲାଗିଲି । ମନକୁ ବୁଝାଇଲି ।

ସ୍କୁଟରରେ ବସି ଘରକୁ ଆସିଲି । କୌଣସିଥିରେ ମନ ଲାଗିଲା ନାହିଁ । ଗାଧୋଇ ପାଧୋଇ ପୂଜାପାଠ କରି ଶୋଇ ପଡ଼ିଲି । ବାରଟା, ଗୋଟେ, ଦୁଇଟା ବାଜିଲା । ନିର୍ଦ୍ଦେଶକ ଫୋନ୍ କଲେ । କ'ଣ ଆଜି ଆସିବ ନାହିଁ କି ଡ଼କ୍ଟର ନାୟକ ? ସାର୍, ଆଜି ମୁଁ ଯିବିନି ! ମୋ ଦେହ ଭଲ ନାହିଁ ବୋଲି ଫୋନ୍‌ରେ କହିଲି । ଆରେ ଆସ, ତିନିଟା ବେଳକୁ ହେଲେ ଆସ । ମୁଁ ଖାଇକରି ଆସିଥିବି । କେତେ କଥା ଅଛି ଆଲୋଚନା କରିବା ।

ସାଢ଼େ ଦୁଇଟାରେ ଅଫିସ୍‌ରେ ପହଞ୍ଚିଲି । ନିର୍ଦ୍ଦେଶକ ମଧ ସାଢ଼େ ଦି'ଟା ବେଳେ ଆସି ପହଞ୍ଚିଲେ । ମୋତେ ତାଙ୍କ କୋଠରୀକୁ ଡ଼ାକିଲେ । ଆମେ ବସିଛୁ- ଏତିକି ବେଳେ ପୁଣେରୁ ଗୋଟେ ଫ୍ୟାକ୍ସ ଆସିଲା- ଆପଣଙ୍କର ଲେଖକଙ୍କୁ ଶୀଘ୍ର ପଠାନ୍ତୁ । ଆମେ ତାଙ୍କର ରହିବା, ଖାଇବା ବହନ କରିବା ସହ ଗସ୍ତ ଖର୍ଚ୍ଚ ପ୍ରଦାନ କରିବୁ । ନିର୍ଦ୍ଦେଶକ ଫ୍ୟାକ୍ସଟିକୁ ପଢ଼ିଦେଇ ମୋ ସହିତ ହାତ ମିଳାଇ ଦେଇ କହିଲେ- ଏଇ ନିଅ ପଢ଼ ! ତୁମ ଯିବାର ଚିଠି ଫ୍ୟାକ୍ସରେ ଆସିଛି । ତୁମେ ଦିନେ ଦୁଇଦିନ ଭିତରେ ବାହାରିଯାଅ ! ଆଜି ଟିକେଟ୍ କାଟିଦିଅ । ଟଙ୍କା ଅଗ୍ରୀମ ପାଇବା ପାଇଁ ଅର୍ଡ଼ର କରିଦେଲେ । ଯିବା ଆସିବା ଟିକେଟ୍ କଟା ହୋଇଗଲା । ହେଲେ ଆସିବା ଟିକେଟ୍‌ଟି କନଫର୍ମ ହୋଇ ପାରିଲା ନାହିଁ । ୱେଟିଙ୍ଗ୍ ୧ରେ ରହିଲା । ସମସ୍ତେ କହିଲେ ସେକେଣ୍ଡ ଏସି ଦଶଦିନ ତ ଅଛି ତା' ଭିତରେ କନ୍‌ଫର୍ମ ହୋଇଯିବ । ମୋର ଯିବାର ଗସ୍ତ ବିବରଣୀ ଫ୍ୟାକ୍ସ କରି ଜଣାଇ ଦିଆଗଲା ପୁଣେକୁ ।

କୋଣାର୍କ ଏକ୍ସପ୍ରେସ୍ ଏକମାତ୍ର ସାହା । ଯାଇ ରାତ୍ରି ଦୁଇଟାରେ ପୁଣେ ରେଲ୍‌ୱେ ଷ୍ଟେସନରେ ଓହ୍ଲାଇଲି । ପ୍ଲାଟଫର୍ମ ବାହାରେ ଗେଟ୍ ପାଖରେ ଦୁଇଜଣ ଲୋକ ପ୍ଲାକାର୍ଡ଼ ଧରି ଠିଆ ହୋଇଛନ୍ତି । ସେଥିରେ ଲେଖାଅଛି - 'ୱେଲ୍‌କମ୍ ଡ଼ଃ. ୟୁ.ସି. ନୟକ, ଏସ.ଆର.ସି. ଓଡ଼ିଶା, ଭୁବନେଶ୍ୱର ।' ସେମାନଙ୍କ ପାଖରେ ପହଞ୍ଚିଲି । ସଂଗେ ସଂଗେ ଗାଡ଼ିରେ ଆସି ପହଞ୍ଚିଲି ଅତିଥି ଭବନରେ । ଜିନିଷପତ୍ର ରଖି ବିଶ୍ରାମ ନେଲି ।(ଆରଥରକୁ)

ସାଇ ଦିଗ୍‌ବଳୟ, ଇ-୬୫, ୟୁନିଟ୍-୮,
ଭୁବନେଶ୍ୱର-୧୨

# ଦୁଇଟି ଗପ

ନଗେନ୍ଦ୍ର ନାଥ ପଟ୍ଟନାୟକ

ଛୋଟ ଗପ



## ତପ ହିଁ ତ୍ୟାଗ

ଗର୍ଗ ସଂହିତାର ରଚୟିତା ମହର୍ଷି ଗାର୍ଗେୟ ଥିଲେ ଧର୍ମଶାସ୍ତ୍ରର ଜଣେ ପ୍ରଚଣ୍ଡ ବିଦ୍ୱାନ । ସମୟେ ସମୟେ ଋଷି ମହର୍ଷି ଓ ଶ୍ରଦ୍ଧାଳୁଜନ ତାଙ୍କ ନିକଟକୁ ଛୁଟି ଆସୁଥିଲେ ନିଜ ମନ ଭିତରେ ଜାଗି ଉଠୁଥିବା ଜିଜ୍ଞାସାର ସମାଧାନ ନିମନ୍ତେ । ସେମିତି ଶୌନକାଦି ମୁନୀ ଥରେ ସେଠାରେ ପଦାର୍ପଣ କଲେ ତାଙ୍କ ସାନ୍ନିଧ ଲାଭ କରିବା ଉଦ୍ଦେଶ୍ୟରେ । ସେ ପ୍ରଶାନ୍ତ ଚିତରେ ପ୍ରଶ୍ନକଲେ –ମହର୍ଷି, ଧର୍ମର ସାରାତତ୍ୱ କଣ ? ମହର୍ଷି ବେଶ୍ ପ୍ରାଂଜଳ ଭାବରେ ବୁଝାଇଲେ- ଯେଉଁ ବ୍ୟକ୍ତି ସତ୍ୟ, ଅହିଂସା ଓ ସଦାଚାର ନୀତି ଅନୁସରଣ କରେ ଏବଂ କର୍ତବ୍ୟ କର୍ମକୁ ନିଷ୍ଠାର ସହିତ ନିଷ୍ପାଦନ କରେ ସେହି ବ୍ୟକ୍ତି ହିଁ ପ୍ରକୃତରେ ଧର୍ମାତ୍ମା , ପୁଣ୍ୟାତ୍ମା । ପ୍ରାଣୀମାତ୍ରର ସର୍ବାଙ୍ଗୀନ କଲ୍ୟାଣ ସାଧନା କରିବା ହିଁ ପରମ ଧର୍ମ । ଶୌନକାଦି ଋଷି ପୁଣି ଜିଜ୍ଞାସା କଲେ –ମହର୍ଷି ! ତା'ହେଲେ ତପସ୍ୟାର ଅର୍ଥ କ'ଣ ? ମହର୍ଷି ଉତର ଦେଲେ-ତପ ବା ତପସ୍ୟା ପ୍ରକୃତ ଅର୍ଥ ତ୍ୟାଗ, ତିତିକ୍ଷା । ମନୁଷ୍ୟ ଯଦି ନିଜର ସାଂସାରିକ ଆଶା,ଆକାଂକ୍ଷା ଅଭିଳାଷ ଓ ଦୁର୍ଗୁଣ ଦୁଷ୍କୃତିକୁ ପରିତ୍ୟାଗ କରିଦିଏ ତେବେ ସେ ସଚ୍ଚା ତପସ୍ୱୀ ବନିଯିବ । ଯାହାର ମନ ନିର୍ମଳ ଓ ହୃଦୟ ଶୁଦ୍ଧପୂତ, କଳୁଷ କଲ୍ମଷମୁକ୍ତ ସିଏ ଆପଣାଛାଏଁ ଭକ୍ତିମାର୍ଗର ଅନୁଗାମୀ ହୋଇପାରିବେ । ତାଙ୍କ ଉପରେ ଭଗବାନ କୃପାବୃଷ୍ଟି କରିବାକୁ ଅଧୀର ହୋଇଉଠନ୍ତି । ମହର୍ଷି ଆହୁରି ପୁଛିଲେ -ଅସଲି ଭକ୍ତ କିଏ ? ମହର୍ଷି କହିଲେ-କେବଳ ଭଗବାନଙ୍କ ଅପାର କୃପାପ୍ରାପ୍ତିର ମହତ୍ ଉଦ୍ଦେଶ୍ୟରେ କୃତ ଉପାସନାକୁ ନିଷ୍କାମ ଭକ୍ତି କୁହାଯାଏ । ସଚ୍ଚାଭକ୍ତ କେବଳ ଭଗବାନଙ୍କୁ ହିଁ ତାଙ୍କ ପ୍ରୀତି ଯାଚନା କରେ । ସିଏ ପ୍ରଭୁଙ୍କୁ ସଦ୍‌ବୁଦ୍ଧି ଭିକ୍ଷାକରେ । ଯେମିତି କି ସେ ଘୋର ସଙ୍କଟ, ବିପଦଆପଦ ବେଳେ ଧର୍ମମାର୍ଗରୁ ତିଳେହେଲେ ବିଚ୍ୟୁତ ହେବନାହିଁ । ମହର୍ଷି ଗାର୍ଗେୟଙ୍କ ମର୍ମଜ୍ଞ କଥାପଦକ ଶ୍ରବଣ କରି ଶୌନକାଦି ମୁନୀ ନିଜକୁ କୃତକୃତ୍ୟ ମଣିଥିଲେ ।

## ॥ ସାହାଯ୍ୟ ॥

ମାଘ ମାସ, ଶୀତ ମାଡିଆସେ ବାଘ ପରି । କଳିଜାଥରା ଜାଡ ସାଙ୍ଗକୁ ଲହରା ଲହରା କୋହଲା ପବନ । ଦେହହାତ କୋଲ ମାରିଯାଉଥାଏ ଯେମିତି । ଚାରିଆଡେ ଶୂନଶାନ, ଖାଁ ଖାଁ । ସମସ୍ତେ ଘରର ଚାରିକାନ୍ଥ ଭିତରେ ବନ୍ଦୀ ହୋଇ କୁଙ୍କୁରିକାଙ୍କୁରି ହୋଇ ପଡିଥାନ୍ତି । ଗୋଟିଏ ଝାଟିମାଟି ଭଙ୍ଗାଦରରା ଓ ନୁଆଁଣିଆ ଚାଳଘରେ ରହୁଥାଏ ସାଗର, ବୃଦ୍ଧ ପିତାମାତାଙ୍କ ସହିତ । ମା ବାପା ପେଟରୁ କାଟି ତାକୁ ଦି ଅ କ୍ଷର ପାଠ ପଢାଇ ମଣିଷ କଲେ । ଏଡେରୁ ଏଡୁଟିଏ କଲେ । ପ୍ରଖର ବୁଦ୍ଧି ସାଗରର । ଖୁବ୍ ମେଧାବୀ ବି । ତେଣୁ ବି ଏ ବାସ କରିବା ପରେ ପରେ ତା ହାତକୁ ସରକାରୀ ଚାକିରି ଖଣ୍ଡେ ଆସିଗଲା । ଚାକିରିରେ ଯୋଗଦେବାର ଏକ ମାସ ହୋଇଗଲାଣି ଏ ଭିତରେ । ଆଜି ପ୍ରଥମ ମାସର ଦରମା ଗଣ୍ଡାକ ମିଳିଚି ତାକୁ । ବୃଦ୍ଧ ମାତାପିତାଙ୍କ ପାଇଁ ଉଷୁମ ଲୁଗାପଟା ଆଉ କିଛି ତଟକା ଫଳ କିଣି ସାଙ୍ଗରେ ନେଇଥାଏ ସେ । ବୃଦ୍ଧ ବାପାମାତା ଚିରାଫଟା, ସାତସିଆଁ ଲୁଗା ପିନ୍ଧି ଜୀବନ ଯାପନ କରୁଥିଲେ । ଗ୍ରୀଷ୍ମ ହେଉ କି ଶୀତଦିନ ସବୁବେଳେ ଗୋଟିଏ ଲୁଗା ଧୋଇଶୁଖେଇ ପିନ୍ଧୁଥାନ୍ତି । ଏବେ ସେମାନଙ୍କୁ ସକଳ ପ୍ରକାର ସୁଖସୁବିଧା ଯୋଗାଇ ଦେବାକୁ ମନ ବଳାଇଲା ସାଗର । ଥୁରୁଥୁରୁ ଜାଡର ଦାଉରୁ ମାତାପିତାଙ୍କୁ କିପରି ରକ୍ଷା କରିବ ସେଇ ଭାବନା ରାଇଜରେ ବୁଡି ରହିଥିଲା ସାଗର । ଏଇଆ ବିଚାରି ପାଦଚଲା ରାସ୍ତାରେ ଘର ଆଡେ ମୁହାଁଇଥାଏ । ତରତର ପାହୁଣ୍ଡ ପକେଇ କେଇ ଖୋଜି ଗଲା ପରେ ତା ଆଖି ପହଁରିଗଲା ବୃଦ୍ଧ ଦମ୍ପତି ଉପରେ । ବୃଦ୍ଧ ଦମ୍ପତି ହାଡଭଙ୍ଗା ଶୀତରେ ଗୋଟାପଣେ ଥରୁଥାନ୍ତି ବରଡା ପତ୍ର ଭଳି । ସେମାନଙ୍କ ଉପରେ ନଜର ଲାଖିଯିବା ମାତ୍ରେ ସେ ସେଇଠି ଥମକିନା ଅଟକିଗଲା । ସେମାନଙ୍କର ଦୟନୀୟ ଅବସ୍ଥାକୁ ଦେଖି ବ୍ୟସ୍ତ, ବିବ୍ରତ ଓ ବିଚଳିତ ହୋଇଉଠିଲା ସେ । ସାଙ୍ଗରେ ଆଣିଥିବା ଉଷୁମ ବସ୍ତ୍ର ସେମାନଙ୍କୁ ପିନ୍ଧାଇଦେଲା । ଖାଇବା ପାଇଁ ତଟକା ଫଳ କାଟିକରି ବଢାଇ ଦେଲା ସେମାନଙ୍କ ହାତକୁ । ଅଜସ୍ର ଆଶୀର୍ବାଦ ଅଜାଡିଦେଲେ ବୃଦ୍ଧ ଦମ୍ପତି । କେତେକାଂଶରେ ସେମାନଙ୍କୁ ସହାୟତାର ହାତ ବଢାଇ ଥିବାରୁ ତାର ଖୁସି କହିଲେ ନ ସରେ । ପର ମାସର ଦରମା ପଇସାରେ ଉଷୁମ ପୋଷାକ ଓ ଲୁଗାପଟା ନିଷ୍ଚେ କିଣିକି ନେବ ବୋଲି ମନେ ମନେ ବିଚାରିଲା ସାଗର । ଏଇଆ ଭାବି ତାର ଗନ୍ତବ୍ୟସ୍ଥଳ ଆଡେ ମାଡିଚାଲିଲା ।

♥ ଓସ୍କାର ସିଟି, ଲକ୍ଷ୍ମୀସାଗର
କେନାଲ ରୋଡ , ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ଧର୍ମଧାରଣାର ଧ୍ୱଜାରୋହଣ; ଏକ ପୋଷ୍ଟମର୍ଟମ୍



କାଳିକିଙ୍କର

ଆଜି ଆମ ଦେଶରେ ଏକ ଭିନ୍ନ ବାତାବରଣ ସୃଷ୍ଟି ହୋଇ ଚାଲିଛି । ଦେଶ ସ୍ୱାଧୀନ ହେଲାପରଠାରୁ ଏମିତି ଧର୍ମ ଧାରଣାକୁ ନେଇ ବାଦ ବିବାଦ ସୃଷ୍ଟି ହୋଇ ନ ଥିଲା । ଏ କଥା ସତ ଯେ ଇତିହାସରେ ଭାରତବର୍ଷକୁ ମୁସଲମାନ ଶାସକମାନେ ବହୁବର୍ଷ ଧରି ଶାସନ କରିଥିଲେ । ସେମାନଙ୍କର ଶାସନର ପତନ ମଧ୍ୟ ଆମେ କରି ନ ଥିଲୁ । ଇଂରେଜମାନେ ଆମ ଦେଶରେ ମୁସଲମାନ ଶାସନର ପତନ କରି ସେମାନଙ୍କର ଶାସନ କଲେ ପ୍ରାୟ ଦୁଇଶହବର୍ଷ ପର୍ଯ୍ୟନ୍ତ । ଉଭୟ କ୍ଷେତ୍ରରେ ଏ ଦେଶର ତତ୍କାଳୀନ ଦେଶବାସୀ ନିଶ୍ଚିତ ଶୋଷିତ ଓ ନିଷ୍ପେସିତ ହୋଇଥିବେ । ମୁସଲମାନ ଶାସକମାନେ ବା ମୁସଲମାନ ଧର୍ମପ୍ରଚାରକମାନେ ଏ ଦେଶର ମୂଳ ବାସିନ୍ଦାଙ୍କୁ ନିଶ୍ଚୟ ବିଭିନ୍ନ ଉପାୟରେ ମୁସଲମାନ କରିଥିବେ । ଭାରତର ହିନ୍ଦୁମାନଙ୍କର ଅସ୍ଥାର କେନ୍ଦ୍ରକୁ ଭାଂଗିଥିବେ । ତା' ଉପରେ ହୁଏତ ମସ୍‌ଜିଦ୍ ଆଦି ନିର୍ମାଣ କରିଥିବେ । ଏଥିରେ ଅବିଶ୍ୱାସ ବା ସନ୍ଦେହର କୌଣସି କଥାହିଁ ନାହିଁ । ଦୁର୍ବଳ ଉପରେ ସବୁକାଳରେ ଅତ୍ୟାଚାର ହୋଇଥାଏ, ଆଜି ମଧ୍ୟ ହୋଇଚାଲିଛି ।

ସେମିତି ଇଂରେଜମାନେ ମଧ୍ୟ ବେପାର ବଣିଜ କରିବା ଉଦ୍ଦେଶ୍ୟରେ ଭାରତରେ ଆସି ପହଂଚିଲେ । ସେମାନେ ଭାରତର ଦୁର୍ବଳ ଶାସନ ବ୍ୟବସ୍ଥାର ସୁଯୋଗ ନେଇ ଏଠାରେ ନିଜର ଶାସନ ବ୍ୟବସ୍ଥା ସ୍ଥାପନ କଲେ । ମୁସଲମାନ ଶାସକମାନେ ଭାରତକୁ ଆସି ଭାରତକୁ ନିଜର ଘର ଭାବରେ ବସବାସ କଲେ । ଭାରତୀୟ ସଂସ୍କୃତି ସହ ମିଳିମିଶି ଗଲେ । ସେମାନେ ଘର ଦ୍ୱାର କରି ଏଠାରେ ସବୁଦିନପାଇଁ ରହିବାକୁ ଲାଗିଲେ, ଏ ଦେଶକୁ ଭଲପାଇଲେ ଓ ଏ ଦେଶର ଲୋକଙ୍କୁ ମଧ୍ୟ ଭାଇଭାବରେ ଆଦରି ନେଲେ ।

କିନ୍ତୁ ଇଂରେଜମାନେ ଏଠାରେ ରହିବାକୁ ଆସି ନ ଥିଲେ ବା ରହିଲେ ମଧ୍ୟ ନାହିଁ । ସେମାନେ ଖ୍ରୀଷ୍ଟିୟନ ଧର୍ମର ପ୍ରଚାର ପ୍ରସାର ପାଇଁ ମଧ୍ୟ ଲାଗି ପଡିଲେ । ଆମଦେଶର ଗରିବ ଲୋକଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରେଇଲେ । ଅନେକ ସ୍ଥାନରେ ସ୍କୁଲ କଲେଜ ଖୋଲିଲେ । ଗୀର୍ଜାଘର ସ୍ଥାପନ କଲେ । ସେମାନେ ଆମର ଅର୍ଥନୀତିକୁ ଧୂଳିସାତ୍ କରିଦେଲେ । ଯେଉଁ ଦେଶ ଦିନେ ପୃଥିବୀର ସବୁଠାରୁ ସମ୍ପନ୍ନ ଦେଶଥିଲା ସେ ଦେଶ ହେବାକୁ ଲାଗିଲା କାଙ୍ଗାଳ । ଦେଶର ଆର୍ଥିକ, ସାମାଜିକ, ଧାର୍ମିକ ଓ ଶୈକ୍ଷିକ ସ୍ଥିତିକୁ ଦୋହଲାଇବାରେ ଲାଗିଲେ ।

ବହୁ ସଂଘର୍ଷ ଓ ବଳିଦାନ ପରେ ଆମକୁ ମିଳିଲା ସ୍ୱାଧୀନତା । ନୃଶଂସ ଇଂରେଜମାନେ ଆମର ନିରୀହ ନିରପରାଧ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କଲେ, ତାଙ୍କୁ ପୋକମାଛି ପରି ହତ୍ୟା ମଧ୍ୟକଲେ । ଜେଲ୍‌ରେ ପୂରେଇଲେ, ଫାଶିଖୁଂଟରେ ଝୁଲାଇଲେ । ତେବେ ଭାରତୀୟ ଜାତୀୟ କଂଗ୍ରେସର ନେତୃତ୍ୱରେ ଆରମ୍ଭ ହେଲା ସ୍ୱାଧୀନତା ଆନ୍ଦୋଳନ । ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ମୌଲାନା ଆବୁଲ କାଲାମ୍ ଆଜାଦ୍, ନେତାଜୀ ସୁବାସ ଚନ୍ଦ୍ର ବୋଷ ଆଦିଙ୍କ ଏକାନ୍ତ ପ୍ରୟାସରେ ମିଳିଲା ଆମକୁ ସ୍ୱାଧୀନତା । ମହାତ୍ମାଗାନ୍ଧୀ ଥିଲେ ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ।

ତେବେ ସେତେବେଳକୁ ଇଂରେଜ ଓ ଆମଦେଶର କିଛି ନ୍ୟସ୍ତସ୍ୱାର୍ଥ ଶ୍ରେଣୀର ଲୋକେ ଏ ଦେଶର ମୁସଲମାନ ମାନଙ୍କ ମନରେ ଏକ ପ୍ରକାର ଅସୁରକ୍ଷାର ଭାବନା ସୃଷ୍ଟି କରିବାରେ ସକ୍ଷମ ହୋଇ ଯାଇଥିଲେ । ଯେହେତୁ ଭାରତ ହେଉଛି ହିନ୍ଦୁବହୁଳ ରାଷ୍ଟ୍ର ତେଣୁ ଦିନେ ନା ଦିନେ ଏ ଦେଶର ହିନ୍ଦୁମାନଙ୍କ ଭିତରେ ଧର୍ମଧାରଣାର ଧ୍ୱଜାରୋହଣ କରାଇ ମୁସଲମାନମାନଙ୍କ ଉପରେ ଅତ୍ୟାଚାର କରିବେ । ଗାନ୍ଧୀ, ନେହେରୁ, ପଟେଲ ଆଦିଙ୍କର ଶତଚେଷ୍ଟା ସତ୍ୱେ ଧର୍ମଭିତିରେ ଆଉ ଏକ ଦେଶର ସୃଷ୍ଟିକୁ ଅଟକାଇ ରଖି ହେଲାନାହିଁ । ପାକିସ୍ତାନ ନାମକ ଦେଶଟିଏ ସୃଷ୍ଟି ହୋଇଗଲା । ତେବେ ଏ ଦେଶର ଅନେକ ମୁସଲମାନ ସ୍ୱତନ୍ତ୍ର ଭାବରେ ନିର୍ମିତ ହୋଇଥିବା ମୁସଲମାନ ରାଷ୍ଟ୍ରକୁ ନ ଯାଇ ଭାରତରେ ରହିବାକୁ ପସନ୍ଦ କଲେ ।

ପୃଥିବୀରେ ଯେତେକ ଲୋକତାନ୍ତ୍ରିକ ଦେଶ ରହିଛି ତା' ଭିତରେ ଭାରତକୁ ଭିନ୍ନ ଦୃଷ୍ଟିରେ ଦେଖାଯାଏ କାରଣ ଭାରତ ଏମିତି ଏକ ଦେଶ ଯେଉଁ ଦେଶରେ ସମସ୍ତ ଧର୍ମର ଲୋକେ ଖୁବ୍ ଶାନ୍ତିରେ ଓ ସୁଖରେ ମିଳିମିଶି ଚଳନ୍ତି । ଏ ଦେଶରେ ବିଭିନ୍ନତା ଭିତରେ ଅନନ୍ୟ ଏକତା ରହିଛି । ହିନ୍ଦୁ, ମୁସଲମାନ, ଶିଖ, ଇସାହି ସମସ୍ତେ ଏଠାରେ ଭାଇ ଭାଇ । ଅଦ୍ଭୁତ ସୌହାର୍ଦ୍ଦ୍ୟ ଏ ଦେଶରେ । ଭାରତର ସମ୍ବିଧାନ ପୃଥିବୀର ସବୁଠାରୁ ବଡ ସମ୍ବିଧାନ । ଭାରତ ପୃଥିବୀର ବୃହତମ ଲୋକତନ୍ତ୍ର । ଧର୍ମନିରପେକ୍ଷତା, ସାମାଜିକ ସମତା ଏ ଦେଶର ଦୁଇ ମୁଖ୍ୟ ଚିନ୍ତା ଓ ଚେତନା ।

ସତୁରି ବର୍ଷରୁ ଅଧିକକାଳ ହୋଇଗଲାଣି ଏ ଦେଶର ସ୍ୱାଧୀନତା ପ୍ରାପ୍ତିର । ସେହି ସାମାଜିକ ମୂଲ୍ୟବୋଧକୁ ନେଇ ଚାଲିଛି ଏ ଦେଶ । ତେଣୁ ଏବେ ଏ ଦେଶର ଧର୍ମର ଧ୍ୱଜାରୋହଣ କେମିତି ହେଉଛି ସେ ବିଷୟରେ ଏକ ପୋଷ୍ଟମର୍ଟମ୍ କଲେ ଭଲ ହେବ । ୨୦୧୪ ମସିହାରେ ଭାରତରେ ହିନ୍ଦୁଧର୍ମର ସମର୍ଥକ ସରକାର ଭାବରେ ପରିଚିତ ଏକ ସରକାର ଗଠନ ହେଲା । ସମସ୍ତେ ଆଶାପୋଷଣ କଲେ ଯେ ପୂର୍ବବର୍ତୀ ସରକାରମାନଙ୍କ ଭଳି ଏ ଦେଶରେ ଧର୍ମକୁ ବ୍ୟବହାର କରି ଆଉ ସମାଜରେ ଘୃଣା, ବିଭେଦ ଓ ହିଂସା ସୃଷ୍ଟିହେବ ନାହିଁ । ନରେନ୍ଦ୍ର ମୋଦୀ ସରକାର କିନ୍ତୁ ଯେଉଁ ଆଚାର ଓ ବିଚାର ପ୍ରକଟ କରୁଛି ତାହା ଦେଶ ଭିତରେ ଅନେକ ବିଭେଦ ସୃଷ୍ଟି କରିବାରେ ଲାଗିଛି । ଅଧିକାଂଶ ଦିନ ଆଜିକାଲି ହିନ୍ଦୁ ମୁସଲମାନ ବିଭେଦ ସୃଷ୍ଟି ହେବାର ପ୍ରୟାସ ହେଉଛି ।

ବାବ୍ରୀ ମସ୍‌ଜିଦର ଧ୍ୱଂସକଲାପରେ ମୌଳବାଦୀ ହିନ୍ଦୁ ଓ ହିନ୍ଦୁ ସଂଗଠନ ଅଧିକ ଉତ୍ସାହିତ ହୋଇ ଉଠିଛନ୍ତି । ଦ୍ୱିତୀୟରେ ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟ ରାମଜନ୍ମଭୂମି ନ୍ୟାସକୁ ରାମ ମନ୍ଦିର ନିର୍ମାଣର ଆଦେଶ ଦେବା ପରଠାରୁ ଏବେ ଏ ଦେଶରେ ହିନ୍ଦୁ-ମୁସଲମାନ ଦ୍ୱେଷ ବିଦ୍ୱେଷର ଖେଳ ଅଧିକ ହେବାରେ ଲାଗିଛି । ଅବଶ୍ୟ ସର୍ବୋଚ୍ଚ ନ୍ୟାୟାଳୟ ମୁସଲମାନ ଧର୍ମାବଲମ୍ବୀ ଲୋକଙ୍କୁ ମସ୍‌ଜିଦ୍ ଗଢ଼ିବାର ମଧ୍ୟ ଭିନ୍ନ ଏକ ସ୍ଥାନ ଦେଇଛନ୍ତି । ଏହାସତ୍ୱେ ଏ ଦେଶର ଜଳବାୟୁ ବିଷାକ୍ତ ହେବାରେ ଲାଗିଛି ।

୧୯୯୧ ମସିହାର ଏକ ରାୟରେ କୁହାଯାଇଛି ଯେ ଯେମିତି ବାବ୍ରି ମସ୍‌ଜିଦ୍ ଧ୍ୱଂସହେଲା ସେମିତି ଯେମିତି ଆଗକୁ କିଛି ନ ହୁଏ । ସ୍ୱାଧୀନତାପ୍ରାପ୍ତି ସମୟରେ ଯେଉଁ ସ୍ଥିତି ଥିଲା , ସେ ସ୍ଥିତି ସେମିତି ରହିବ । ତେବେ ଆଜି କୁତବ୍‌ମିନାରକୁ ବିଷ୍ଣୁ ସ୍ତମ୍ଭ କହିବା, ତାଜ ମହଲକୁ ତେଜୋ ମହଲ କହିବା ଓ ଜ୍ଞାନବ୍ୟାପି ମନ୍ଦିରକୁ ଶିବ ମନ୍ଦିର କହିବା ଓ ବିବାଦ ସୃଷ୍ଟିକରିବା କେତେଦୂର ଯଥାର୍ଥ ତାହା ବିଚାର କରିବା ।

ତୃତୀୟରେ ଏଥିରୁ ସାଧାରଣ ଜନତାଙ୍କୁ ମିଳିବ କ'ଣ ? କ'ଣ ୧୫ ଲକ୍ଷ ଟଙ୍କା ସମସ୍ତ ଭାରତୀୟଙ୍କ ଖାତାକୁ ଆସିଯାଇଛି, କ'ଣ ପ୍ରତିବର୍ଷ ଦୁଇକୋଟି ଲୋକଙ୍କୁ ସରକାରୀ ଚାକିରୀ ମିଳୁଛି- ଏମିତି କେତେକଥାକୁ ରାତି ନିଅଂଟ ହେଉଛି । ଯିଏ ଆକ୍ରାନ୍ତା ଥିଲା ସେ ତ ଆଜିନାହିଁ ଭିନ୍ନଲୋକ ଯେଉଁମାନଙ୍କର ହିନ୍ଦୁମନ୍ଦିର ବଦଳରେ ମୁସଲମାନ ମାାନଙ୍କର ମସ୍‌ଜିଦ୍ ଆଦିର ବିବାଦ ସହ କୌଣସି ସମ୍ପର୍କ ନାହିଁ ସେମିତି ସ୍ଥଳରେ ଏମିତି ଓଲଟପାଲଟ କଥା କହିବା ଓ କରିବା ମଧ୍ୟ ଉଚିତ୍ ନୁହେଁ ।

ଦ୍ୱିତୀୟରେ କେଉଁ ଧର୍ମରେ କିଏ କେବେ କହିଛି କି ଯେ ଈଶ୍ୱର ଏକ ନୁହଁନ୍ତି ଦୁଇଜଣ, ଏମିତି କେହିକେବେ କହିନାହାଁନ୍ତି । ଈଶ୍ୱର ଯେହେତୁ ସ୍ୱଦେହରେ ଆବିର୍ଭାବ ହୁଅନ୍ତି ନାହିଁ ତେଣୁ ଆଜି ଏ ଅବସ୍ଥା । ପୃଥିବୀରେ ସବୁଧର୍ମରେ ପ୍ରେମର- ଭଲପାଇବାର କଥା କୁହାଯାଇଛି । କେଉଁଠି ମଣିଷ ମଣିଷ ଭିତରେ ଈଶ୍ୱରଙ୍କୁ ନେଇ ଭିନ୍ନକଥା କୁହାଯାଇନାହିଁ । ସବୁଧର୍ମରେ ପ୍ରେମ, ଅହିଂସା ଓ ପରସ୍ପର ଭିତରେ ଭାତୃଭାବର କଥା କୁହାଯାଇଛି, କିନ୍ତୁ ପୋଷ୍ଟମର୍ଟମ କଲେ ନିରାଶ ହେବାକୁ ପଡେ । ଧର୍ମକୁ ନେଇ ମଣିଷ ମଣିଷକୁ ଘୃଣା କରିବା ଉଚିତ୍ ନୁହେଁ । ଧର୍ମ ଧାରଣା ଥାଉ, ଧର୍ମର ଧ୍ୱଜାରୋହଣ ହେଉ କିନ୍ତୁ ସବୁଧର୍ମକୁ ନେଇ କୌଣସି ହିଂସା, ଘୃଣା ଆଦି ଶୁଭଙ୍କର ନୁହେଁ ।

❤ ସୌଭାଗିନୀ ମିଶ୍ର, ରଟିଲୋ, ରେଂଟ, ପୁରୀ-୭୫୨୧୧୪, ମୋ-୯୪୩୯୫୩୯୨୨୯, ୮୨୪୯୨୧୬୦୬୭

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

### ଭାଗ-୪୩

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)

❤ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର, ସେକ୍ଟର-୩, ଭୁବନେଶ୍ୱର-୨୧ ମୋ: ୯୪୩୭୨୬୭୧୨୫

ଖରାବେଳିଆ ପୋଖରୀ ଆଡ଼ି
ଥଣ୍ଡା ପବନ ଆହା !
ସଂଜ ନଇଁଲେ ନଈ ପଠାରୁ
ବହେ ଶୀତଳ ବାଆ । ୪୪୬ ।

ରଜରେ ଦୋଳି ବାଗୁଡ଼ି ଖେଳ
ଟୋକାଠୁଁ ବୁଢ଼ା ମେଳ
ଗ୍ରାମ୍ୟ କୁମାରୀ ରଂଗ ମାଖି
ବୁଲନ୍ତି ଦଳ ଦଳ । ୪୪୭ ।

କେତେ ଜନମ ମରଣ ସାକ୍ଷୀ
ଆମରି ଗାଆଁ ବାଟ
ଅଭିଯୋଗ କି ଆପତ୍ତି ନାହିଁ
ବସାଏ ନାହିଁ ହାଟ । ୪୪୮ ।

ଧୂଳି ଘରକୁ ଛାଡ଼ି ଏ ପଥେ
ଯାଏ ଏ ଗାଆଁ ଝିଅ
ପିଇଛି କେତେ ଏ ପଥ ଧୂଳି
ପ୍ରିୟଜନଙ୍କ ଲୁହ । ୪୪୯ ।

ଗାଆଁରୁ ଯେବେ ତରୁଣଟିଏ
ଦାଦନ ଖଟି ଯାଏ
ଘରଣୀ ତା'ର ଲେଉଟା ପଥ
ଆକୁଳେ ଚାହିଁ ରହେ । ୪୫୦ ।

ଫୁଲର କାନେ ଚୁପି ଚୁପିକା
ପବନ କଥା କହେ
ଆକାଶ ଏଠି ଫୁଲେଇ ନଈ
ଛାତିରେ ଚୁମା ଦିଏ । ୪୫୧ ।

ଗାଆଁର ରଂଗ ବେରଙ୍ଗ ଫୁଲ
କବିତା ଭାଡ଼ି ଫୁଟେ
ଯେଉଁଠି ଥାଏ ଯେମିତି ଥାଏ
ମହକ ତା'ର ଛୁଟେ । ୪୫୨ ।

ଦୃଶ୍ୟ ସବୁ ଧାଡ଼ି ବାନ୍ଧନ୍ତି
ମୁହଁରେ ରଂଗ ମାଖି
କବିତା ପଂକ୍ତି ସାଜିବା ପାଇଁ
ଏଇ ମଉକା ଦେଖି । ୪୫୩ ।

ଛଇ ଛବେଳୀ ଚତୁରୀ ନଈ
ଲୋଟାଇ ନୀଳ କାନି
ଛାଇ ସଂଜର ଛୁରୀ ଛେଳଇ
ପ୍ରେମିକ ମନ ମାନି । ୪୫୪ ।

ସରେନା କେବେ ଚିର ଶ୍ୟାମଳ
ସାଇତା ତା'ର ଆଭା
ସରିବ ନାଇଁ ଛାତିରେ ଥୁଆ
ଗାଆଁର ବର୍ଣ୍ଣବିଭା । ୪୫୫ ।

(କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'




# ବମ୍ ତୁଲ୍ ବୁଖାରା



ଦୀପକ ରଂଜନ ମିଶ୍ର

## ॥ ବଟୁକେଶ୍ୱର ଦତ୍ତ-୩ ॥

ଭଗତ୍ ସିଂହ ଓ ବଟୁକେଶ୍ୱରଙ୍କୁ ପୋଲିସ୍ ଗିରଫ୍ କଲାପରେ ପ୍ରଥମେ ସେମାନଙ୍କର ଯାଞ୍ଚ କରାଯାଏ । ଭଗତ୍‌ଙ୍କ ପ୍ୟାଣ୍ଟ ପକେଟ୍‌ରୁ କାରତୁସ୍ ଭରାଥିବା ଗୋଟେ ମେଗ୍‌ଜିନ୍ ତଥା ବଟୁକେଶ୍ୱରଙ୍କ ପାଖରୁ ଖଣ୍ଡେ ଗୋଲାପୀ ପ୍ରଚାରପତ୍ର ଓ କିଛି ଖବରକାଗଜ ମିଳେ । ତା'ପରେ ସେମାନଙ୍କୁ ଜିପ୍‌ରେ ବସାଇ ପୋଲିସ୍ ଷ୍ଟେସନ୍‌କୁ ନିଆଯାଏ । ସେମାନଙ୍କ ଜିପ୍ ଚାନ୍ଦିନୀଚୌକ୍ ବାଟଦେଇ ଗଲାବେଳେ ଛକପାଖରେ ରାସ୍ତାକଡ଼କୁ ଭଗବତୀଚରଣ ବୋହରା, ଦୁର୍ଗାଭାବୀ ଓ ତାଙ୍କ ଶିଶୁପୁତ୍ର ଶଚିନ୍ ଠିଆ ହୋଇଥାନ୍ତି । ଗାଡ଼ି ଭିତରେ ଭଗତ୍ ସିଂହଙ୍କୁ ଦେଖି ଶଚିନ୍ ଚିହ୍ନିପାରି ଖୁବ୍ ଖୁସିହୋଇ ହାତ ଦେଖାଇ 'ଲମ୍ବୁଚାଚା' ବୋଲି ଚିତ୍କାର କରେ । ପୋଲିସ୍ କାନରେ ତାହା ପଡ଼ିଲେ ଅନର୍ଥ ହେବାର ଆଶଙ୍କା କରି ଦୁର୍ଗାଭାବୀ ତତ୍‌କ୍ଷଣାତ୍ ତା' ପାଟିରେ ହାତ ଦେଇ ତାକୁ ଅନ୍ୟ ଆଡ଼କୁ ଦେଖାଇ ଭୁଲାଇ ଦେବାକୁ ଚେଷ୍ଟା କରନ୍ତି ।

ପୋଲିସ୍ ଷ୍ଟେସନ୍‌ରେ ଯାହା ପଚରା ଗଲେ ବି ସେମାନେ କିଛି ବୟାନ୍ ଦେବାକୁ ସିଧା ସଳଖ ମନା କରିଦିଅନ୍ତି । ତାଙ୍କର ଯାହା କହିବାର ଅଛି ସେମାନେ ତାହା ଅଦାଲତ୍‌ରେ ଜଜ୍‌ଙ୍କ ସାମ୍ନାରେ ହିଁ କହିବେ । ଏପ୍ରିଲ୍ ୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ତାଙ୍କୁ ନ୍ୟାୟିକ ହାଜତକୁ ପଠାଇ ଦିଆଯାଏ । ଉଭୟଙ୍କୁ ଅଲଗା ଅଲଗା ସ୍ଥାନରେ ରଖି ପଚରା ଉଚୁରା କରିବା ପାଇଁ ଭଗତ୍ ସିଂହଙ୍କୁ ଚାନ୍ଦିନୀ ଚୌକ୍ ପୋଲିସ୍ ଷ୍ଟେସନ୍ ଓ ବଟୁକେଶ୍ୱରଙ୍କୁ ରାୟସୀନା ହିଲ୍ସ ସ୍ଥିତ ପୋଲିସ୍ ଷ୍ଟେସନ୍‌ର ହାଜତ୍‌ରେ ରଖାଯାଏ । ୯ ତାରିଖ ଦିନ ସକାଳୁ ଭଗତ୍ ସିଂହଙ୍କୁ ପାଣି ପିଇବାକୁ ଦେବାରୁ ସେ କହନ୍ତି ଗତ ୨୪ ଘଣ୍ଟା ହେଲା ସେ କିଛି ବି ଖାଇ ନାହାନ୍ତି ବୋଲି । ଏସେମ୍ବ୍ଲି ଭିତରେ ବୋମା ବିସ୍ଫୋରଣ ଯୋଗୁଁ ପୋଲିସ୍‌ମାନେ ଏତେ ବ୍ୟସ୍ତ ବିବ୍ରତ ହୋଇପଡ଼ିଥିଲେ ଯେ ହାଜତ୍‌ରେ ଥିବା କଏଦୀଟିକୁ ଖାଇବାକୁ ଦେବା କଥା ବି ସେମାନେ ସମ୍ପୂର୍ଣ୍ଣ ଭୁଲି ଯାଇଥାନ୍ତି । ତୁରନ୍ତ ତାଙ୍କର ଖାଇବା ବ୍ୟବସ୍ଥା କରାଯିବା ସହ ତାଙ୍କୁ ପାଣି ମଧ ଦିଆଯାଏ ପିଇବା ପାଇଁ । ଘଟଣା ଦିନ ଏସେମ୍ବ୍ଲିରେ ଉପସ୍ଥିତ ଥିବା ସଦସ୍ୟ ଓ କର୍ମଚାରୀଙ୍କ ଦ୍ୱାରା ଉଭୟଙ୍କର ଚିହ୍ନଟ କରାଯାଏ । ସେମାନେ ପୂର୍ବରୁ ଯେଉଁ ସ୍ଥାନମାନଙ୍କରେ ରହୁଥିଲେ ସେଠିକୁ ନିଆଯାଇ ସେଠିକାର ସ୍ଥାନୀୟ ଲୋକଙ୍କ ଦ୍ୱାରା ମଧ ସେମାନଙ୍କର ଚିହ୍ନଟ କରାଯାଏ । ଦିଲ୍ଲୀର ଧୋବାମାନଙ୍କୁ ଏକତ୍ର କରି ସେମାନଙ୍କୁ ପଚରାଯାଏ ଏମାନଙ୍କ କପଡ଼ା କେବେ ସଫା କରିଛନ୍ତି କି ନାହିଁ ବୋଲି । ଟାଇପ୍ ମେସିନ୍ ଥିବା ସ୍ଥାନମାନଙ୍କୁ ଯାଇ ପରୀକ୍ଷା କରି ଦେଖାଯାଏ କୋଉ ମେସିନ୍ ସେମାନେ ବ୍ୟବହାର କରିଛନ୍ତି ପ୍ରଚାର ପତ୍ର ଟାଇପ୍ କରିବା ପାଇଁ । ଏ ସମସ୍ତ କାର୍ଯ୍ୟରେ ଦୁହେଁ ପୋଲିସ୍‌କୁ ଆଦୌ ସହଯୋଗ କରୁ ନଥିବାରୁ ଶେଷକୁ ସେମାନେ ବିରକ୍ତ ହୋଇ ଖୁବ୍ ବର୍ବରତା ପୂର୍ଣ୍ଣ ବ୍ୟବହାର କରିବା ଆରମ୍ଭ କରିଦିଅନ୍ତି । ପ୍ରବଳ ମାଡ଼ ମାରିବା ସହ ସେମାନଙ୍କୁ ଅତି ନିକୃଷ୍ଟ ମାନର ଖାଦ୍ୟ ଖାଇବାକୁ ଦିଆଯାଏ । ହେଲେ କ୍ରାନ୍ତିକାରୀଙ୍କ ଭିତରେ ଥିବା ଅସମ୍ଭବ ପ୍ରକାରର ଆତ୍ମଶକ୍ତି ବିଷୟରେ ସେମାନେ ଥାଆନ୍ତି ସମ୍ପୂର୍ଣ୍ଣ ଅନଭିଜ୍ଞ । ଏପ୍ରିଲ୍ ୧୯ ତାରିଖରେ ନିମ୍ନ ମାନର ଖାଦ୍ୟ ଦେବା ବିରୋଧରେ ବଟୁକେଶ୍ୱର ହାଜତ୍ ଭିତରେ ଆମରଣ ଅନଶନ କରିବା ଆରମ୍ଭ କରିଦିଅନ୍ତି । ମାଜିଷ୍ଟ୍ରେଟ୍ ଅବଦୁଲ୍ ସମଦ୍ ତାଙ୍କୁ ମନେଇବା ପାଇଁ ଅନେକ ପ୍ରକାର ପ୍ରୟାସ କରନ୍ତି କିନ୍ତୁ ଆଦୌ ସେଥିରେ ସଫଳ ହୋଇ ପାରନ୍ତି ନାହିଁ । ପୋଲିସ୍ ଅଧିକାରୀମାନେ ଏଥର ଭଗତ୍ ସିଂହ ଓ ବଟୁକେଶ୍ୱରଙ୍କ ମନୋବଳ ଭାଙ୍ଗିବା ପାଇଁ ତଥା ତାଙ୍କ କ୍ରାନ୍ତିକାରୀ ସଂଗଠନ ବିଷୟରେ ଅଧିକ ତଥ୍ୟ ସଂଗ୍ରହର ଉଦ୍ୟମ କରନ୍ତି । ପ୍ରଥମେ ଉଭୟଙ୍କୁ କୁହାଯାଏ ଯେ ସାରା ଦେଶ, କ୍ରାନ୍ତିକାରୀ ସଂଗଠନଗୁଡ଼ିକର ନେତାଗଣ ଓ କଂଗ୍ରେସର ପ୍ରମୁଖ ନେତାମାନେ ସେମାନଙ୍କର ଏଇ କୃତ୍ୟର ଘୋର ନିନ୍ଦା କରୁଛନ୍ତି । କିଛି ମିଥ୍ୟା ବୟାନ ତଥା ଛୋଟ ଛୋଟ ଗୋଡ଼ାଣିଆ ଖବରକାଗଜରେ ପ୍ରକାଶିତ ଖବର ସେମାନଙ୍କୁ ନେଇ ଦେଖାଯାଏ । ହେଲେ ଦୁହିଁଙ୍କ ଉପରେ ସେସବୁର କିଛି ପ୍ରଭାବ ପଡ଼େନାହିଁ । ଭିନ୍ନ ଭିନ୍ନ ଲକ୍‌ଅପ୍‌ରେ ଥିଲେ ବି ଉଭୟଙ୍କର ଉଭୟଙ୍କ ଉପରେ ଥାଏ ଅତୁଟ ବିଶ୍ୱାସ । ଶେଷକୁ ପୋଲିସ୍‌ର ସମସ୍ତ ପ୍ରୟାସ ବିଫଳ ହେବାରୁ ସେମାନଙ୍କୁ ଦିଲ୍ଲୀ ଜେଲ୍‌କୁ ପଠାଇ ଦିଆଯାଏ । ସେମାନେ ନିଜ ତରଫରୁ କୌଣସି ଓକିଲ ନିଯୁକ୍ତ କରିବାକୁ ଚାହୁଁ ନଥାନ୍ତି । କାରଣ ଇଂରେଜ ଶାସନ ବ୍ୟବସ୍ଥା ବିଷୟରେ ସେମାନେ ଭଲ ଭାବରେ ଜାଣିଥାନ୍ତି । ଯାହା ସରକାର ଚାହିଁବେ ତାହା ହିଁ ହେବ । ତେଣୁ ଅଯଥାରେ ସେସବୁରେ ମୁଣ୍ଡ ପୂରାଇ ଲାଭ କ'ଣ ? ଭଗତ୍ ସିଂହଙ୍କ ଅନିଚ୍ଛା ସତ୍ୱେ ତାଙ୍କ ବାପା ସରଦାର କିଶନ୍ ସିଂହ, ପ୍ରଖ୍ୟାତ ଆଇନ୍‌ଜୀବୀ ଆସଫ୍ ଅଲୀଙ୍କୁ ସେମାନଙ୍କ ପକ୍ଷ୍ୟରୁ ଓକିଲ ଭାବେ ନିଯୁକ୍ତ କରନ୍ତି । ପୋଲିସ୍ ସୁରକ୍ଷା ବ୍ୟବସ୍ଥାକୁ ନେଇ ଖୁବ୍ ଭୟଭୀତ ଥିବାରୁ ଦିଲ୍ଲୀ ଜେଲ୍‌ର ଏକ ବଡ଼ କୋଠରୀରେ ଅଦାଲତ ତା'ର ଶୁଣାଣି ଆରମ୍ଭ କରେ । ସାଧାରଣ ଜନତାଙ୍କୁ ସେଠାକୁ ପ୍ରବେଶ କରିବାର ଅନୁମତି ନଥିବାରୁ ହାତଗଣତି କେତେଜଣ ମାତ୍ର ଉପସ୍ଥିତ ଥାଆନ୍ତି । କିଛି ସାମ୍ବାଦିକ, ଓକିଲ ଓ ଅଭିଯୁକ୍ତଙ୍କ ନିକଟ ସମ୍ପର୍କୀୟଙ୍କୁ ହିଁ ଭିତରକୁ ଛଡ଼ାଯାଏ । ଓକିଲ ଶ୍ରୀ ଆସଫ୍ ଅଲୀଙ୍କ ପତ୍ନୀ ଶ୍ରୀମତୀ ଅରୁଣା ଆସଫଅଲୀ, ଭଗତ୍ ସିଂହଙ୍କ ପିତାମାତା ଓ ଚାଚୀ (ସରଦାର ଅଜିତ୍ ସିଂହଙ୍କ ପତ୍ନୀ) ଅଦାଲତର ଶୁଣାଣି ବେଳେ ଉପସ୍ଥିତ ରହନ୍ତି । ଦିନ ଦଶଟା ବେଳକୁ ଭଗତ୍ ସିଂହ ଓ ବଟୁକେଶ୍ୱରଙ୍କୁ କୋଠରୀ ଭିତରକୁ ଅଣାଯାଏ । ପ୍ରବେଶ କଲାବେଳକୁ ଖୁବ୍ ଜୋର୍‌ରେ ହାତ ଉପରକୁ ଉଠାଇ ଭଗତ୍ ସିଂହ ସ୍ଲୋଗାନ୍ ଦିଅନ୍ତି - ଇନ୍ କିଲାବ୍ ଜିନ୍ଦାବାଦ୍ । ତାଙ୍କ ପଛେ ପଛେ ଆସୁଥିବା ବଟୁକେଶ୍ୱର ସେଇ ସମାନ ଠାଣି ଓ ସ୍ୱରରେ କହନ୍ତି - ନୌକରସାହୀ ମୁର୍ଦ୍ଦାବାଦ୍ । ଇଂରେଜ୍ ଜଜ୍ ଏହା ଦେଖି ଖୁବ୍ ଅପମାନିତବୋଧ୍ କରି ଉଭୟଙ୍କୁ ତୁରନ୍ତ ହାତକଡ଼ି ପିନ୍ଧାଇବାକୁ ଆଦେଶ ଦିଅନ୍ତି । ହେଲେ ହାତକଡ଼ିରେ ସେ ବଳ କାହିଁ ଯାହା ଇଂରେଜ ସରକାରକୁ ସଂଘର୍ଷ ପାଇଁ ଆହ୍ୱାନ ଦେଉଥିବା କ୍ରାନ୍ତିକାରୀର ମନୋବଳକୁ ଭାଙ୍ଗି ପାରିବ ? ସେମାନଙ୍କ ଉପରେ କିଛି ବି ପ୍ରଭାବ ପଡ଼େ ନାହିଁ । ଅଦାଲତର କାର୍ଯ୍ୟ ଚାଲିଥିବା ପର୍ଯ୍ୟନ୍ତ ଦୁହେଁ ପ୍ରସନ୍ନଚିତ୍ତ ଥାଆନ୍ତି । ହାତକଡ଼ି ପିନ୍ଧାଇ ସେମାନଙ୍କୁ ଗୋଟିଏ ବେଞ୍ଚ୍‌ରେ ବସାଇ ଦିଆ ହୋଇଥାଏ । ତାଙ୍କୁ ଘେରି ରହିଥାନ୍ତି ପୋଲିସ୍ । ସେଦିନ ୧୧ ଜଣଙ୍କର ସାକ୍ଷ୍ୟ ଗ୍ରହଣ କରାଯାଏ । ବାପାମା'ଙ୍କୁ ଭେଟି କଥାବାର୍ତ୍ତା ହେବାକୁ ଭଗତ୍ ସିଂହଙ୍କୁ ଅନୁମତି ଦିଅନ୍ତି ସିନା ହେଲେ ଖବରକାଗଜ ପଢ଼ିବାକୁ ମାଗିବାରୁ ତାଙ୍କୁ ଦିଆଯାଏନି ।

ଦ୍ୱିତୀୟ ଦିନ ବି ସେଇ କ୍ରମ ଜାରି ରହେ । ଅଦାଲତକୁ ପ୍ରବେଶ କରିବା ମାତ୍ରେ ଦୁହିଁଙ୍କର ଗଗନଭେଦୀ ସ୍ଲୋଗାନରେ ଥରିଉଠେ ଜେଲ୍‌ର କାନ୍ଥ । ସାର୍ ଶୋଭାସିଂହ (ପ୍ରଖ୍ୟାତ ସାହିତ୍ୟିକ ଖୁଶୱନ୍ତ ସିଂହଙ୍କ ବାପା), ଗିରଫ୍ କରିଥିବା ପୋଲିସ୍ ଅଧିକାରୀ ତଥା କିଛି ବରିଷ୍ଠ ପୋଲିସ୍ କର୍ମୀଙ୍କ ବୟାନ ରେକର୍ଡ଼ କରାଯାଏ । ସରଦାର ଶୋଭାସିଂହ ହିଁ ଏକମାତ୍ର ବ୍ୟକ୍ତି ଯିଏ ନିଜ ବୟାନରେ କହନ୍ତି ଯେ ସେ ଭଗତ୍ ସିଂହ ଓ ବଟୁକେଶ୍ୱରଙ୍କୁ ବୋମା ଫିଙ୍ଗିବା ବେଳେ ଦେଖିଛନ୍ତି ଓ ପରେ ସେ ଉଭୟଙ୍କୁ ଚିହ୍ନଟ ବି କରନ୍ତି । ଅଭିଯୋଜନ ପକ୍ଷର ସମସ୍ତ ସାକ୍ଷ୍ୟ ଗ୍ରହଣ କରାଯିବା ପରେ ଅଭିଯୁକ୍ତ ଦ୍ୱୟଙ୍କୁ ବୟାନ ଦେବାକୁ କୁହାଯାଏ । କିନ୍ତୁ ସେଥିପାଇଁ ସେମାନେ ସିଧା ସଳଖ ମନା କରିଦିଅନ୍ତି ।

ପୁଣି ସେଇ ସମାନ ସାକ୍ଷ୍ୟ ପ୍ରମାଣ ସେସନ୍ କୋର୍ଟରେ ବି ରେକର୍ଡ଼ କରାଯାଏ । ଜୁନ୍ ୫ ତାରିଖରେ ସମସ୍ତଙ୍କ ବୟାନ ରେକର୍ଡ଼ କରାଯିବା ପରେ ଏଥର ଭଗତ୍ ସିଂହ ଓ ବଟୁକେଶ୍ୱରଙ୍କ ପାଳି ପଡ଼େ । ସେଇ ମୁହୂର୍ତ୍ତକୁ ସେମାନେ ଦୀର୍ଘଦିନ ହେଲା ଅପେକ୍ଷା କରି ରହିଥାନ୍ତି । ସେମାନେ ଲିଖିତ ବୟାନ ପ୍ରସ୍ତୁତ କରନ୍ତି ଯାହାକୁ ତାଙ୍କ ଓକିଲ ଶ୍ରୀ ଆସଫ୍ ଅଲୀ ଅଦାଲତରେ ପଢ଼ିକରି ଶୁଣାନ୍ତି ।ଏଇ ବୟାନ ମାଧ୍ୟମରେ କ୍ରାନ୍ତିକାରୀମାନଙ୍କୁ ନିଜ ଦଳର ମହାନ ଉଦ୍ଦେଶ୍ୟଗୁଡ଼ିକୁ ଦୁନିଆଁ ଆଗରେ ପ୍ରସ୍ତୁତ କରିବାର ସୁବର୍ଣ୍ଣ ସୁଯୋଗ ମିଳେ । ସେସନ୍ ଜଜ୍ ସେଇ ବୟାନକୁ ବାରମ୍ବାର ପଢ଼ି ବୁଝି ପାରନ୍ତି ଯେ ତାହାରି ମାଧ୍ୟମରେ କ୍ରାନ୍ତିକାରୀମାନେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଭାରତୀୟ ଜନସାଧାରଣଙ୍କୁ ଜାଗ୍ରତ କରିବାର ଚେଷ୍ଟା କରିଛନ୍ତି । ତାହାର ଦୂରଗାମୀ ପ୍ରଭାବ ପଡ଼ିବା ଅବଶ୍ୟମ୍ଭାବୀ । ତେଣୁ ସେଇ ବୟାନର ପ୍ରଚାର ପ୍ରସାର ଉପରେ କଟକଣା ଜାରି କରାଯାଏ । କିନ୍ତୁ କ୍ରାନ୍ତିକାରୀମାନେ ସେଥିପାଇଁ ପୂର୍ବରୁ ସଚେତନ ଥାଆନ୍ତି । ଭଗତ୍ ସିଂହ ଓ ବଟୁକେଶ୍ୱର ଏପ୍ରିଲ ୬ ତାରିଖରେ ଅଦାଲତରେ ବୟାନ ଦେବା ବେଳେ ତାହାର କପି ପ୍ରସ୍ତୁତ କରି ତାକୁ ଦେଶର ପ୍ରମୁଖ ପତ୍ରପତ୍ରିକାକୁ ପଠାଇ ଦିଆଯାଏ ପ୍ରକାଶ କରାଯିବା ଉଦ୍ଦେଶ୍ୟରେ । ସର୍ବପ୍ରଥମେ ତାହା 'ପାୟୋନିୟର' ରେ ଓ ପରେ ପରେ ଦେଶର ପ୍ରାୟ ସମସ୍ତ ସମାଚାର ପତ୍ରରେ ପ୍ରକାଶିତ ହୋଇଯାଏ । ନୌଜବାନ୍ ଭାରତ ସଭା ତାହାର ହଜାର ହଜାର କପି ପ୍ରସ୍ତୁତ କରି ଭଗତ୍ ସିଂହ ଓ ବଟୁକେଶ୍ୱରଙ୍କ ଫଟୋ ସହ ସାରା ଭାରତରେ ବିତରିତ କରିଦିଅନ୍ତି । ଏହାର ଖୁବ୍ ପ୍ରଭାବ ପଡ଼େ ଜନମାନସ ଉପରେ । ଯେଉଁମାନେ କ୍ରାନ୍ତିକାରୀ ସଂଗଠନର କାର୍ଯ୍ୟଗୁଡ଼ିକୁ ନିନ୍ଦା କରୁଥାନ୍ତି ସେମାନଙ୍କ ମନରେ ବି ଭଲ ଭାବନା ଉଦୟ ହେବାକୁ ଲାଗେ । ସାଧାରଣ ଜନତାଙ୍କ ଭିତରେ ଜାଗୃତି ଆଣିବା ପାଇଁ ଭଗତ୍ ସିଂହଙ୍କ ଏଇ ପ୍ରୟାସ ଖୁବ୍ ସଫଳ ହୁଏ ।




କୋର୍ଟ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ନିର୍ବାସନ ବା ଆଜନ୍ମ କଳାପାଣିର ଦଣ୍ଡ ଶୁଣାଇ ଦିଅନ୍ତି । ତା'ପରେ ଭଗତ୍ ସିଂହଙ୍କୁ ପଞ୍ଜାବର ମିଆଁବାଲୀ ଜେଲ୍ ଓ ବଟୁକେଶ୍ୱରଙ୍କୁ ଲାହୋରର ସେଣ୍ଟ୍ରାଲ୍ ଜେଲ୍‌କୁ ପଠାଇ ଦିଆଯାଏ । ଏକା ଟ୍ରେନ୍‌ରେ ଭିନ୍ନ ଭିନ୍ନ ବଗିରେ ବସାଇ ସେମାନଙ୍କୁ ଦିଲ୍ଲୀରୁ ପଞ୍ଜାବ ଅଣାଯାଏ । ବାଟରେ ଆପଣା ବ୍ୟବହାର ଦ୍ୱାରା ବଟୁକେଶ୍ୱର ଇଂରେଜ୍ ସର୍ଜେଣ୍ଟଙ୍କୁ ଖୁବ୍ ଖୁସି କରିଦିଅନ୍ତି । ତାଙ୍କରି ଅନୁରୋଧ ଯୋଗୁଁ ଲାହୋର ପହଞ୍ଚିବାର କିଛି ଷ୍ଟେସନ ପୂର୍ବରୁ ଦୁହିଁଙ୍କୁ ଭେଟିବାର ସୁଯୋଗ ଦିଅନ୍ତି ଇଂରେଜ ସର୍ଜେଣ୍ଟ । ସାକ୍ଷାତରେ ଭଗତ୍ ସିଂହ ପୁଣିଥରେ ମନେ ପକାଇ ଦିଅନ୍ତି ଜେଲ୍ ଗଲାପରେ ସେଠାକାର ଅବ୍ୟବସ୍ଥା ସୁଧାରିବା ଲକ୍ଷ୍ୟରେ ସେମାନଙ୍କୁ ଆମରଣ ଅନଶନ କରିବାର ଅଛି ବୋଲି । କ୍ରାନ୍ତିକାରୀ କେବେ କୋଉଠି ଚୁପ୍ ରହିବା କଥା ନୁହେଁ। ଅହରହ ସଂଘର୍ଷ କରିବାକୁ ସେ ବଦ୍ଧ ପରିକର । ବନ୍ଦୀ ହୋଇ ଜେଲ୍‌କୁ ଯିବା ପରେ ତାର ସଂଘର୍ଷ ସରିଯାଉନାହିଁ । ଏଥର ସେମାନଙ୍କୁ କାରଗାର ଭିତରେ ରହି ସତ୍ତା ବିରୁଦ୍ଧରେ ଆପଣା ଲଢ଼େଇ ଜାରି ରଖିବାକୁ ପଡ଼ିବ ଅଭିନବ ଉପାୟରେ ।

କ୍ରାନ୍ତିକାରୀମାନଙ୍କ ସହ ଜେଲ୍ ଭିତରେ ସାଧାରଣ ଚୋର ଡାକୁଙ୍କ ଭଳି ବ୍ୟବହାର କରୁଥିଲେ ଜେଲ୍ କର୍ମଚାରୀମାନେ । ତାହା ସେମାନଙ୍କ ପ୍ରତି ଥିଲା ଖୁବ୍ ଅପମାନ-ଜନକ । ସେମାନେ ତ କୌଣସି ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଉଦ୍ଦେଶ୍ୟରେ ଅପରାଧ ଘଟାଇ ଜେଲ୍ ଆସି ନଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଥିଲେ ଉଚ୍ଚ ଶିକ୍ଷିତ । ଆପଣା ମାତୃଭୂମିକୁ ବିଦେଶୀଙ୍କ କବଳରୁ ମୁକ୍ତ କରିବାର ଉଦ୍ଦେଶ୍ୟ ରଖି ସେମାନେ ସଂଗ୍ରାମକୁ ଓହ୍ଲାଇଥିଲେ । ତେଣୁ ସେମାନଙ୍କୁ କାରାଗାର ଭିତରେ ରାଜନୈତିକ କଏଦୀଙ୍କ ଭଳି ବ୍ୟବହାର ମିଳିବା ଉଚିତ୍ । ଉପଯୁକ୍ତ ରହିବା ବ୍ୟବସ୍ଥା, ସ୍ୱାସ୍ଥ୍ୟକର ଖାଦ୍ୟ ଓ ପତ୍ରପତ୍ରିକା ପଢ଼ିବାର ସୁବିଧା ପ୍ରାପ୍ତହେବା ଆବଶ୍ୟକ । କାକୋରୀ ଟ୍ରେନ୍ ଲୁଟ୍‌ର ଅଭିଯୁକ୍ତମାନେ ସେଇ ଦାବି କରି ଜେଲ୍ ଭିତରେ ଆମରଣ ଅନଶନ ଆରମ୍ଭ କରିଥିଲେ । ଦିନ ପରେ ଦିନ ଗଡ଼ିଚାଲିଲେ ବି କେହି ତାଙ୍କ କଥାକୁ କର୍ଣ୍ଣପାତ ସୁଦ୍ଧା କରନ୍ତି ନାହିଁ। କିଛିଦିନ ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟଧିକ ସାଂଘାତିକ ହେବାରୁ ସରକାର ସେମାନଙ୍କୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଉତ୍ତମ ଖାଦ୍ୟ ତଥା ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଅନ୍ତି । କିନ୍ତୁ ତାହା ଥାଏ ସାମୟିକ । ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ପରେ ଆସ୍ତେ ଆସ୍ତେ ସେଇ ସୁବିଧାଗୁଡ଼ିକୁ ବନ୍ଦ କରିଦିଆଯାଏ ।

କାକୋରୀ ଅଭିଯୁକ୍ତଙ୍କ ସହିତ ସରକାରଙ୍କର ଏଭଳି ଛଳନାପୂର୍ଣ୍ଣ ବ୍ୟବହାର ବିଷୟରେ ଅବଗତ ହୋଇ ଭଗତ୍ ସିଂହ ତାହାର ଖୁବ୍ ବିରୋଧ କରୁଥାଆନ୍ତି । ଜେଲ୍ ଯିବା ପରେ ସେ ସତ୍ତା ବିରୁଦ୍ଧରେ ସଂଘର୍ଷ ଆରମ୍ଭ କରିବାକୁ ମନେ ମନେ ନିଷ୍ପତ୍ତି ନେଇଥାନ୍ତି । ସେଇ ଯୋଜନା ବିଷୟରେ ସାଥୀ ବଟୁକେଶ୍ୱରଙ୍କୁ ଲାହୋର ପହଞ୍ଚିବା ପୂର୍ବରୁ ଟ୍ରେନ୍‌ରେ ହୋଇଥିବା ସ୍ୱଳ୍ପକାଳୀନ ସାକ୍ଷାତ୍ ସମୟରେ ସ୍ମରଣ କରେଇ ଦିଅନ୍ତି ଭଗତ୍ ସିଂହ । ଜେଲ୍‌ରେ ପହଞ୍ଚିବା ପରେ ଜେଲ୍ କର୍ମଚାରୀଙ୍କ ସେମାନଙ୍କ ପ୍ରତି ଦୁର୍ବ୍ୟବହାରକୁ ବିରୋଧ କରି ସେମାନେ ଆମରଣ ଅନଶନ କରିବା କଥା ଘୋଷଣା କରନ୍ତି । ପ୍ରଥମେ ଜେଲ୍ ଭିତରେ ସହବନ୍ଦୀମାନଙ୍କ ଠାରୁ ସେମାନଙ୍କୁ କୌଣସି ସମର୍ଥନ ମିଳେନାହିଁ। କିନ୍ତୁ ପରେ ଅନେକ ସହବନ୍ଦୀ ତାଙ୍କ ସହ ଏଇ ସଂଘର୍ଷରେ ଯୋଗ ଦେବାକୁ ଆଗେଇ ଆସନ୍ତି । ଅନଶନର ଖବର ଆସ୍ତେ ଆସ୍ତେ ଚାରିଆଡ଼େ ପ୍ରଚାରିତ ହେବାକୁ ଲାଗେ । ପତ୍ର ପତ୍ରିକାରେ ତାଙ୍କ ସପକ୍ଷରେ ମତାମତ ପ୍ରକାଶ ପାଏ । ପ୍ରଥମେ ବଟୁକେଶ୍ୱରଙ୍କୁ ଏକ୍ଲା ଗୋଟିଏ କୋଠରୀରେ ବନ୍ଦୀ କରି ରଖାଯାଏ । ଅନଶନ ପ୍ରତ୍ୟାହାର କରିବାକୁ କୌଣସିମତେ ରାଜି ନହେବାରୁ ସେଇ ଅସୁସ୍ଥ ଅବସ୍ଥାରେ ବି ଗୋଡ଼ରେ ବେଡ଼ି ପିନ୍ଧାଇ ଦିଆଯାଏ । ଭଗତ୍ ସିଂହ ଓ ବଟୁକେଶ୍ୱର ଏତେ ଦୁର୍ବଳ ହୋଇ ପଡ଼ନ୍ତି ଯେ ସାଣ୍ଡାର୍ସ ହତ୍ୟାକାଣ୍ଡର ଶୁଣାଣି ପାଇଁ ଉଭୟଙ୍କୁ ଷ୍ଟ୍ରେଚର୍‌ରେ ବୋହି କୋର୍ଟକୁ ଅଣାଯାଏ । ଷ୍ଟ୍ରେଚର୍‌ରେ ଚିତ୍ ହୋଇ ଶୋଇଥିବା ଅବସ୍ଥାରେ ଅଦାଲତ୍ ଭିତରକୁ ପ୍ରବେଶ କଲାବେଳେ ପୁଣି ସେମାନଙ୍କର ସେଇ ପୂର୍ବ ସ୍ଲୋଗାନ ଜାରି ରହେ । ହାତ ଉପରକୁ ଉଠାଇ ଭଗତ୍ ସିଂହ 'ଇନ୍ କିଲାବ୍ ଜିନ୍ଦାବାଦ୍' କହିଲା ବେଳକୁ ବଟୁକେଶ୍ୱର କହନ୍ତି 'ନୌକରସାହୀ ମୁର୍ଦ୍ଦାବାଦ୍' । ସ୍ୱର କ୍ଷୀଣ ହେଲେ ବି ତାହାର ପ୍ରତିଧ୍ୱନି ଖବରକାଗଜ ମାଧ୍ୟମରେ ସାରା ଦେଶରେ ଶୁଣାଯାଏ । ସେଇ ଦୁର୍ବଳ ଅବସ୍ଥାରେ ବଟୁକେଶ୍ୱରଙ୍କ ଦୃଢ଼ ମନୋବଳକୁ ଭାଙ୍ଗିବା ପାଇଁ ତାଙ୍କୁ ଜେଲ୍ ଭିତରେ ପ୍ରବଳ ମାଡ଼ ମରାଯାଏ । ତଥାପି ସେ ଖାଦ୍ୟ ଗ୍ରହଣ କରିବାକୁ ରାଜି ହୁଅନ୍ତି ନାହିଁ। ମାଡ଼ ମରାହେବାର ପରଦିନ ତାଙ୍କୁ ସାକ୍ଷାତ କରିବାକୁ ଯାଇଥିବା ଡା. କିଚ୍‌ଲୁ ତାଙ୍କ ପ୍ରତି ହେଉଥିବା ଅବିଚାର କଥା ସ୍ୱଚକ୍ଷୁରେ ଦେଖିବା ପରେ ସେଠାରୁ ଆସି 'ଦ ଟ୍ରିବ୍ୟୁନ୍'ର ସମ୍ବାଦଦାତାଙ୍କୁ ଦେଇଥିବା ସାକ୍ଷାତକାରରେ ସେଇ ବିଷୟ ବର୍ଣ୍ଣନା କରି ପୋଲିସ୍‌ର ପ୍ରହାର ଯୋଗୁଁ ତାଙ୍କ ଦେହରେ ସୃଷ୍ଟି ହୋଇଥିବା ଅନେକ କ୍ଷତ ବିଷୟରେ କହିବା ବେଳେ କାନ୍ଦି ପକାନ୍ତି.....

(ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୨ ଫେବୃଆରୀ, ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଦୃଷ୍ଟିକୋଣ - ୨

# ହତ୍ୟା କେବେ ଶେଷ ସମାଧାନ ନୁହେଁ

### କାଳୀପଦ ପଣ୍ଡା



ଦିନକୁ ଦିନ ସମାଜ ଓ ପରିବାର ଜୀବନରେ ଅନେକ ଅଭାବନୀୟ ଘଟଣା ଘଟି ଚାଲିଛି । ସେସବୁ ଘଟଣା ଏତେ ଲୋମହର୍ଷଣକାରୀ ଯେ, ତାହାକୁ କେହି ସକାରାତ୍ମକ ଦୃଷ୍ଟିରୁ ଗ୍ରହଣ କରିପାରନ୍ତି ନାହିଁ । ହତ୍ୟାକାରୀ ଜଣକ କୌଣସି ବି ପରିସ୍ଥିତିରେ ହତ୍ୟାର ପଥକୁ ବାଛୁଥିଲେ ମଧ୍ୟ ଆମ ସମାଜ ହତ୍ୟାକାରୀକୁ କେବେ ସମ୍ମାନ ଦିଏନାହିଁ କିମ୍ବା ତାକୁ ପ୍ରଶଂସା କରି ନ ଥାଏ । ଆମେ ଯେତେବେଳେ ଗୋଟିଏ ଜୀବନ ସଞ୍ଚାର କରିବାର ଶକ୍ତି ଲାଭ କରିନାହୁଁ ସେତେବେଳେ କାହାର ଜୀବନ ଦୀପକୁ ନିର୍ବାପିତ କରିବାର ସାଧାରଣ ଅଧିକାର ମଧ କେଉଁଠୁ ପାଇବୁ ଯେ ? ତେବେ ନରହତ୍ୟା ବଳି ମହାପାପର ପଥକୁ ଜଣେ ଯେତେବେଳେ ବାଛି ନିଏ ସେତେବେଳେ ହତ୍ୟାକାରୀ ଜଣକ ଏଭଳି ଏକ ଜଘନ୍ୟ ପଥକୁ କିଭଳି ଆଦରି ନେଇଛି, ତା'ର ସତ୍ୟତାକୁ ଜାଣିବା ପାଇଁ ଅନେକ ସମୟରେ ତଦନ୍ତକାରୀ ବ୍ୟକ୍ତି ବା ସଂସ୍ଥା ସଫଳ ମଧ ହୋଇ ନ ଥାନ୍ତି । ସତ୍ୟ ସବୁବେଳେ ପ୍ରତିଷ୍ଠା ପାଏନାହିଁ । କାରଣ ହତ୍ୟାକାରୀ ହିଁ କେବଳ ଜାଣିଥାଏ କେଉଁ ପରିସ୍ଥିତିରେ ଓ କେଉଁଥିପାଇଁ ସେ ଏହି ଘୃଣା ଓ ଅପନିନ୍ଦାର ପଥକୁ ବାଛି ନିଜ ଜୀବନକୁ ମଧ ଫାଶୀଖୁଣ୍ଟରେ ଝୁଲାଇବାକୁ ପଶ୍ଚାତପଦ ହୋଇ ନ ଥାଏ । ଏଯାବତ୍ ପ୍ରଖ୍ୟାତ ବ୍ୟକ୍ତିମାନଙ୍କ ଠାରୁ ସାଧାରଣ ବ୍ୟକ୍ତିମାନଙ୍କ ପର୍ଯ୍ୟନ୍ତ କ୍ଷେତ୍ରରେ ଯେଉଁସବୁ ନାରକୀୟ ହତ୍ୟାକାଣ୍ଡ ସଂଘଟିତ ହୋଇସାରିଛି, ସେ ମଧ୍ୟରୁ ଅଳ୍ପକେତୋଟିର ହୁଏତ ପ୍ରମାଣଯୋଗ୍ୟ ତଥ୍ୟ ତଦନ୍ତକାରୀ ବ୍ୟକ୍ତିମାନେ ଉପସ୍ଥାପିତ କରିବାରେ ସଫଳ ହୋଇଛନ୍ତି । ମାତ୍ର ଅଧିକାଂଶ ହତ୍ୟାର କାରଣକୁ ସଠିକ୍ ନିରୂପଣ କରିବା ସମ୍ଭବ ହୋଇ ନ ଥାଏ ।

ଆମ ରାଜ୍ୟ ଓଡ଼ିଶା ପରିପ୍ରେକ୍ଷୀରେ ହତ୍ୟାକାରୀଙ୍କ ସଂଖ୍ୟା କିଛି କମ୍ ନୁହେଁ । ବିଶିଷ୍ଟ ବ୍ୟକ୍ତିଙ୍କ ହତ୍ୟାଠାରୁ ଆରମ୍ଭକରି ଦୈନନ୍ଦିନ ଜୀବନରେ ପରିବାର ମଧ୍ୟରେ ଏତେ ଏତେ ସାଂଘାତିକ ନରହତ୍ୟାର ଘଟଣାଗୁଡ଼ିକ ଘଟି ଚାଲିଛି ଯେ, ଯାହାର ମାତ୍ରା ହ୍ରାସ ପାଇବାର ଦେଖିବାକୁ ମିଳୁନି । କେଉଁଠି ପୁଅ ବାପାକୁ ତ କେଉଁଠି ବାପା ପୁଅକୁ ପୁଣି ସ୍ତ୍ରୀ ସ୍ୱାମୀକୁ ତ ସ୍ୱାମୀ ସ୍ତ୍ରୀକୁ, ମା' ପୁଅକୁ ତ ପୁଅ ମା'କୁ, ଭାଇ ଭାଇ ସମେତ ବ୍ୟବସାୟ ବାଣିଜ୍ୟ, ରାଜନୀତି ସବୁ କ୍ଷେତ୍ରରେ ଈର୍ଷାନ୍ୱିତ ହୋଇ ନିଜର କ୍ରୋଧ ସମ୍ବରଣ କରି ନ ପାରି ବିବେକ ବିଚାରଶୂନ୍ୟ ହୋଇ ହତ୍ୟା ଭଳି ଅନ୍ତିମ ପଥକୁ ଆପଣେଇ ନିଅନ୍ତି । ଏତେବେଳେ ଏହାର ପରବର୍ତ୍ତୀ ପରିଣାମ ଉପରେ ସେମାନେ ଯେହେତୁ ବିଚାର ବିମର୍ଶ କରି ନ ଥାନ୍ତି ତେଣୁ ଅନାୟସରେ ଏଭଳି ପଥ ବାଛିବାକୁ ସେମାନେ ସାମାନ୍ୟତମ ଅନୁତାପ କରନ୍ତି ନାହିଁ ।

ନିକଟରେ ଆମ ରାଜ୍ୟର କ୍ୟାବିନେଟ୍ ବିଭାଗର ମନ୍ତ୍ରୀ ନବ ଦାସଙ୍କର ହତ୍ୟା ଜଣେ ପୁଲିସ୍ ଅଧିକାରୀଙ୍କ ବନ୍ଧୁକ ଗୁଳିରେ ହେବା ଭଳି ଅଭାବନୀୟ ଘଟଣା ସମଗ୍ର ଓଡ଼ିଶାବାସୀଙ୍କୁ ସ୍ତବ୍ଧ କରାଇଥିବାବେଳେ ଏହା ପୂର୍ବରୁ କୋରାପୁଟ୍ ରେଞ୍ଜର ଜଣେ ଡି.ଆଇ.ଜି.ଙ୍କୁ ତାଙ୍କ ସୁରକ୍ଷାକର୍ମୀ ଦ୍ୱାରା ଗୁଳି କରି ହତ୍ୟା, ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କୁ ଗୁଳି କରାଯିବା ଘଟଣା ଏବଂ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଗୁଳି କରିବା ସମୟରେ ତାଙ୍କର ସୁରକ୍ଷାକର୍ମୀ ଦୁଇଜଣ ସହିଦ ହେବା ଭଳି ଘଟଣା ଲୋକଙ୍କ ଭିତରେ ଚର୍ଚ୍ଚାର ବିଷୟ ହୋଇଛି । ଏଣେ ପ୍ରତ୍ୟେକଦିନ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମରେ କେଉଁଠି ନା କେଉଁଠି, କେଉଁ ଘରେ ବା କେଉଁ ଅଞ୍ଚଳରେ, କେହି ନା କେହି କାହାକୁ ହତ୍ୟା କରୁଥିବା ଦୁଃସମ୍ବାଦ ଦୃଷ୍ଟିଗୋଚର ହେଉଛି । ହତ୍ୟାର ମାତ୍ରା କ୍ରମଶଃ ବୃଦ୍ଧି ପାଇବା ଗୋଟିଏ ଶିକ୍ଷିତ ସଭ୍ୟ ଓ ସୁସଂସ୍କୃତ ସମାଜଜୀବନ ପାଇଁ ଶୁଭଙ୍କର ନୁହେଁ । ଏଭଳି ଘଟଣା କ୍ରମଶଃ ବୃଦ୍ଧି ପାଇବା ମୂଳରେ ଆମେ ହୁଏତ କହିପାରନ୍ତି ଯେ ଯେଉଁ ବ୍ୟକ୍ତି ଦ୍ୱାରା ହତ୍ୟାକାଣ୍ଡଟି ଘଟୁଛି, ସେହି ବ୍ୟକ୍ତିର ଅଜ୍ଞତା ହିଁ ମୂଳ କାରଣ ହୋଇପାରେ । ସେ ତା'ର ବିବେକ, ବିଚାରବୁଦ୍ଧିଶୂନ୍ୟ ହୋଇ ଏମିତି ଏକ ପଥକୁ ବାଛି ନେଉଛି ଅଥଚ ଘଟଣାର ପରବର୍ତ୍ତୀ ପରିଣତି ଉପରେ ସେ କେବେ ମାନସମନ୍ଥନ କରୁନାହିଁ । ଏହାର ମୂଳରେ ଗୋଟିଏ କଥା ଦୃଢ଼ ନିଶ୍ଚିତ ଯେ ହତ୍ୟାକାରୀ ବ୍ୟକ୍ତିଜଣକ କୌଣସି ଏକ ବିଶେଷ ପରିସ୍ଥିତିରେ ତା'ର ଚିନ୍ତାଶକ୍ତିକୁ ଊର୍ଦ୍ଧ୍ୱମୁଖୀ କରି ନ ପାରି ତା' ପ୍ରତି ଘଟିଥିବା ବା ସେ ଚାହୁଁଥିବା ନିଜର ଅଭିଳାଷକୁ ଚରିତାର୍ଥ କରିପାରୁ ନ ଥିବାରୁ ଏମିତି ଏକ ପଥକୁ ବାଛି ନେବାକୁ ଶ୍ରେୟ ମଣୁଛି । ଜୀବନ ହାରିଦେଲେ କିମ୍ବା କାହାର ଜୀବନ ନେଇଗଲେ ସମସ୍ୟାର ଅନ୍ତ ହେଲା ବୋଲି ଭାବିନେବା ମୂର୍ଖାମି ଛଡ଼ା ଅନ୍ୟ କିଛି ନ ହୋଇପାରେ । କାରଣ ଆମ ଶାସ୍ତ୍ର କହୁଛି -

"ଧୃତିଃ କ୍ଷମା ଦମୋଽସ୍ତେୟଂ ଶୌଚମିନ୍ଦ୍ରିୟନିଗ୍ରହଃ
ଧୀର୍ବିଦ୍ୟାସତ୍ୟମକ୍ରୋଧୋ ଦଶକଂ ଧର୍ମଲକ୍ଷଣମ୍ ।"

ଅର୍ଥାତ୍ ଶତବାର କଷ୍ଟ ଲାଭ କଲେ ମଧ ଧୈର୍ଯ୍ୟ ତ୍ୟାଗ କରିବା ଉଚିତ ନୁହେଁ । କୌଣସି ଲୋକ ଦ୍ୱାରା ତ୍ରୁଟି ହେଉଥିଲେ ତାହାକୁ କ୍ଷମା କରିବା ଉଚିତ । ପୁନଃଶ୍ଚ ବିଦ୍ୟୁତ୍ ରୂପୀ ଚଞ୍ଚଳ ମନକୁ ନିଜ ଅଧୀନରେ ରଖିବା, ସେହିଭଳି ମନ, ବଚନ ଓ କର୍ମ ଦ୍ୱାରା ପର ପଦାର୍ଥ ଚୋରି ନ କରିବା । ବାହ୍ୟ ଓ ଆଭ୍ୟନ୍ତର ସାଧନାକୁ ପବିତ୍ର ରଖିବା । ବିଶେଷ ଭାବେ ଇନ୍ଦ୍ରିୟମାନଙ୍କୁ ନିଜ ଅଧୀନରେ ରଖି ସ୍ୱବୁଦ୍ଧିକୁ ଉତ୍ତରୋତ୍ତର ବୃଦ୍ଧି କରିବା । ମନ, ବାଣୀ ଓ କର୍ମରେ ସର୍ବଦା ସତ୍ୟ କହିବା ଓ କରିବା । ଅକାରଣରେ କାହାରି ଉପରେ କ୍ରୋଧ ନ କରିବା ।

ସ୍ଥୂଳଜଗତକୁ ନେଇ ଆମର ଚିନ୍ତନ ସବୁବେଳେ ଯଦି ନିହିତ ହୁଏ, ତେବେ ତାହା ସମସ୍ୟାର କାରଣ ହୋଇଥାଏ । ବୌଦ୍ଧିକ ଜଗତରେ ଆମର ପ୍ରବେଶ ନ ଘଟିଲେ, ଚେତନାର ବିକାଶ ହୁଏନାହିଁ, ଇନ୍ଦ୍ରିୟ ନିୟନ୍ତ୍ରଣର ଜ୍ଞାନଲାଭ ପ୍ରତିହତ ହୁଏ । ମୃତ୍ୟୁ ପରେ ଯେ ପୁନର୍ଜନ୍ମ ସୁନିଶ୍ଚିତ ଏହା ଆଜି ପର୍ଯ୍ୟନ୍ତ ମନୁଷ୍ୟ ପକ୍ଷେ ପ୍ରମାଣସିଦ୍ଧ ନୁହେଁ । ଏଇ ଜନ୍ମ ହିଁ ଏକମାତ୍ର ସତ୍ୟ ବୋଲି ବିବେଚନା କରାଯାଇ ପାରେ । ଏଣୁ କାହାର ଜୀବନ ନେବା ଅଥବା ନିଜ ଜୀବନକୁ ଅସମୟରେ ହାରିଦେବା କେବେହେଲେ ଗ୍ରହଣୀୟ ନୁହେଁ । ଏଇଥିପାଇଁ ତ କଠୋର ଦଣ୍ଡବିଧାନ ବ୍ୟବସ୍ଥା ସ୍ୱରୂପ ହତ୍ୟାକାରୀଙ୍କୁ ହିଁ ହତ୍ୟା କରିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଯେତେବେଳେ ମୁଁ ଗୋଟିଏ ଜୀବନ ସୃଷ୍ଟି କରିପାରିବାରେ ସମର୍ଥ ନୁହେଁ, ସେତେବେଳେ କାହାର ଜୀବନ ନେବାର ଅଧିକାର ମୋର ନାହିଁ । ଯେଉଁ ଅନ୍ୟାୟ ଅବିଚାର ହୁଏତ କାହା କ୍ଷେତ୍ରରେ ଘଟୁଛି, ସେତେବେଳେ ସେଇ ବ୍ୟକ୍ତି ଯଦି ତା'ର ପ୍ରତିବାଦ ସ୍ୱରୂପ କେବଳ ହତ୍ୟାର ପଥକୁ ବାଛିନିଏ ତାହାଲେ ତାହା କ'ଣ ସମସ୍ୟାର ସମାଧାନର ଶ୍ରେଷ୍ଠ ପଥ କୁହାଯାଇ ପାରିବ କି ? ଉତ୍ତରରେ କେହି ହେଲେ ହଁ ବୋଲି କହିବେ ନାହିଁ । ସବୁ ସମୟରେ ସମାଜରେ ଦୁଷ୍ଟ ଓ ଶିଷ୍ଟ, ଭଲ ଓ ମନ୍ଦର ମଣିଷ ରହିଛନ୍ତି । ଆମେ ଆମର ବିବେକ ଜ୍ଞାନ ଖଟାଇ ସେହି ଦୁଷ୍ଟ ବା ପାପାଚାରୀ ଅଥବା ଦୁର୍ନୀତିଖୋର ବା ଆତଙ୍କରାଜ ସୃଷ୍ଟିକାରୀ ବ୍ୟକ୍ତିଠାରୁ ନିଜକୁ କିଭଳି ସୁରକ୍ଷିତ କରିପାରିବୁ ସେ ଦିଗରେ ନିଜର ବୁଦ୍ଧିମତ୍ତାର ପରିଚୟ ଦେଇ ନିଜକୁ ସୁରକ୍ଷିତ ରଖିବାର ପଥରେ ରହିବାକୁ ପଡ଼ିବ । ଭାରତର ସ୍ୱାଧୀନତା ସଂଗ୍ରାମର ମହାନାୟକ କୁହାଯାଉଥିବା ଗାନ୍ଧିଜୀଙ୍କୁ ମଧ ଗୁଳିବିଦ୍ଧ ହେବାକୁ ପଡ଼ିଥିଲା । ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧି ଓ ରାଜୀବଗାନ୍ଧିଙ୍କୁ ମଧ ସୁରକ୍ଷାକର୍ମୀଙ୍କ ଗୁଳି ଓ ମାନବବୋମାର ଶିକାର ହୋଇ ଅକାଳରେ ସଂସାର ଛାଡ଼ିବାକୁ ପଡ଼ିଥିଲା । ଏମିତି ତ ବିଶ୍ୱ ଓ ଦେଶ ପରିପ୍ରେକ୍ଷୀରେ ଅସଂଖ୍ୟ ଘଟଣା ରହିଛି । ଏସବୁ ଭିତରେ ବ୍ୟକ୍ତିର ଅଜ୍ଞତା (ତା'ର ପ୍ରଜ୍ଞାଜଗତ)ର ପରିବର୍ଦ୍ଧନ ଘଟୁ ନ ଥିବାରୁ ସେ ତା'ର ଏହି ଆନନ୍ଦମୟ ମଧୁରତର ମାନବଜୀବନରେ ଜୀଇ ରହିବାର ଉପଲବ୍ଧିକୁ ତା'ର ସ୍ୱଜ୍ଞାନରେ ଜାଣି ନ ପାରି କେବଳ ଭୌତିକ ସୁଖସମୃଦ୍ଧି ସାଧନର ବ୍ୟାଘାତ ଅଥବା ଏକ ବିଶେଷ ପଦମର୍ଯ୍ୟାଦା ବା କ୍ଷମତାର ଆହରଣର ପ୍ରଲୋଭନର ଶିକାର ହୋଇ ଏଭଳି ଘୃଣ୍ୟପଥକୁ ବାଛି ନେଉଛି । ଯାହାଫଳରେ ଅକାଳରେ ଅନେକ ଜୀବନଦୀପ ନିର୍ବାପିତ ହୋଇଯାଉଛି । ମଣିଷର ଚୈତନ୍ୟୋଦୟ ଯେପର୍ଯ୍ୟନ୍ତ ନ ହୋଇଛି, ସେ ପର୍ଯ୍ୟନ୍ତ ସେ ଏହି ସ୍ଥୂଳଶରୀରର ନାନା ଭୌତିକ ଆନନ୍ଦ ନିମିତ୍ତ ଅଭୀପ୍ସାର ଚରିତାର୍ଥରେ ସଫଳ ନ ହୋଇ ଅନ୍ତିମପଥକୁ ବାଛିବାକୁ ବାଧ ହେଉଛି । ଏହା ଗୋଟିଏ ପରିବାର ଓ ରାଷ୍ଟ୍ର କ୍ଷେତ୍ରରେ ଆଜିର ଦିନରେ ଗମ୍ଭୀର ବିଷୟ ।

+ ସୂନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ମୋ):୯୪୩୭୦୮୯୨୪୧

---

## ସ୍ମୃତି ଶତଦଳ ୨୭୭

# କାମ କରିବାର କଳା



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଗୋଟିଏ ନାରୀ ସକାଳୁ ସଞ୍ଜ ଯାଏ ଅନେକ କାମ କରିଥାଏ । ଲୋଟଣି ପାରା ପରି ଅତି ସନ୍ତର୍ପଣରେ ସମସ୍ତ ଦାୟିତ୍ୱ ମୁଣ୍ଡ ଉପରକୁ ନେଇ ନିର୍ବିକାରରେ ଖଟିଥାଏ ସେ, ଯେଉଁଥିରେ କଳାତ୍ମକ କାମ ସହ ଅନେକ ସୃଜନାତ୍ମକ କାମ ମଧ୍ୟ ମିଶିଥାଏ । ଏମିତିକି ଗୃହିଣୀଟିଏ ଝାଡୁ ଧରି ଓଳାଇଲେ ମଧ୍ୟ ସେଥିରେ ସୃଜନାତ୍ମକ କଳା ମତେ ଜଳ ଜଳ ହୋଇ ଦିଶିଯାଏ କାରଣ ଓଳାଇବା ମଧ୍ୟ ଗୋଟିଏ ସୁନ୍ଦର ଆର୍ଟ । ସେମିତି ନାରୀର ପ୍ରତ୍ୟେକ କାମ ଭିତରେ କନଷ୍ଟ୍ରକଟିଭ ବା' ସୃଜନାତ୍ମକ ମନଟିଏ ଥାଏ ଏବଂ ପ୍ରତ୍ୟେକ କାମରେ ସେଇ ସୃଜନାତ୍ମକ କଳା ଫୁଟି ଉଠେ । ଏହାଦ୍ୱାରା ପ୍ରତିଟି ଜିନିଷ ଅନ୍ତଃ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହୋଇଯାଏ ।

ମା'ଟିଏ, ପତ୍ନୀଟିଏ ବା ଝିଅଟିଏ ତା'ର ଆତ୍ମୀୟ ସ୍ୱଜନ ଓ ପରିବାର ପାଇଁ ପ୍ରତ୍ୟେକ ଦିନ ଯେଉଁ ରୋଷେଇ କରିଥାଏ ସେଥିରେ ପ୍ରତିଟି ଜିନିଷ ତିଆରି କରିବାରେ ତା'ର ସ୍ୱତନ୍ତ୍ର କଳାର ପ୍ରୟୋଗ ସେ' କରିଥାଏ । ରୋଷେୟା ତ' ସେଇ ତେଲ ମସଲା ଦେଇ ରାନ୍ଧିଥାଏ, କିନ୍ତୁ ମା'ର ରାନ୍ଧଣାରେ ତେଲ ମସଲା ସହ କେଇ ବୁନ୍ଦା ସ୍ନେହ ଓ ମମତା ମିଶିଥାଏ ଯାହା ଖାଦ୍ୟଟିକୁ ଆହୁରି ରୁଚିକର ଓ ସୁସ୍ୱାଦକର କରି ଦେଇଥାଏ ।

ସେମିତି କର୍ମଜୀବି ମହିଳାଟିଏ ତା'ର ପ୍ରତ୍ୟେକ କାମ ସୁଚାରୁରୂପେ କଳାତ୍ମକ ଢଙ୍ଗରେ କଲେ ଜୀବନରେ କିଛି ଅସୁବିଧା ହୁଏ ନାହିଁ । କିନ୍ତୁ ଡାକ୍ତର, ଇଂଜିନିୟରମାନଙ୍କୁ ଏହା ସହ ବିଜ୍ଞାନର କଳାତ୍ମକ ମାନକୁ ଗୁରୁତ୍ୱ ଦେବାକୁ ପଡିଥାଏ । ଆଉ ଗୋଟିଏ ଜିନିଷ ପ୍ରତ୍ୟେକ ମହିଳାମାନେ ହୃଦୟଙ୍ଗମ କରିବା ଜରୁରୀ ତାହା ହେଉଛି କଥା କହିବାର ଶୈଳୀ ଓ ଶବ୍ଦର ଚାତୁରୀ । କହି ଜାଣିଲେ କଥା ସୁନ୍ଦର । ଶବ୍ଦ ଅତ୍ୟନ୍ତ ଶକ୍ତଶାଳୀ । ଫିଙ୍ଗି ଦେଇଥିବା ଶର ଯେମିତି କେବେହେଲେ ତୂଣୀର କୁ ଫେରି ଆସେ ନାହିଁ, ସେମିତି କହି ଦେଇଥିବା କଥା ପୁଣିଥରେ ଓଠକୁ ଫେରି ଆସେ ନାହିଁ । ତେଣୁ ମୋ ମତରେ ମହିଳାମାନେ ନିଜ କଥାବାର୍ତ୍ତା ଓ ବ୍ୟବହାରରେ ସଂଯତ ହେବା ସବୁଠାରୁ ବେଶୀ ଜରୁରୀ । । ମନେ ରଖିବା ଦରକାର ଆମେ ଯାହା ସାଙ୍ଗରେ ବି କଥା ହେଉଛେ, ଯାହାକୁ ଯେମିତି ବ୍ୟବହାର କରୁଛେ ତା'ଠାରୁ ସେମିତି ବ୍ୟବହାର ଆଶା କରିବା । ତା'ଠାରୁ ଆହୁରି ବଡକଥା ଆମ କଥା ଶୁଣି ତା' ମନରେ କେଉଁ ଭାବର ଉଦୟ ହେଲା ଆମ ପାଖକୁ ମଧ୍ୟ ସେଇ ମନୋଭାବର ସୂକ୍ଷ୍ମ ସ୍ରୋତଟିଏ ଫେରି ଆସିଥାଏ । ଆମର ସକାରାତ୍ମକ ବ୍ୟବହାରରେ ଶତୃଟିଏ ହେଲେ ବି ତା'ମନରେ ଭଲ ଭାବଟିଏ ସୃଷ୍ଟି ହୋଇ ଆମ ପାଖକୁ ଇଥର ର ତରଙ୍ଗରେ ଫେରି ଆସିଥାଏ । ତେଣୁ ଆମର ଚିନ୍ତାରେ, ଚୈତନ୍ୟରେ ସଚେତନ ବା' ଅବଚେତନ ମନରେ କେବେହେଲେ ନକାରାତ୍ମକ ଚିନ୍ତାକୁ ପ୍ରଶ୍ରୟ ନ ଦେବା ହିଁ ଭଲ ।

> ଯେତେବେଳେ ଆମେ ଚିନ୍ତା କରିବା ଯେ, ନାଁ ଆମର ଦୁଃଖ ନାହିଁ, ଶୋକ ନାହିଁ, କ୍ଲେଶ ନାହିଁ ଆମେ ଖୁବ୍ ସୁସ୍ଥ ଅଛେ ଠିକ୍ ସେତିକି ବେଳେ ଲକ୍ଷ୍ୟ କରିବେ ଏକ ସକାରାତ୍ମକ ମନୋଭାବର ଶୁଭ୍ର ଆସ୍ତରଣଟିଏ ଆମକୁ ଘେରିଯିବ, ଯେଉଁଠାରୁ ଝରୁଥିବ ଦିବ୍ୟ ଆଶୀଷର ଅମୃତମୟ ବର୍ଷା ।

ଆମେ ଯେହେତୁ ଡାକ୍ତର, କୌଣସି ଉତ୍ସବରେ ଆତ୍ମୀୟସ୍ୱଜନ ବା' ପରିଚିତ ବ୍ୟକ୍ତିଙ୍କ ସାଙ୍ଗରେ ଦେଖାହେଲେ ସ୍ୱତଃପ୍ରବୃତ୍ତ ହୋଇ ସେମାନେ ନିଜ ଅସୁସ୍ଥତାର ଖବର ଆଗ ପରିବେଷଣ କରନ୍ତି । ଅନେକେ ତ' ମନ ଇଚ୍ଛା କହିଚାଲନ୍ତି " ହେ ଭଗବାନ ! ମୋ ଭାଗ୍ୟରେ ହିଁ ଠାକୁର ସବୁ ଦୁଃଖ ଲେଖିଥିଲେ । ଏକାଥରେ ମଧୁମେହ ରୋଗ, ଉଚ୍ଚରକ୍ତଚାପ ରୋଗ, ମୁଣ୍ଡବିନ୍ଧା ଆଦି ରୋଗ ପାଇଁ ଅନେକ ଗୁଡିଏ ଔଷଧ ମତେ ହିଁ ଖାଇବାକୁ ପଡିବ ।" ଏସବୁ ଜିନିଷ ଭାବି ଭାବି ସବୁବେଳେ ଠାକୁରଙ୍କ ପାଖରେ ଅଭିଯୋଗ କଲେ ଗୋଟିଏ ନକାରାତ୍ମକ ଭାବଧାରା ସାରା ଘର ଓ ବାତାବରଣରେ ଖେଳିଯାଇଥାଏ । ଏ ସବୁ କଥା ଭାବିଲା ବେଳେ ଆମେ ପ୍ରକୃତରେ ଭୁଲିଯାଉଁ ଯେ, ପ୍ରଭୁ କେତେ ଭଲ ଭାବରେ ଆମକୁ ଜନ୍ମ ଦେଇଛନ୍ତି ଏବଂ ତା ସାଙ୍ଗରେ ପ୍ରତ୍ୟେକଟି ସୋପାନରେ ଆଶୀର୍ବାଦର କେଇ ବୁନ୍ଦା ଜଳ ମାଧ୍ୟମରେ ସୌଭାଗ୍ୟ ହିଁ ବର୍ଷାଇ ଦେଇଛନ୍ତି । ଆମେ ଆମ୍ଭର ପ୍ରାପ୍ତି କଥା ବିଚାର ନକରି ଆମେ କେବଳ ଅଭିଯୋଗର ଫର୍ଦ୍ଦ ଫର୍ଦ୍ଦ କାଗଜ ଲେଖି ଲେଖି ଭର୍ତ୍ତି କରି ଦେଉଛେ । ଯେତେ ବେଳେ ଆମେ ଚିନ୍ତା କରିବା ଯେ, ନାଁ ଆମର ଦୁଃଖ ନାହିଁ, ଶୋକ ନାହିଁ, କ୍ଲେଶ ନାହିଁ ଆମେ ଖୁବ୍ ସୁସ୍ଥ ଅଛେ ଠିକ୍ ସେତିକି ବେଳେ ଲକ୍ଷ୍ୟ କରିବେ ଏକ ସକାରାତ୍ମକ ମନୋଭାବର ଶୁଭ୍ର ଆସ୍ତରଣଟିଏ ଆମକୁ ଘେରିଯିବ, ଯେଉଁଠାରୁ ଝରୁଥିବ ଦିବ୍ୟ ଆଶୀଷର ଅମୃତମୟ ବର୍ଷା ।

ପ୍ରତି ମୁହୂର୍ତ୍ତରେ ଆମେ ନିଜର ଓ ଆମ ଆଖପାଖରେ ଥିବା ସମସ୍ତଙ୍କର ମଙ୍ଗଳ କାମନା କରିବା ଏବଂ ପ୍ରତ୍ୟେକ ଦିନ ପ୍ରଭୁଙ୍କୁ ପ୍ରଣାମ କରି କହିବା, "ଅନେକ ଅନେକ ଧନ୍ୟବାଦ ପ୍ରଭୁ ମତେ ଏତେ ସୁନ୍ଦର ଜନ୍ମ ଦେଇଛ ! ମୁଁ ତୁମ ପାଖରେ ମୋର ସବୁକିଛି ସମର୍ପି ଦେଇଛି ଲୋଭ, ମୋହ ଓ ସାରଥୀ ହୋଇ ଏବେ ଏ ସଂସାର ରୂପକ ନଦୀରେ ତୁମେ ହିଁ ସାରଥୀ ହୋଇ ମତେ ବାଟ ଦେଖାଇ ଦିଅ ! ଏଭଳି ସାତ୍ତ୍ୱିକ ମନୋଭାବରେ, ଚାରିଆଡେ ଭକ୍ତି ଭାବର ସାତ୍ତ୍ୱିକ ଚିନ୍ତାଧାରାଟିଏ ଖେଳିଯିବ ।(କ୍ରମଶଃ)

---

## ଧାରାବାହିକ ଅନୁବାଦ ଉପନ୍ୟାସ-(୧୦)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଳେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମାଆ ନିଜ ଝିଅର ବାଲ୍ୟ-ବିବାହ କରି ମସ୍ତବଡ଼ ଭୁଲ୍ କରିଥିଲା । ଏଇ ଭୁଲ୍‌ର ଭରଣା କରିବାର ଆଉ କୌଣସି ବାଟ ବି ନଥିଲା - ଏଇ କଥା ଭାବି ମୋ ଆଖିରୁ ଲୁହ ନୁହେଁ, ଲହୁ ଝରୁଥିଲା ସବୁବେଳେ । ଏହାର ଆଉ ଦୁଇଟି କାରଣ ବି ଥିଲା । ଏକରେ ଏଇ ବିବାହ ହେବାର ନ ଥିଲା । ଆଉ ଦ୍ୱିତୀୟରେ ଆମ ନିଜ ଘରେ ବାଲ୍ୟବିବାହ ପରି କେଳେଙ୍କାରୀ ହେଲା ଆଉ ଆମେ ତାକୁ ରୋକିବାରେ ଅସମର୍ଥ ହୋଇଗଲୁ । ତେବେ ଆସନ୍ତାକାଲି ବାଲ୍ୟ-ବିବାହ ବିରୋଧୀ ଆନ୍ଦୋଳନରେ କିପରି ଆଉ କେଉଁ ମୁହଁରେ ଜନ-ସଚେତନତା ସୃଷ୍ଟିକରିବାକୁ ସମର୍ଥ ହେବୁ ? କେଉଁ ମୁହଁରେ ଭାଷଣ ଦେବୁ ? କେଉଁ ମୁହଁରେ ଲୋକଙ୍କୁ ସମ୍ଭାଳିବୁ ? ଲୋକେ କହିବେନାହିଁ, କଣ ଫାଲତୁ ଭାଷଣ-ବାଜି କରୁଛୁ ବୋଲି ? ନିଜର ଭଉଣୀର ବାଲ୍ୟବିବାହ କରୁଛି ଆଉ ଆମ ଝିଅମାନଙ୍କର ଅଠର ବର୍ଷ ହେଲା ପରେ ବିବାହ କରିବାକୁ ଉପଦେଶ ଦେଉଛି.... କିଏ ଶୁଣିବ ମୋ କଥା ? ମାଆ ନେଇଥିବା ନିଷ୍ପତ୍ତିର ଏଇପରି ଦୁଇ ପରସ୍ପର ବିରୋଧୀ ଫଳ ଆସିଥିଲା । ଗୋଟେ ପଟେ ମୋର ବ୍ୟକ୍ତିଗତ ଜୀବନ ଓ ଅନ୍ୟପଟେ ବର୍ତ୍ତମାନ ନୂଆ କରି ଆକାର ନେଇଥିବା ମୋର ସାମାଜିକ ଜୀବନ । କେମିତି ବା ମାଆକୁ ବୁଝେଇବି ? ଅନ୍ୟ ଭଉଣୀଟିର ବାଲ୍ୟ-ବିବାହ ଯେମିତି ନ ହୋଇପାରେ ତା ପାଇଁ କଣ କରାଯାଇ ପାରିବ ?

ମାମୁଁ ଘରେ ରହୁଥିବା ସାନ ଭଉଣୀ ସ୍କୁଲକୁ ଯାଉଥିଲା । ଚତୁର୍ଥ / ପଞ୍ଚମ ଶ୍ରେଣୀ ଯାଏ ସିଏ ପାଠ ପଢ଼ି ସାରିଥିଲା । ସିଏ ଏତେ ଭଲ ପାଠ ପଢୁନଥିଲା । କିନ୍ତୁ ମୋତେ ଲାଗୁଥିଲା ସିଏ ଆହୁରି ପଢ଼ିବା ଉଚିତ୍ । ମୋର ଛୋଟ ଭାଇ ପଢ଼ି ପାରି ନଥିଲା । ତାକୁ ଶିଘ୍ର ସ୍କୁଲ ଛାଡ଼ିବାକୁ ପଡ଼ିଥିଲା । ଶାଶୁ ଘରକୁ ଯାଇଥିବା ଭଉଣୀ ସ୍କୁଲର ଦୁଆର ମାଡ଼ି ନଥିଲା । ଅତି କମ୍‌ରେ ସାନ ଭଉଣୀ ପାଠ ପଢ଼ିବା ଉଚିତ୍ । ମୋ ମନ ଏମିତି କହୁଥିଲା । କିନ୍ତୁ ତାର ପାଠ ପଢ଼ାର ବୋଝ ଉଠାଇବା ଥିଲା ମୋ ସାମର୍ଥ୍ୟର ବାହାରେ । କାରଣ ନିଜର ବୋଝ ଉଠାଇବା ହିଁ ମୋ ପାଇଁ କଷ୍ଟକର ଥିଲା । ଦୁଇ ବେଳା ଦୁଇପଟ ରୁଟି ଯୋଗାଡ଼ କରିବା ବି କାଠିକର ପାଠ ଥିଲା । ଚାକିରୀ ପାଇଁ ଚେଷ୍ଟା କରୁଥିଲି । କିନ୍ତୁ ମିଳୁ ନଥିଲା । କଲେଜରେ ପାଠପଢ଼ା ଚାଲିଥିଲା । କୌଣସି ମତେ ତାକୁ ପୁରା କଲି । ତାପରେ ଚାକିରି... ହେଲେ ଚାକିରୀ ତ ଯେମିତି ମୋ ପାଇଁ ଆକାଶ କଇଁଅ, ଚିକିଏ ମାଛ ହେଇ ଯାଇଥିଲା । ମିଳିବାର ନାଁ ନେଉ ନଥିଲା । ଆଉ ବଡ଼ କଷ୍ଟରେ ଯଦି ବା ମିଳିଲା, ପ୍ରଥମ କିଛି ମାସ ତ ବିନା ଦରମାରେ । ଏଇ ସମୟରେ ଆଉ ଏକ ଖବର ବୋମା ପରି ବିସ୍ଫୋରଣ କଲା । ମାଆ ମୋର ଛୋଟ ଭଉଣୀର ବାହାଘର ଠିକ୍ କରି ଦେଇଥିଲା । ତାର ଭାବି ସ୍ୱାମୀ ଗୋଟେ ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରି କରୁଥିଲା । ସିଏ ବାପାମାଆଙ୍କର ଏକମାତ୍ର ପୁଅ ଥିଲା । ପୁଣି ଥରେ ମାଆ ଉପରେ ବିରକ୍ତିର ତୋଫାନ ଉଠିଲା ମୋ ମନରେ । ଇଏ ବୁଝି ପାରୁନି କାହିଁକି ? ମାଆ ମୋ କଥା ଶୁଣୁନି କାହିଁକି ? କିନ୍ତୁ ମୁଁ ଜାଣିଥିଲି, ଏଇ ପ୍ରଶ୍ନର ଉତ୍ତର ମୋତେ କେବେ ହେଲେ ମିଳିବନି । ଛୋଟ ଭଉଣୀର ବାହାଘର ବି ହୋଇଗଲା । ବାହାଘର ପରେ ସିଏ ଶାଶୁ ଘରକୁ ଚାଲିଗଲା । ତାର କୁନି କୁନି ହାତ ଶାଗୁଆ ରଙ୍ଗର ବୋଝେ ବୋଝେ ଚୁଡ଼ିର ଭାର ହୁଏତ ସହି ପାରୁ ନଥିବ । ବାରମ୍ବାର ଏଇପରି ଭାବନା ମୋ ମୁଣ୍ଡକୁ ଆସୁଥିଲା । ହେଲେ ଏବେ ୟା' ଉପରେ ଚିନ୍ତା କରି କିଛି ଲାଭ ନଥିଲା ।

ଦିନେ ମୁଁ ଖୁବ୍ ଧୀରସ୍ଥିର ଭାବରେ ମାଆକୁ ପଚାରିଲି, "ମାଆ ! ତୁ ତୋ ଝିଅମାନଙ୍କ ବାହାଘର ଏମିତି ତରବର ହୋଇ କାହିଁକି କରିଦେଲୁ ?"

ମାଆ ବି ସେମିତି ଶାନ୍ତ ସ୍ୱରରେ ଜବାବ୍ ଦେଲା । ଝିଅମାନଙ୍କୁ ବେଶୀ ଦିନ ଘରେ ରଖିବା ଅନୁଚିତ୍ । ଆମ ସମାଜରେ ସବୁ ଝିଅଙ୍କର ବିବାହ ଛୋଟ ବୟସରେ ହିଁ ହୁଏ । ଅଧିକ ବୟସ ହୋଇଥିଲେ ସେମାନଙ୍କର ବାହାଘର ହୋଇ ପାରି ନଥାନ୍ତା । ତୁ ଯାହା କହୁଛୁ ସେଥିରେ ମୁଁ ଜମାରୁ ସହମତ ନୁହଁ । ତୋତେ ଏମିତି ସବୁବେଳେ ଲାଗିଥାଏ ନା ! କିନ୍ତୁ ସମାଜ ସହିତ ରହିବାକୁ ପଡିଥାଏ। ତୋର କ'ଣ ଅଛି ? ତୁ ତ ଏବେ ସମାଜ ବାହାରକୁ ଲିଗଲୁଣି । ତୋର ଆଉ ଆମର ସାମାଜିକ ବ୍ୟବହାର ମଧ୍ୟରେ ଅନେକ ପ୍ରଭେଦ ଅଛି । କେବେ ସମାଜକୁ ବି ବୁଝିବାକୁ ଚେଷ୍ଟା କର । ସିଏ ଏତେ ମନ୍ଥର ଗତିରେ କାହିଁକି ଚାଲୁଛି ... ତା ଉପରେ ବି ବିଚାର ବିମର୍ଶ କର ।" ମାଆର ଏଇ ସବୁ କଥା ମୋର ପସନ୍ଦ ହେଲାନାହିଁ । ମୁଁ ଟିକେ ରାଗି ଯାଇ କହିଲି "ନାବାଳିକା ଝିଅଙ୍କର ବିବାହ କରି ଦେଉଥିବା ଲୋକମାନଙ୍କୁ କଣ ଆଉ ବୁଝିବି ? ମାଆ.. ତୋତେ ମୁଁ ଗୋଟେ କଥା କହିବି...ତୁ ଆଉ ତୋର ସମାଜ କେବେ ହେଲେ ସୁଧୁରିବ ନାହିଁ ।'

ସିଏ: ତୁ ସୁଧୁରି ଗଲୁ କି ନାହିଁ ?

ମୁଁ: ହଁ ମୁଁ ତ ସୁଧୁରି ଯାଇଛି ।

ସିଏ: ହେଲେ ତୁ ବି ତ କାଲି ପଅରିଦିନ ଏଇ ସମାଜରେ ଥିଲୁ ନା !

ମୁଁ: ଥିଲି, କିନ୍ତୁ ମୁଁ ତୁମମାନଙ୍କ ପରି ମାଟିରେ ଘୁଷୁରୁ ନାହିଁ କିମ୍ବା ଘୋଷାରି ହେଉନାହିଁ ।

ସିଏ: ସତ କଥା ବାପା । କିଛି ଲୋକ ଜୋଅର୍‌ରେ ଦଉଡ଼ି ପାରନ୍ତି ଆଉ କିଛି ଧୀର ଗତିରେ ଦୌଡ଼ନ୍ତି ।

ମୋତେ ଲାଗିଲା ମାଆର ଏଇ କଥାର କୌଣସି ଗୂଢ଼ ଅର୍ଥ ଅଛି । ତେଣୁ ମୁଁ ଏ କଥାକୁ ଆଉ ଅଧିକ ବଢ଼େଇବାକୁ ହିଁଲିନି । ହେଲେ ଚିନ୍ତାର ତୋଫାନ ମୋର ମନ-ମସ୍ତିଷ୍କରେ ଉଠିଥିଲା ନିଶ୍ଚୟ । ମୁଁ ସେଇ ଗୂଢ ଅର୍ଥର ରହସ୍ୟକୁ ଧୀରେ ଧୀରେ ଅନାବରଣ କରିବାକୁ ଚେଷ୍ଟା କଲି । ସମାଜର ଆଗେ ଆଗେ ଆମେ କେତେ ଦୂର ଯାଏ ଦୌଡ଼ିବା ? ସିଏ ଯେମିତି କେବେହେଲେ ଆମର ସମକକ୍ଷ ହୋଇ ପାରିବନାହିଁ ସେତିକି ଆଗକୁ ଚାଲିଯିବା ? ବା ସମାଜ ସହିତ ପ୍ରତିଯୋଗିତା କରି ଚାଲିବା ? ସମାଜ ତ ଗେଣ୍ଡା ବା କଇଁଚ ପରି ଚାଲୁଛି, ଯଦି ଏଇ ଗତିରେ ସମାଜ ଲେ ତେବେ ଅବସ୍ଥା କ'ଣ ହେବ ? ତା' ହେଲେ ଭୁଲ୍ କିଏ ? ମାଆ ନା ମୁଁ ? ତାର ଏଇ ଗତିରେ କେବେ ପରିବର୍ତ୍ତନ ଆସିବ ? ଏଇ ଗତିକୁ କିଛି ପରିମାଣରେ ବଢ଼େଇବାକୁ ହିଁ ହେବ...

ନିଜର ଦୁଇ ଝିଅଙ୍କର ବିବାହ ସମୟରେ ମାଆକୁ ଆର୍ଥିକ ମହାଯୁଦ୍ଧ ଲଢ଼ିବାକୁ ପଡ଼ିଥିଲା । ସିଏ ନିଜର ମଜୁରୀ ପଇସାରେ ଘର ଖର୍ଚ୍ଚ ଚଳେଇବାକୁ ଚେଷ୍ଟା କରୁଥିଲା । ସେଥିପାଇଁ ମାଆକୁ ସକାଳ ସାତରୁ ଗୋଟେ ଯାଏଁ ପୁଣି ଦ୍ୱିପ୍ରହର ଦୁଇରୁ ସନ୍ଧ୍ୟା ସାତଟା ଯାଏଁ ଦୁଇ ଓଳି ମଜୁରି ଖଟିବାକୁ ପଡୁଥିଲା । ସନ୍ଧ୍ୟାରେ କାମରୁ ଫେରିଲା ବେଳେ ସିଏ ରାସ୍ତାରୁ କାଠିକୁଟା ଓ ଶୁଖିଲା ଡାଳ ନେଇ ଫେରୁଥିଲା । ରୋଷେଇ କରିବା ପାଇଁ ଏଇ ଡାଳ ବ୍ୟବହୃତ ହେଉଥିଲା । ଘରେ ପହଞ୍ଚି ସିଏ ରଶି ଆଉ ଗରା ନେଇ ଫର୍ଲଙ୍ଗ, ଦେଢ଼ ଫର୍ଲଙ୍ଗ୍ ଦୂରରେ ଥିବା କୂଅକୁ ପାଣି ଆଣିବା ପାଇଁ ଯାଉଥିଲା । ଅଟାଚକି ଯାଉଥିଲା । ରୋଷେଇ କରୁଥିଲା । କାହାକୁ କେତେ ଖଣ୍ଡ ରୁଟି ପରଷା ଯିବ ସେ କଥା ଆଗରୁ ଠିକ୍ ହୋଇଥିଲା । ତାପରେ ମାଆ ସାଙ୍ଗେ ସାଙ୍ଗେ ଶୋଇ ପଡୁଥିଲା । ସିଏ ପାଞ୍ଚ ଛଅ ଘଣ୍ଟା ମାତ୍ର ଶୋଉଥିଲା । ବାପା ପ୍ରତିଦିନ ଯାହା ଟଙ୍କା ରୋଜଗାର କରୁଥିଲେ ମାଆ ସେଥିରେ ହାତ ମାରୁ ନଥିଲା । ତାକୁ ସିଏ ସଂଚୟ ରୂପରେ ରଖି ଦେଉଥିଲା । ପେନ୍‌ସନ୍ ଟଙ୍କା, ପ୍ରତିଦିନର ରୋଜଗାର ଆଉ ଫସଲ ଅମଳ ସମୟରେ ଆସୁଥିବା ଅଧିକ ମଜୁରୀ ବଳରେ ସିଏ ଦୁଇ ଦୁଇଟା ଝିଅଙ୍କର ବାହାଘର କରିଥିଲା । ବନ୍ଧୁ-ବାନ୍ଧବ, ଜ୍ଞାତିକୁଟୁମ୍ବ କାହା ଆଗରେ ବି ସିଏ କେବେ ହେଲେ ହାତ ପତେଇ ନଥିଲା । 'ଯେତେ ପାଦ ମେଲେଇବ, ସେତେ ଅଧିକ ଚାଦର ଦରକାର ହେବ ବା ଆୟକୁ ଚାହିଁ ବ୍ୟୟ ।' ଏହା ହିଁ ଥିଲା ତାର ଜୀବନ ଦର୍ଶନ । କେବେହେଲେ ଆରାମ ନ କରିବା, ନୂଆ ଚୁଡ଼ି ନ ପିନ୍ଧିବା, ମୁଣ୍ଡରେ ମାସରେ ଥରେ ତେଲ ଲଗେଇବା, କପଡ଼ା ଧୋଇବା ପାଇଁ କିଣା ଯାଉଥିବା 'ପାଂଚଶହ ଏକ' ନାମକ ସାବୁନ୍ ସିଏ ଦେହରେ ଲଗଉଥିଲା, କପଡ଼ା ଧୋଇବା ପାଇଁ ସାବୁନ୍ ବ୍ୟବହାର କରିବା ବି ତାକୁ ବଦ୍‌ଖର୍ଚ୍ଚ ବୋଲି ଲାଗୁଥିଲା । ପାଣି ଗରମ କରି ମାଆ ସେଥିରେ ସୋଡ଼ା ପକେଇ ଦେଉଥିଲା । ରାତି ସାରା ଲୁଗା ଭେଦୁଥିଲା ସେଥିରେ । ସକାଳେ ଜୋର୍‌ରେ ନିଃଶ୍ୱାସ ଟାଣିପଥର ଉପରେ ପିଟୁଥିଲା ସିଏ ଲୁଗାକୁ । ଦଶ / ବାର କିଲୋମିଟର ଦୂରରେ ଥିବା ମାମୁଁ ଘରକୁ ମାଆ ବସ୍‌ରେ ନ ଯାଇ ଚାଲିଚାଲି ଯାଉଥିଲା ପଇସା ବଂଚେଇବାକୁ । ବସ୍ ଭଡ଼ାର ପଇସା ମାଆ ସବୁ ବେଳେ ବଂଚେଇ ଦେଉଥିଲା ।

(ଦଶ)

ହାଇସ୍କୁଲରେ ପଢୁଥିଲା ବେଳେ, ଥରେ ମୁଁ ମାଆକୁ ବୋକା ବନେଇ ଥିଲି । ବୋର୍ଡ଼ିଂ ସ୍କୁଲରୁ ତା' ପାଖକୁ ପୋଷ୍ଟକାର୍ଡ଼ରେ ଚିଠି ପଠେଇଲି । ସ୍କୁଲ୍‌ରେ ଟାଇମ୍‌ଟେବୁଲ୍ ଲାଗିବାର ଅଛି । ସେଥିପାଇଁ ଯେତେ ଶିଘ୍ର ହେବ ପଇସା ପଠେଇବାକୁ ଚିଠିରେ ଲେଖିଥିଲି । ଦୁଇ/ ଚାରି ଦିନ ଭିତରେ ମାଆକୁ ଚିଠି ମିଳିଯାଇଥିଲା । ସିଏ କାହାକୁ ସେଇ ଚିଠି ପଢେଇଥିଲା । ବୋଧହୁଏ ଚିଠି ପଢୁଥିବା ଲୋକକୁ ବି ଲାଗିଥିବ ଟାଇମ୍-ଟେବୁଲ୍ ଗୋଟେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ କଥା । ଦୁଇ ଦିନ ଭିତରେ ହିଁ ମାଆ ପଇସା ନେଇ ବୋର୍ଡିଂ ସ୍କୁଲରେ ପହଂଚି ଯାଇଥିଲା । ସେଠି ପହଂଚିବା ପାଇଁ କୋଡ଼ିଏ/ ପଚିଶ କିଲୋମିଟର ବାଟ ମାଆ ଚାଲି ଚାଲି ହିଁ ଆସିଥିଲା । ସିଏ ଫେରିଲା ବି ସେମିତି ପାଦରେ ଚାଲି ଚାଲି । ମାଆ ଏଇ କଥା ଭାବିଥିବ ଯେ ବସ୍ ଭଡ଼ାରେ ପଇସା ଖର୍ଚ୍ଚ ନକରି ସେଇ ପଇସା ପୁଅକୁ ଦେଲେ ତାର କାମରେ ଆସିବ । ହାତ-ଗୋଡ଼ ତ ଠିକ୍‌ଠାକ୍ ଅଛି । ଚାଲିଚାଲି ଯାଇହେବ । ବସ୍‌ରେ ବେକାରଟାରେ କାହିଁକି ପଇସା ଖର୍ଚ୍ଚ କରିବା । ମାଆ ସେଇଆ ହିଁ ବୁଝିଥିଲା । (କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

## ଟ୍ରକ ଓ ଡମ୍ଫର ଦୁର୍ଘଟଣା ୨ ଗୁରୁତର

ବସ୍ତା, ୧୧।୨(ନିପ୍ର) : ୬୦ ନମ୍ବର ଜାତୀୟ ରାଜପଥ ବସ୍ତା ଥାନା ଅନ୍ତର୍ଗତ ଗାନ୍ଧିଛକ ନିକଟରେ ବିଳମ୍ବିତ ରାତିରେ ଟ୍ରକ ଓ ଡମ୍ଫର ଦୁର୍ଘଟଣା ୨ଗୁରୁତର, ଉକ୍ତ ଡମ୍ଫର ନମ୍ବର (ଓଡି୨୨ପି୩୯୦୯) ଗାନ୍ଧିଛକ ରୁ ବାହାରି ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ପଛରୁ ଏକ ଟ୍ରକ( ଡ୍ଲବି ୨୯ଏ୯୯୦୨) ଆସି ଉକ୍ତ ଡମ୍ଫର କୁ ପଛ ପଟୁ ଧକ୍କା ଦେଇଥିଲା କ୍ଷ ଫଳରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ପେଟ୍ରୋଲିଙ୍ଗ ପୋଲିସ ଖବର ଦେଇଥିଲେ କ୍ଷ ସଂଗେ ସଂଗେ ଜାତୀୟ ରାଜପଥ ପେଟ୍ରୋଲିଙ୍ଗ ପୋଲିସ ଅଧିକାରୀ ଏସ ପି ଓ ପ୍ରତାପ ଚନ୍ଦ୍ର କର ଏବଂ ତାଙ୍କର ଟିମ ପହଂଚି ଜଣକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜାତୀୟ ରାଜପଥ ପେଟ୍ରୋଲିଙ୍ଗ ଭେନ ରେ ବସ୍ତା ଡାକ୍ତରଖାନା କୁ ପଠାଇଥିବା ବେଳେ ଅନ୍ୟ ଜଣେ କେବିନ ରେ ଚାପି ହୋଇ ଯାଇଥିଲେ କ୍ଷ ଶ୍ରୀଯୁକ୍ତ କର ବସ୍ତା ଅଗ୍ନିସମ କୁ ଖବର ଦେଇଥିଲେ କ୍ଷ ଘଟଣା ସ୍ଥଳରେ ବସ୍ତା ଅଗ୍ନିଶମ ବିଭାଗ ପହଂଚି ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତା ରେ ପ୍ରାୟ ଅଧଘଣ୍ଟା ପରିଶ୍ରମ କରି ଅନ୍ୟ ଜଣ ବ୍ୟକ୍ତିଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ସାହାଯ୍ୟ ରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିବା ବେଳେ ବସ୍ତା ପୋଲିସ ଗାଡିଦୁଇଟିକୁ ଜବତ କରି ତଦନ୍ତ ଜାରୀ ରଖିଛନ୍ତି ।

## ଦରଡା ମଣ୍ଡଳର ବିଜେପିର ସମର୍ପଣ ଦିବସ

ବସ୍ତା, ୧୧/୦୨ (ନି.ପ୍ର): ଶନିବାର ଝିଞ୍ଜିପୁରା ଠାରେ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ବଳିଦାନ ଦିବସକୁ ସମର୍ପଣ ଦିବସ ଭାବରେ ପାଳନ କରାଯାଇଛି । ଏହି ବୈଠକରେ ମଣ୍ଡଳ ସଭାପତି ବସନ୍ତ କୁମାର ବାରିକ ସଭାପତିତ୍ୱ କରିଥିଲେ । ଆଇନଜୀବି ପରେଶ କୁମାର ବେହେରା ପଣ୍ଡିତ ଦୀନ ଦୟାଲଙ୍କ ଜୀବନୀ ଉପରେ ଆଲୋକପାତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବସ୍ତା ମଣ୍ଡଳର ଉପ ସଭାପତି ବିନୟ କେତନ ଜେନା, ବୁଥ ସଭାପତି ଦେବେନ୍ଦ୍ର ଗିରି, ଗୋହିନ ବେହେରା, ନବକାନ୍ତ ଗିରି, ଅମୂଲ୍ୟ ସେଠି, ପ୍ରମିଳା ବାରିକ, ଅଚ୍ୟୁତ ବେହେରା, ରତ୍ନାକର ବେହେରା, ପୃଥ୍ୱୀରାଜ ବାରିକ, ସୁଶାନ୍ତ ବେହେରା, ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ ।

## ବାଗିଶ୍ୱରୀ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଉଦ୍ଯାପିତ

ଜଳେଶ୍ୱର, ୧୧/୨(ନି.ପ୍ର): ଜଳେଶ୍ୱର ବ୍ଲକ ଶାଳିକୋଠାସ୍ଥିତ ବାଗିଶ୍ୱରୀ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍ଯାପିତ ହୋଇ ଯାଇଛି । ଉଦ୍ଯାପନୀ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ସାଭାପତିତ୍ୱ କରିଥିଲେ । ସଂଯୋଜକ ସମର ବଲ୍ଲଭ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ । ଫକୀରମୋହନ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଓ ଆତ୍ମରକ୍ଷା ଜିଲା ସଂଯୋଜକ ସନ୍ତୋଷ କୁମାର ରାଉତ ଯୋଗ ଦେଇ ନିଜକୁ ସୁରକ୍ଷିତ ରଖିବାପାଇଁ ବିଭିନ୍ନ କୌଶଳ ଶିକ୍ଷାଦାନ ଦେଇଥିଲେ ।

## ଶିକ୍ଷାରେ ଆତ୍ମବିଶ୍ୱାସ ରହିଲେ ସଫଳତା ନିଶ୍ଚିତ ମିଳିଥାଏ



ଗୋପାଳଗାଁ, ୧୧/୦୨ (ନି.ପ୍ର): ସ୍ଥାନୀୟ ପୂର୍ଣ୍ଣ ଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିର ପରିସରରେ ନବମ ବାର୍ଷିକ କ୍ରୀଡା ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ର ସଭାପତି ତ୍ରୟନାଥ ବାଗ ଙ୍କ ପୌରହିତ୍ୟ ରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ସମ୍ପାଦକ ଯୋଗେନ୍ଦ୍ର ଦାଶ ଆତ୍ମବିଶ୍ୱାସ ଓ ସଂସ୍କାର ପୂର୍ଣ୍ଣ ଭାବ ଶିକ୍ଷା ରେ ରହିଲେ ବିଦ୍ୟାର୍ଥୀ ମାନେ ସଫଳତା ପାଇ ପାରିବେ ବୋଲି କହିଥିଲେ ଲ ସମ୍ମାନିତ ଅତିଥିଭାବେ ପରିଷଦ ସଦସ୍ୟ ସୁରଜ ବାରିକ, ସମାଜସେବୀ ଲକ୍ଷ୍ମୀଧର ମଲ୍ଲିକ ପ୍ରମୁଖ ଯୋଗ ଦେଇ ଶିକ୍ଷା ସହ କ୍ରୀଡା ଅପରିହାର୍ଯ୍ୟ ବୋଲି କହିଥିଲେ । ସମ୍ପାଦକ ମନ୍ମଥ ବାଗ ସ୍ୱାଗତ ଅଭିଭାଷଣ ସହ ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଅଞ୍ଜନ କୁମାର ଚାନ୍ଦ ଅନୁଷ୍ଠାନ ଗଠଜ ର ଆଭିମୁଖ୍ୟ ରହିଥିବା ବେଳେ ସଦସ୍ୟ ଶରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବଡ଼ ଗୁରୁମା ରିତାରାଣୀ ଦଳ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାଜ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବେଦପାଠ ସହ ବିବେକାନନ୍ଦ ଓ ଭାରତ ମାତା ପୂଜାର୍ଚ୍ଚନା ହୋଇଥିଲା । କ୍ରୀଡା ରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପିଲାମାନେ ଶେଷରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଲିତାରାଣୀ ବେହେରା, ପ୍ରଭାତୀ ମହାପାତ୍ର, ସରିତା ବାରିକ, ଚନ୍ଦନା ଦାସ, ବିନିତା ଗିରି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

## କୁଡୁମି ମହାସମାବେଶ ପାଇଁ ଯୋଜନା ବୈଠକ



ବାରିପଦା, ୧୧/୦୨ (ନି.ପ୍ର): ସ୍ଥାନୀୟ ଜନାର୍ଦ୍ଦନପୁର ଠାରେ ଥିବା କୁଡୁମି-ମହାନ୍ତ ମହାସଭାର କାର୍ଯ୍ୟାଳୟରେ ବରିଷ୍ଠ କର୍ମକର୍ତା ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଗାମୀ ଫେବ୍ରୁଆରି ୨୬ ତାରିଖ ଦିନ ବାରିପଦା ଛଉ ପଡିଆରେ ହେବାକୁ ଥିବା କୁଡୁମି ଅଧିକାର ଓ ସାଂସ୍କୃତିକ ମହା ସମାବେଶକୁ କିପରି ସଫଳ କରାଯାଇ ପାରିବ ସେ ବିଷୟରେ ଯୋଜନା ପ୍ରସ୍ତୁତ କରାଯାଇଛି । ସମାବେଶରେ ଏକ ହଜାର ମାଦଳ ସହ ଏକଲକ୍ଷ କୁଡୁମିଙ୍କ ସମାଗମ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । ଏହି ମହା ସମାବେଶକୁ ପଡୋଶୀ ପଶ୍ଚିମବଙ୍ଗ, ଝାଡଖଣ୍ଡ ତଥା ଓଡିଶାର ସମସ୍ତ ନେତୃମଣ୍ଡଳୀ ଓ ଅଗ୍ରଣୀ ସଂଗଠକ ମାନଙ୍କୁ ଆମନ୍ତ୍ରଣ କରାଯିବା ସହିତ ଶହ ଶହ ଝୁମର ନୃତ୍ୟ ଦଳକୁ କାର୍ଯ୍ୟକ୍ରମରେ ସାମିଲ କରିବାର ଯୋଜନା ହୋଇଛି । ଏହି ମହାସମାବେଶରେ କୁଡୁମି ମାନଙ୍କୁ ଅଧିକାର ପ୍ରଦାନ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯିବ । ମହାସଭାର ରାଜ୍ୟ ସଭାପତି ଅଧ୍ୟାପକ ଗୋପବନ୍ଧୁ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହା ସମାବେଶ ସଂଯୋଜନା କମିଟିର ଆବାହକ ଛୋଟଲାଲ ମହାନ୍ତ, ମହାସଭାର ସାଧାରଣ ସମ୍ପାଦକ ଆଡଭୋକେଟ ବସନ୍ତ କୁମାର ମହାନ୍ତ, ଉପଦେଷ୍ଟା ଅବନୀ କୁମାର ମହାନ୍ତ, ବୈଦ୍ୟନାଥ ମହାନ୍ତ, ମହାସଭାର ଜିଲ୍ଲା ସଭାପତି ପଦ୍ମଲୋଚନ ମହାନ୍ତ, କାର୍ଯ୍ୟକାରୀ ସଭାପତି ଇଂ ପ୍ରଦୀପ ମହାନ୍ତ, ଅଦିମ କୁଡୁମି ସମାଜର ସଭାପତି ପଦ୍ମଲୋଚନ ମହାନ୍ତ, କୁଡମାଲୀ କାଲଚୁରଲ ଏସୋସିଏସନର ସାଧାରଣ ସମ୍ପାଦକ ଚିତରଂଜନ ମହାନ୍ତ ଓ ସମ୍ପାଦକ ଡ. ଭକ୍ତହରି ମହାନ୍ତ, ଯୁବନେତା ଶ୍ରୀ ପଟେଲ ମହାନ୍ତ ଓ ବରିଷ୍ଠ ସଂଗଠକ ଶ୍ରୀ ମୋହନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ଫେବୃୟାରୀ ୧୩ ରୁ ରୋଟାରୀ କ୍ଲବର ମେଗା ସର୍ଜରୀ ଶିବିର



ବାରିପଦା, ୧୧/୦୨ (ନି.ପ୍ର): ଓଡ଼ିଶାରେ ପ୍ରଥମ ଥର ପାଇଁ ବାରିପଦା ରୋଟାରୀ କ୍ଲବ ପକ୍ଷରୁ ଆଗାମୀ ୧୩ତାରିଖ ଠାରୁ ୭ଦିନିଆ ମାଗଣା ଅସ୍ତ୍ରୋପଚାର ଶିବିର ଆୟୋଜିତ ହେବ । ଏନେଇ ଶୁକ୍ରବାର ରୋଟାରୀ କ୍ଲବ ପକ୍ଷରୁ ସଭାପତି ରାକେଶ କୁମାର ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ, ରୋଟାରୀ କ୍ଲବ, ଜିଲ୍ଲା ପ୍ରଶାସନ, ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲର ମିଳିତ ଉଦ୍ୟମ କ୍ରମେ ଫେବୃଆରୀ ମାସ ୧୩ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ୭ ଦିନିଆ ମଲ୍ଟି ଡିସିପ୍ଲିନାରୀ ସର୍ଜିକାଲ କ୍ୟାମ୍ପ ବାରିପଦା ଠାରେ ଅନୁଷ୍ଠିତ ହେବ । ରୋଟାରୀ ମେଡିକାଲ ମିଶନ ପକ୍ଷରୁ ଚକ୍ଷୁ ଏବଂ ଦନ୍ତ ରୋଗ ଚିକିତ୍ସା, ଅର୍ଥୋପେଡିକ୍ସ, ପ୍ଲାଷ୍ଟିକ ସର୍ଜରୀ, ସ୍ତ୍ରୀ ଓ ପ୍ରସୂତି ରୋଗ, ଚର୍ମ ରୋଗ, ୟୁରୋଲୋଜି, ଇଏଣ୍ଟି, ଜେନେରାଲ ସର୍ଜରୀ ଆଦି ରୋଗ ଗୁଡିକର ଉଚ୍ଚ ଅଭିଜ୍ଞ ଖ୍ୟାତନାମା ଡାକ୍ତର ମାନଙ୍କ ଏକ ଦଳ ଦ୍ୱାରା ନିଃଶୁଳ୍କ ଭାବେ ଅସ୍ତ୍ରୋପଚାର କରାଯିବ । ଏଥିପାଇଁ ନିକଟସ୍ଥ ପିଏଚସି, ସିଏଚସି ଏବଂ ଡାକ୍ତରଖାନା କିମ୍ବା କ୍ଲବର ନମ୍ବର ୯୪୩୭୦୩୮୩୩୫,୯୪୩୮୭୩୨୦୩୦ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ରୋଗୀଙ୍କ ନାମ ପଂଜିକରଣ କରିବା ପରେ ୧୦ଜଣିଆ ଟେକନିସିଆନ ଓ ସ୍ୱେଚ୍ଛାସେବୀ ଦଳଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଆବଶ୍ୟକ ସ୍ଥଳେ ଅସ୍ତ୍ରୋପଚାର ବ୍ୟବସ୍ଥା ମାଗଣାରେ କରାଯିବ ବୋଲି ଜଣାଯାଇଛି । ଉକ୍ତ ଶିବିରକୁ ସଫଳ କରିବା ପୂର୍ବରୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତା ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରୂପଭାନୁ ମିଶ୍ର ଏବଂ ଅନ୍ୟ ଉଚ୍ଚ ପଦସ୍ତ ଅଧିକାରୀ ତଥା ଡାକ୍ତର ମାନେ ମଧ ଏଥିରେ ସହଯୋଗ କରିବେ ବୋଲି ସଭାପତି ଶ୍ରୀ ସିଂ ସୂଚନା ଦେଇଛନ୍ତି ।

## ଗୁରୁଜଙ୍ଗ କପ୍ କ୍ରିକେଟ୍ : ସୁଆଁଗ ଓ ବାଲିଆପଡ଼ା ବିଜୟୀ



ଖୋର୍ଦ୍ଧା, ୧୧/୦୨ (ନି.ପ୍ର): ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ କ୍ରିକେଟ୍ ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଛି । ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ୍ ଟୁର୍ନାମେଂଟ । ଉଦ୍‌ଘାଟନୀ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ଟୁର୍ଣ୍ଣାମେଂଟକୁ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ । ଆଜି ଦୁଇଟି ମ୍ୟାଚ ହୋଇଥିବା ବେଳେ ପ୍ରଥମ ମ୍ୟାଚରେ ଅରିଶଳକୁ ୩୫ରନରେ ହରାଇ ଭୁବନେଶ୍ୱରର ସୁଆଁଗ ଦଳ ବିଜୟ ହୋଇଥିଲେ । ସେହିପରି ଦ୍ୱିତୀୟ ମ୍ୟାଚରେ ଖୋର୍ଦ୍ଧାର ଭାଲିଆବାଡ଼ି ଦଳକୁ ୬ ୱିକେଟରେ ହରାଇ ଭୁବନେଶ୍ୱରର ବାଲିଆପଡ଼ା ଦଳ ବିଜୟ ହୋଇଥିଲା । ପ୍ରଥମ ମ୍ୟାଚରେ ସୁଆଁଗ ଦଳ ଟସରେ ଜିତି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲେ । ଦଳ ନିର୍ଦ୍ଧାରିତ ୧୬ ଓଭରରେ ୩ୱିକେଟ ହରାଇ ୨୧୬ରନ କରିଥିଲେ । ଦଳ ପକ୍ଷରୁ ସମୀର ବଡ଼ଜେନା ୨୬ଟି ବଲରୁ ୮୧ ଓ ସୌମିତ୍ର ସେଠୀ ୨୪ଟି ବଲରୁ ୬୦ରନ କରିଥିଲେ । ଅରିଶଳ ଦଳ ୧୬ ଓଭରରେ ୭ ୱିକେଟ ହରାଇ ୧୮୧ରନ କରିବାକୁ ସକ୍ଷମ ହୋଇଥିଲେ । ଅରିଶଳ ଦଳ ପକ୍ଷରୁ ଶୁଭେନ୍ଦୁ ସାହୁ ସର୍ବାଧିକ ୩୫ଟି ବଲରୁ ୭୬ରନ କରିଥିଲେ । ସେହିପରି ଦ୍ୱିତୀୟ ମ୍ୟାଚରେ ଭାଲିଆବାଡ଼ି ଦଳ ଟସରେ ଜିତି ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୫ୱିକେଟ ହରାଇ ୨୨୮ରନ କରିଥିଲେ । ଦଳ ପକ୍ଷରୁ ସୌମ୍ୟରଞ୍ଜନ ମହାପାତ୍ର ୨୩ବଲରୁ ୭୪ରନ ଓ ଶିବା ସାମନ୍ତରାୟ ୩୬ଟି ବଲରୁ ୫୫ରନ କରିଥିଲେ । ବାଲିଆପଡ଼ା ଦଳ ଗୋଟିଏ ଓଭର ଥାଇ ମ୍ୟାଚଟିକୁ ୧୯ଓଭରରେ ୨୨୯ରନ କରି ଜିତି ନେଇଥିଲେ । ବାଲିଆପଡ଼ା ଦଳ ପକ୍ଷରୁ ଗିରିଶ ପ୍ରଧାନ ୪୭ରନ କରିଥିଲେ । ପ୍ରଥମ ମ୍ୟାଚରେ ଅତିଥି ଭାବେ ପୂର୍ବତନ କ୍ରିକେଟର ବ୍ରିଜେଶ ପ୍ରଧାନ ଯୋଗଦେଇ ସୁଆଁଗ ଦଳର ସମୀର ବଡ଼ଜେନାଙ୍କୁ ମ୍ୟାନ ଅପ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ସମାଜସେବୀ ବିରଂଚି ମହାପାତ୍ର ଯୋଗଦେଇ ବାଲିଆପଡା ଦଳର ଦୀପକ ହରିଚନ୍ଦନଙ୍କୁ ମ୍ୟାନ ଅପ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଆଜିର ମ୍ୟାଚକୁ ଆଜିର ମ୍ୟାଚକୁ ସୁଜିତ୍ ପରିଡ଼ା, ପ୍ରଶାନ୍ତ ପଡଯୋଶୀ ପରିଚାଳନା କରିଥିବାବେଳେ, ସ୍କୋରରେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସହାୟତା କରିଥିଲେ ।

## ରାଣୀତାଲରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ପରିସମାପ୍ତି

ଭଦ୍ରକ, ୧୧/୦୨ (ନି.ପ୍ର): ରାଣୀତାଲ ଡାକ୍ତରଖାନା ପଡ଼ିଆରେ ଚାରିଦିନ ଧରି ଚାଲିଥିବା ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ପୂର୍ଣ୍ଣାହୂତି ଦ୍ୱାରା ପରିସମାପ୍ତି ହୋଇଛି । ଏହି କାର୍ଯ୍ୟକ୍ରମକୁ ଶାନ୍ତିକୁଞ୍ଜ, ହରିଦ୍ୱାର ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ବ୍ରହ୍ମବାଦିନୀ ମହିଳାମାନଙ୍କ ଦ୍ୱାରା ସଂଚାଳନ କରାଯାଇଥିଲା । ପ୍ରଥମ ଦିବସରେ ୧୦୦୮ ଓ ଓ ଭଉଣୀମାନଙ୍କ ଦ୍ୱାରା ମଙ୍ଗଳ କଳସ ଯାତ୍ରା ଗ୍ରାମ ପରିକ୍ରମା କରି ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ । ବେଦ ଧ୍ୱନୀ ଓ ଜୟଘୋଷ ମାଧମରେ ଗ୍ରାମ ଏବଂ ଯଜ୍ଞ ସ୍ଥଳ ପ୍ରକଳମ୍ପିତ ହୋଇଥିଲା । ସନ୍ଧ୍ୟାରେ ଯୁଗ ସଂଗୀତ ଓ ପ୍ରବଚନ ଧର୍ମକାର୍ଯ୍ୟ କରାଯାଇଥିଲା । ବେଦମନ୍ତ୍ର ଓ ଗାୟତ୍ରୀ ମନ୍ତ୍ରରେ ଆହୂତି ସମ୍ପନ୍ନ ହୋଇଥିଲା । ଏହା ବ୍ୟତୀତ ସଂସ୍କାର, ନାମକରଣ, ଅନ୍ନପ୍ରାସନ୍ନ, ମୁଣ୍ଡନ, ଦୀକ୍ଷା, ବ୍ରତୋପନୟନ, ବିବାହ ଆଦି କର୍ମ କରାଯାଇଥିଲା । ୫୦ରୁ ଉର୍ଦ୍ଧ୍ୱ ଦୀକ୍ଷା ସଂସ୍କାର କରାଯାଇଥିଲା । ଏହି କାର୍ଯ୍ୟରେ ୨୪ ମାତୃକାଦେବୀ, ଭାରତମାତା, ମହାକାଳ ପ୍ରଦର୍ଶନୀ ଓ ଗାୟତ୍ରୀମାତା ମନ୍ଦିର ନିର୍ମାଣ ହୋଇଥିଲା । ପ୍ରତ୍ୟହ ହଜାର ହଜାର ଭକ୍ତ ଏହି ଯଜ୍ଞ କର୍ମରେ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ ।

## କେଶବ କରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ

ଜଳେଶ୍ୱର ୧୧/୨(ନି.ପ୍ର): ଗାନ୍ଧି ସେବାଶ୍ରମ-ଈଶ୍ୱରଲାଲ ଶିଶୁ ଭବନର ପୂର୍ବତନ ପ୍ରତିଷ୍ଠାତା ସଂପାଦକ ସ୍ୱର୍ଗତ କେଶବ କୁମାର କରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ନିଜ ବାସଭବନରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଗାନ୍ଧି ସେବାଶୟମର ସଭାପତି ସିତାଂଶୁ ସେନାପତି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର ଓ ମୁଖ୍ୟ ଅତିଥିଭାବେ ଦୀନକୃଷ୍ଣ ସ୍ମୃତି ପରିଦେର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ କେଶବ କରଙ୍କ ଜୀବନ ଇତିହାସ, ଶିକ୍ଷକତା ଜୀବନ, ସମାଜସେବା ସହିତ ଉକ୍ତ ଅନୁଷ୍ଠାନ ପ୍ରତିଷ୍ଠା କରିବାରେ ତାଙ୍କର ପ୍ରଚେଷ୍ଟା ସଂପର୍କରେ କହିଥିଲେ । ସମ୍ମାନୀତ ଅତିଥିଭାବେ ଅରୁଣ କୁମାର ବେଜ, ଡ. ଲଳିତ ସେନାପତି. ଡ. ନିଶିକାନ୍ତ ଗିରି, ବନମାଳି ଧଳ, ରାଜାରାମ କରଶର୍ମା, ଦିଲ୍ଲିପ କୁମାର ଗିରି, ପ୍ରଫୁଲ୍ଲ ଗିରି, ଗଣେଶ ପରିଡା, ଜ୍ୟୋତିଶ କର ପ୍ରମୁଖ ତାଙ୍କ ଉତ୍ସର୍ଗୀକୃତ ଜୀବନୀ ସଂପର୍କରେ ଆଲୋକପାତ କରିଥିଲେ । ସ୍ମରଣୀକା ପ୍ରଣମ୍ୟ ପୁରୁଷ ଉନ୍ମୋଚିତ ହୋଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସରିଲା ଗୋପାଳ ଦାସର....

କିଶୋରଙ୍କ ପତ୍ନୀ ତଥା ବିଧାୟିକା ଅଳକା ମହାନ୍ତିଙ୍କୁ ସେ ଭେଟି ସମବେଦନା ବି ଜଣାଇଥିଲେ । ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିର ଅଧୋଗତି ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ନିଶାନା କରି ସେ ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶାରେ ଲ' ଲେସ୍ ନେସ୍ ଡେଭଲପ୍ ହୋଇଛି । ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ପୁଲିସ ଦ୍ୱାରା ହତ୍ୟା କରାଯିବା ସମସ୍ତଙ୍କୁ ବିଚଳିତ କରିଛି । ଶାନ୍ତି ପ୍ରିୟ ଓଡ଼ିଶାରେ ଆଇନଶୃଙ୍ଖଳା ବିଗିଡିବାରେ ଲାଗିଛି । ବିରୋଧୀ କଥା ଛାଡ଼ନ୍ତୁ, ନବ ବାବୁଙ୍କ ସମର୍ଥକ ବି ତଦନ୍ତରେ ସନ୍ତୁଷ୍ଟ ନୁହନ୍ତି । ତେଣୁ ତୃତୀୟ ପକ୍ଷ ଦ୍ୱାରା ତଦନ୍ତ ହେବା ଦରକାର ବୋଲି କହିଛନ୍ତି ଧର୍ମେନ୍ଦ୍ର ।

### ଲିଙ୍ଗରାଜ ମନ୍ଦିରରେ ରାଷ୍ଟ୍ରପତିଙ୍କ....

ପ୍ରୋଟୋକଲ ଭାଙ୍ଗି ମୟୂରଭଞ୍ଜରୁ ଆସିଥିବା କଳାକାରମାନଙ୍କୁ ଭେଟି ସେମାନଙ୍କ କିଛି ସମୟ ବିତାଇଥିଲେ ରାଷ୍ଟ୍ରପତି । ଏନେଇ ବେଶ ଖୁସି ଜାହିର କରିଛନ୍ତି ମୟୂରଭଞ୍ଜରୁ ଆସିଥିବା କଳାକାର । ଓଡ଼ିଶା ଗସ୍ତ ଅବସରରେ କଟକ ବିଦ୍ୟାଧରପୁର ସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ଦ୍ୱିତୀୟ ଭାରତୀୟ ରାଇସ କଂଗ୍ରେସକୁ ଉଦଘାଟନ କରିଛନ୍ତି ରାଷ୍ଟପତି ଦ୍ରୌପଦୀ ମୁର୍ମୁ । ସେ କହିଛନ୍ତି ଚାଉଳ ଉତ୍ପାଦନ ଦେଶର ଅର୍ଥନୀତିକୁ ସମୃଦ୍ଧ କରିଛି । ସେହିପରି ଧାନ ଅମଳ ପାଇଁ ଅଧିକ ସାର ବଦଳରେ ଇକୋ ଫ୍ରେଣ୍ଡଲି ଚାଷକୁ ଗୁରୁତ୍ୱ ଦେଇଛନ୍ତି ରାଷ୍ଟ୍ରପତି । ରାଜ୍ୟପାଳ ଗଣେଶୀ ଲାଲଙ୍କ ସହ ଦ୍ୱିତୀୟ ଭାରତୀୟ ରାଇସ କଂଗ୍ରେସରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

## ଚିତ୍ତରଂଜନ ଜେନାଙ୍କ ବିୟୋଗରେ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ମୃତିସଭା

ଜଳେଶ୍ୱର, ୧୧/୨(ନି.ପ୍ର): ଜଳେଶ୍ୱରସ୍ଥିତ ଆବସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ କର୍ମଚାରୀଙ୍କ ବିୟୋଗରେ ଶିକ୍ଷାନୁଷ୍ଠାନ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସ୍ମୃତିସଭାରେ ପୂର୍ବତନ ବିଧାୟକ ତଥା ବିଦ୍ୟାଳୟର ଚେୟାରମ୍ୟାନ ଦେବି ପ୍ରସନ୍ନ ଚନ୍ଦ ସଭାପତିତ୍ୱ କରିଥିଲେ । ସଂପାଦକ ଅଧ୍ୟାପକ କେଦାରନାଥ ମହାନ୍ତି, ଡ. ରବିନାରାୟଣ ସାସମଲ, ଜ୍ୟୋତିରଂଜନ ଜେନା, ଅମୂଲ୍ୟ ପ୍ରଧାନ, ରାଜିବରତନ ମିଶ୍ର, ପ୍ରଣୟ କୁମାର ସିଟ, ସତ୍ୟମୟି ଆଚାର୍ଯ୍ୟ, ପ୍ରିୟଙ୍କା ଜାନା, ମଉଲି ସାହୁ, ରଂଜିତା କର, ସୁଦିପ୍ତା ବ୍ରହ୍ମା, ରବିନ୍ଦ୍ର ପ୍ରଧାନ ପ୍ରମୁଖ ଚିତ୍ତରଂଜନ ଜେନାଙ୍କ ମହୁମୁଖୀ ପ୍ରତିଭା ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତ ଜେନାଙ୍କର ଅନୁଷ୍ଠାନ ପ୍ରେମ, ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନ ବିଶ୍ୱାସ, ଛାତ୍ରବତ୍ସଳ, ବନ୍ଧୁ ଅନୁରାଗି, ମେଳାପି, ମିଷ୍ଟଭାଷୀ ସଂପର୍କରେ ଆଲୋଚନା ହୋଇଥିଲା । ତାଙ୍କ ଆତ୍ମାର ସଦ୍‌ଗତିଲାଗି ନିରବ ପ୍ରାର୍ଥନ କରାଯାଇଥିଲା ।

## ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ଭୁବନେଶ୍ୱର,୧୧/୦୨ (ନି.ପ୍ର) : ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ,କଟକଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲ୍ଲା ଓ ଦୌରା ଜଜ୍ ତଥା ଅଧକ୍ଷ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କ ପକ୍ଷରୁ ଆଜି ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା ବିଚାର ବିଭାଗୀୟ ଅଦାଲତ ପରିସରରେ ସର୍ବମୋଟ ୮୩ ,୧୭୨ ଟି ଜମିଜମା, ଫୌଜଦାରୀ, ରାଜସ୍ୱ ମାମଲା ଆଗତ କରାଯାଇ ରେକର୍ଡ ସଂଖ୍ୟକ ୫୯,୧୯୬ଟି ମାମଲାର ଫଇସଲା କରାଯାଇ ସର୍ବମୋଟ ୬୯,୪୬,୩୭,୫୬୮ ଟଙ୍କା ଜୋରିମାନା ଏବଂ ବନ୍ଦୋବସ୍ତ(ସେଟେଲମେଣ୍ଟ) କରାଯାଇଥିଲା । ଏହି ଲୋକ ଅଦାଲତ ଭାରପ୍ରାପ୍ତ ଜିଲ୍ଲା ଜଜ୍ ତଥା ଅଧକ୍ଷା, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ,ଭୁବନେଶ୍ୱର ସସ୍ମିତା ପରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇବିଭିନ୍ନ ବିଚାର ବିଭାଗୀୟ ଅଦାଲତମାନେ ବହୁ ସଂଖ୍ୟକ ମାମଲାର ଫଇସଲା କରାଇବାରେ ସଫଳ ହୋଇଥିଲେ । ଶେଷରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ସୌଦାମିନି ସିଂ ଏହି ଲୋକ ଅଦାଲତର ସଫଳତା ପାଇଁ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ରାଜସ୍ୱ ଅଧିକାରୀ, ଆଇନଜୀବୀ, ବ୍ୟାଙ୍କ, ଟେଲିକମ୍,ବିଚାର ବିଭାଗୀୟ ଅଦାଲତ କର୍ମଚାରୀ, ପୁଲିସ୍, କୋର୍ଟ ମ୍ୟାନେଜର, ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ପରବର୍ତୀ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମଇ ମାସ ୧୩ ତାରିଖ ଶନିବାର ଦିନ ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରି ଜନସାଧାରଣ ଏହାର ସୁଫଳ ନେବାକୁ ପରାମର୍ଶ ଦେଇଥିଲେ ।

## ବିଜେପି କାର୍ଯ୍ୟାଳୟରେ ସମର୍ପଣ ଦିବସ



ବସ୍ତା,୧୧/୦୨ (ନି.ପ୍ର):ବସ୍ତା ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତି ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇଯାଇଛି ସମର୍ପଣ ଦିବସ କ୍ଷ ଏହି ଅବସରରେ ଜିଲ୍ଲା ଉପସଭାପତି ପ୍ରଦୀପ ପଣ୍ଡା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରବୀନ୍ଦ୍ର କୁମାରଜୈନ, ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ସୂର୍ଯ୍ୟ ନାରାୟଣ ସାହୁ, ମଣ୍ଡଳ ଉପସଭାପତି ପ୍ରକାଶ କୁଣ୍ଡୁ, ସମ୍ପାଦକ ଅଭିରାମ ମଲ୍ଲିକ, ଦୀନକୃଷ୍ଣ ବେହେରା, ଅବସର ପ୍ରାପ୍ତ ଏ ଏସ ପି ଅସିତ୍ କୁମାର ମହାନ୍ତି , ମଣ୍ଡଳ ପ୍ରଭାରୀ କୃଷ୍ଣ ଚନ୍ଦ୍ର ଦତ୍ତ ପ୍ରମୁଖଙ୍କ ସହ ପାଞ୍ଚାଳୀ ଚୌଧୁରୀ, ଦିପା ଷଡ଼ଙ୍ଗୀ, ସରସ୍ୱତୀ ମହାନ୍ତି, ଆଇନଜୀବୀ ପରେଶ୍ ବେହେରା, ସୁବ୍ରତ ବେହେରା, ବେଣୁଧର ପରିଡ଼ା , ମନୋଜ ବେହେରା, ଉତ୍ତମ ଜେନା, ମିଡିଆ ସଂଯୋଜକ ଦିବାକର ରାଉତ, ବିଜେପି ଯୁବ ମୋର୍ଚ୍ଚା ସଭାପତି ଧିରେନ ସେଠୀ, ବିନୟ କେତନ ଜେନା, ନଗେନ୍ଦ୍ର ଜେନାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା କର୍ମୀ ଯୋଗଦେଇ ପ୍ରବାଦ ପୁରୁଷ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଏବଂ ମା ଭାରତୀଙ୍କ ଫଟୋ ଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ଏବଂ ଦୀପ ପ୍ରଜ୍ୱଳନ୍ କରିଥିଲେ ।


# ଶାଣ୍ଡିଲ୍ୟ ବିବେକ ଶିକ୍ଷାକେନ୍ଦ୍ର

ଧରମପୁର, ଫୁଲାଡ଼ି, ବାଲେଶ୍ୱର

ନାମଲେଖା ଚାଲିଛି

Regd no- SVSK/DRB/227/22

ନାମଲେଖା ଚାଲିଛି

ଶିକ୍ଷାବର୍ଷ-୨୦୨୩-୨୦୨୪

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶିଶୁବାଟିକା (ନର୍ସରୀ) ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର RTE Act ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଧିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବ । ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ ।

ପ୍ରଧାନ ଆଚାର୍ଯ୍ୟ
ଶାଣ୍ଡିଲ୍ୟ ବିବେକ ଶିକ୍ଷାକେନ୍ଦ୍ର
ଧରମପୁର, ଫୁଲାଡ଼ି, ବାଲେଶ୍ୱର

ରବିବାର, ଫେବୃଆରୀ ୧୨, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା-୨୦୨୩ ପ୍ରସ୍ତୁତି ଚୂଡ଼ାନ୍ତ

ବାଲେଶ୍ୱର, ୧୧/୦୨ (ନି.ପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା-୨୦୨୩ ସମ୍ପର୍କିତ ଏକ ବୈଠକ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦଭାବନା ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୫ ଜିଲାରୁ ଆସୁଥିବା ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା କାର୍ଯ୍ୟକ୍ରମ ଉତ୍ତମ ପରିଚାଳନା ଉପରେ ଶ୍ରୀ ଶିନ୍ଦେ ଗୁରୁତ୍ୱାରୋପ କରିଥିଲେ। ଚୟନ ହୋଇଥିବା ବରିଷ୍ଠ ନାଗରିକମାନେ ଆସନ୍ତା ୨୦ ତାରିଖରେ ବାଲେଶ୍ୱର ରେଳ ଷ୍ଟେସନରୁ ଯାତ୍ରା ଆରମ୍ଭ କରିବେ। ବାଲେଶ୍ୱର, ଭଦ୍ରକ ମୟୂରଭଂଜ, କେନ୍ଦୁଝର ଓ ଯାଜପୁରରୁ ମୋଟ ୯୭୦ ଜଣ ତୀର୍ଥଯାତ୍ରୀ ଓ ୩୦ ଜଣ ଏସକର୍ଟ ଏହି ଯାତ୍ରାରେ ସାମିଲ ହେବେ। ୧୯ ତାରିଖରେ ୫ ଜିଲାରୁ ବରିଷ୍ଠ ନାଗରିକମାନେ ବାଲେଶ୍ୱରରେ ପହଞ୍ଚିବେ। ସେମାନଙ୍କ ରହିବା, ଖାଇବା ଓ ଅନ୍ୟାନ୍ୟ ସୁବିଧା ବ୍ୟବସ୍ଥା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ। ତୀର୍ଥଯାତ୍ରୀଙ୍କୁ ବିଧି ଅନୁସାରେ ସ୍ୱାଗତ ସହିତ ସମସ୍ତଙ୍କର ପଞ୍ଜୀକରଣ କରାଯିବ। ୧୯ ତାରିଖ ସଂଧ୍ୟାରେ ନୋସି ବିଜିନେସ ପାର୍କରେ ତୀର୍ଥଯାତ୍ରୀଙ୍କ ପାଇଁ ଭଜନ ସଂଧ୍ୟା ଆୟୋଜନ ନିଷ୍ପତ୍ତି ନିଆଯାଇଛି। ୨୦ ତାରିଖ ପୂର୍ବାହ୍ନରେ ତୀର୍ଥଯାତ୍ରୀମାନେ ହରିଦ୍ୱାର ଓ ଋଷିକେଶ ଯାତ୍ରା କରି ୨୫ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ। ଯାତ୍ରା ଆରମ୍ଭ ସମୟରେ ବାଲେଶ୍ୱର ରେଳ ଷ୍ଟେସନରେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ମାଧ୍ୟମରେ ସେମାନଙ୍କୁ ବିଦାୟ କରାଯିବ। ଏହି ତୀର୍ଥଯାତ୍ରାକୁ ସୁବ୍ୟବସ୍ଥା କରିବା ନିମନ୍ତେ ଯଥେଷ୍ଟ ସ୍ୱେଚ୍ଛାସେବୀ, ପୁଲିସ ଓ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଆଜିର ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପ-ଜିଲାପାଳ କୁନାଲ ମୋତିରାମ ଚୌହାନ, ଅତିରିକ୍ତ ପର୍ଯ୍ୟଟନ ନିର୍ଦ୍ଦେଶକ ଗଗନ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଓଡ଼ିଶାରେ ଲ' ଲେସ୍ ନେସ୍ ଡେଭଲପ କରିଛି : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୧୧/୦୨ (ନି.ପ୍ର): ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତିର ଅଧୋଗତି ହୋଇଛି । ଓଡ଼ିଶା ସ୍ଥିତି ସଂଗୀନ ଆଡ଼କୁ ଯାଉଛି ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଝାରସୁଗୁଡା ଠାରେ ନବ ଦାସଙ୍କ ପରିବାରକୁ ଭେଟିଲା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ ଏହା କହିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାରେ ଆଇନ ଶୃଙ୍ଖଳା ସ୍ଥିତି ଖରାପ ହେଉଛି । ଓଡ଼ିଶାରେ ଲ' ଲେସ୍ ନେସ୍ ଡେଭଲପ କରିଛି । ଜଣେ କ୍ୟାବିନେଟ ମନ୍ତ୍ରୀ ପୋଲିସ ଦ୍ୱାରା ହତ୍ୟା ହେବା ବିଚଳିତ କରିଛି । ବିରୋଧୀ କଥା ଛାଡ଼ନ୍ତୁ, ନବ ବାବୁଙ୍କ ସମର୍ଥକ ବି ତଦନ୍ତରେ ସନ୍ତୁଷ୍ଟ ନୁହନ୍ତି ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ । ସତ୍ୟ ଉନ୍ମୋଚିତ ହେବା ଦରକାର ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନିଜେ ଗୃହ ବିଭାଗ ମନ୍ତ୍ରୀ, ରାଜ୍ୟରେ ସ୍ଥିତି ସଂଗୀନ ଆଡ଼କୁ ଯାଉଛି । ଏ ସ୍ଥିତି କେବେ ଯାଏ ରହିବ, ସରକାର ସଚେତନ ହେବାର ଆବଶ୍ୟକ ଅଛି ବୋଲି ସେ କହିଛନ୍ତି ।

## ସଦର ବିଜେପି ପକ୍ଷରୁ ସମର୍ପଣ ଦିବସ

ବାଲେଶ୍ୱର, ୧୧/୦୨ (ନି.ପ୍ର): ସଦର ବିଜେପି ପକ୍ଷରୁ ଜନସଂଘର ପ୍ରତିଷ୍ଠାତା ମହାନ ଜନନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ ସମର୍ପଣ ଦିବସ ପାଳିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ମାନସ କୁମାର ଦତ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, କାଉନସିଲର ସତ୍ୟଶିବ ସୁନ୍ଦର ଦାଶ ଓ ନିତ୍ୟଗୋପାଲ ସିଂ, ଲୋକନାଥ ଭୂୟାଁ, ବୈଲୋଚନ ଦାସ, ରାଜେନ୍ଦ୍ର ଚାଟାର୍ଜୀ ପ୍ରମୁଖ ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜଣେ ଏକାତ୍ମ ମାନବବାଦର ପ୍ରବକ୍ତା, ତେଜସ୍ୱୀ




ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ ଭାବେ ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ପାଇଁ ପଣ୍ଡିତ ସାରା ଜୀବନ ଉଦ୍ୟମ କରିଥିଲେ। ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ଭାରତବର୍ଷର ଅର୍ଥନୈତିକ ବିକାଶର ଦିଗ, ରାଷ୍ଟ୍ରୀୟ ଜୀବନର ଦିଗ ଓ ତାଙ୍କର ପଲଟିକାଲ ଡାୟରୀ ଆଜିବି ପ୍ରତ୍ୟେକଟି ନେତୃତ୍ୱକୁ ପ୍ରେରଣା ଦେଉଛି ବୋଲି ଶ୍ରୀ ଦତ୍ତ ପ୍ରକାଶ କରିଥିଲେ। ରାଷ୍ଟ୍ର ସଶକ୍ତ ନହେଲେ ସ୍ୱତନ୍ତ୍ରତାର ମୂଲ୍ୟ କିଛି ନାହିଁ ବୋଲି ସବୁବେଳେ କହୁଥିଲେ। ତେଣୁ ରାଷ୍ଟ୍ରସେବାରେ ସମସ୍ତ ଭାରତୀୟ ନିଜକୁ ସମର୍ପଣ କରିବା ସହିତ ଭାରତବର୍ଷର ଏକତା, ଅଖଣ୍ଡତା ଓ ଭାତୃତ୍ୱକୁ ବଜାୟ ରଖିବା ଉଚିତ ବୋଲି ସମର୍ପଣ ଦିବସରେ ସଦର ବିଜେପିର କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ। ହରେନ୍ଦ୍ର ପ୍ରଧାନ, ସୁଶାନ୍ତ ବର୍ଦ୍ଧନ, ନାରାୟଣ ଦତ୍ତ, କାର୍ତ୍ତିକ ନାଥ, ଉମେଶ ବେହେରା, ସୌଭାଗ୍ୟ ମାନସ ନାୟକ, ପବନ ସିଂହ, ହେମନ୍ତ ମାସନ୍ତ, ମୁକୁନ୍ଦ ଆଦିକ, ପ୍ରିୟରଞ୍ଜନ ପୃଷ୍ଟି, ସୁସ୍ମିତା ଶୁକ୍ଲା, ନସିମା ବିବି, ରାଜେଶ ରଣା, କରୁଣାକର ସେନାପତି, ପ୍ରହଲ୍ଲାଦ ଦାସ, ମାନସ ସାହୁ, ସୁରେନ ମାଝୀ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ବାରିପଦା ଷ୍ଟାଡିୟମରେ ଭଲିବଲର ଜନ୍ମଦିନ ପାଳିତ



ବାରିପଦା, ୧୧/୦୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପରିସରରେ ମୟୁରଭଂଜ ଏଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଭଲିବଲର ଜନ୍ମଦିନ ପାଳିତ ହୋଇଯାଇଛି ଓ ଏହି ଅବସରରେ ଏକ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ଓ ଏହି ମ୍ୟାଚରେ ମୟୁରଭଂଜ ଗ୍ରାମାଂଚଳ ଦଳ ମା କିଚକେଶ୍ୱରୀ ଦଳକୁ ପରାସ୍ତ କରିଥିଲା ଓ ମୁଖ୍ୟ ଅତିଥି ଭାବେ ମୟୁରଭଂଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ଭଲିବଲ ସହ ସମ୍ପାଦକ ପାର୍ଥ ସାରଥୀ ସ୍ୱାଇଁ, ସହ ସମ୍ପାଦକ ବୈଦ୍ୟନାଥ ରଥ, ମିଡ଼ିଆ ସଂଯୋଜକ ସୋମନାଥ ସିଂହ, ଭାନୁ ପ୍ରତାପ ଭଂଜଦେଓ, ମଂଟୁ ଦା, ଚନ୍ଦ୍ରମୋହନ ଦଳେଇ, ଦୀପକ ବେହେରା, ପ୍ରଭାସ କୁମାର ସାହୁ, ବରିଷ୍ଠ କ୍ରୀଡ଼ାବିତ ନନ୍ଦଲାଲ ମହାପାତ୍ର, ଦଳନ ଚନ୍ଦ୍ର କୁଅଁରବାବୁ, ରାଜୀବ କୁମାର ଭୂୟାଁ, କ୍ରୀଡା ଶିକ୍ଷକ ଅରୁଣ କୁମାର, ଅନିଲ ଗିରି, ଆଶିଷ ସେଠି ପ୍ରମୁଖ ଉପସ୍ଥିତ ଥିଲେ ଓ ଏହି ଅବସରରେ ଜାତୀୟ ଖେଳାଳି ସୁନୀଲ କୁମାର ଧଳ, ମାନସ ରଂଜନ ଦଳେଇ, ରୋହିତ ମହାନ୍ତି ଓ ବିନୋଦ କୁମାର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା ଓ ଶେଷରେ ରାଜ୍ୟ ଭଲିବଲ ଆସୋସିଏସନର ଉପ ସଭାପତି ତଥା ଏନ ଆଇ ଏସ କୋଚ ମନୋରଂଜନ ଜୀଉ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଭଲିବଲ ଉନ୍ନତି ପାଇଁ ବାରିପଦାରେ ଏକ ଭଲିବଲ କୋଚିଂ ସେଂଟର ଖୋଲିବାକୁ ଦାବୀ କରିଥିଲେ ।

## ରୂପସା ମହୋତ୍ସବର ପଞ୍ଚମ ସନ୍ଧ୍ୟା



ରୂପସା, ୧୧/୦୨ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ପୋଡାଡିହା ଷ୍ଟାର କ୍ଲବ ଓ ମହୋତ୍ସବ କମିଟି ଆନୁକୂଲ୍ୟରେ ୧୧ ତମ ବାର୍ଷିକ ରୂପସା ମହୋତ୍ସବର ପଞ୍ଚମ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ବସ୍ତା ଏସଡିପିଓ ଜଳନ୍ଧର ଜାଲି ଏହି ଉତ୍ସବ କୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ରୂପସା ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଯୋଗ ଦେଇ ମହୋତ୍ସବ ଭିନ୍ନ ଅନୁଭୂତିର ପବିତ୍ର ମଞ୍ଚ ବୋଲି ବକ୍ତବ୍ୟରେ କହିଥିଲେ । କମିଟି ଉପଦେଷ୍ଟା ଅଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ସମ୍ମାନୀତ ଅତିଥି ପୂର୍ବତନ ଶିକ୍ଷକ ତଥା ସଂସ୍କୃତଜ୍ଞ ନିରଞ୍ଜନ ପଣ୍ଡା ଶର୍ମା ଯୋଗ ଦେଇ ଏହା ଭାବ ଆଦାନ ପ୍ରଦାନ ର ସଂଯୋଗ ସ୍ଥଳୀ ବୋଲି କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଚିତ୍ତରଞ୍ଜନ ଦଳାଇ ଅତିଥି ପରିଚୟ ପ୍ରଦାନ ଓ ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ। ବୀଣାପାଣି ଶିଶୁମନ୍ଦିର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଶିକ୍ଷକ ଗାନ୍ଧମାର୍ଦ୍ଧନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଆନ୍ତଃରାଜ୍ୟ ଦଳଗତ ନୃତ୍ୟ ପ୍ରତିଯୋଗିତା ଦେଖିବାକୁ ବହୁ ଜନସମାଗମ ହୋଇଥିଲା । ନୃତ୍ୟ ଗୁରୁ ନିର୍ମଳା ଭୋଇ ଓ ଅନୁପମ ମିଶ୍ର ବିଚାରକ ଭାବେ ଉପସ୍ଥିତ ରହି ମୂଲ୍ୟାୟନ କରିଥିଲେ।

## ରାଷ୍ଟ୍ରିୟ ଲୋକ ଅଦାଲତ: ୨୫୮ ମାମଲା ଫଏସଲା

ଖୋର୍ଦ୍ଧା, ୧୧।୨: ଖୋର୍ଦ୍ଧା ଜୁଡିସିଆଲ କୋର୍ଟ ପରିସରରେ ରାଷ୍ଟ୍ରିୟ ଲୋକ ଅଦାଲତ ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ ତଥା ତାଲୁକ ଆଇନ ସେବା କମିଟି ଅଧକ୍ଷ ଅଜୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ।ଏହି ଲୋକ ଅଦାଲତରେ ମୋଟ ୨୫୮ଟି ମାମଲା ଫଏସଲା ହୋଇଥିବାବେଳେ ଏ ବାବଦକୁ ମୋଟ ୨କୋଟି ୩ ଲକ୍ଷ ୭୫ ହଜାର ଟଙ୍କା ଅର୍ଥ ଆଦାୟ କରାଯାଇଛି । ବିଶେଷ କରି ମଟର ଦୁର୍ଘଟଣା ରେ ମୃତବରଣ କରିଥିବା ଓ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ଏହି କ୍ଷତିପୂରଣ ଟଙ୍କା ମିଳିଥିବା ଜଣାଯାଇଛି । ଏହି ଲୋକ ଅଦାଲତରେ ଆଜି ସ୍ଥାନୀୟ ପରିବାର ଅଦାଲତ ବିଚାରପତି ରାଜେଶ ନାୟାର, ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ହରପ୍ରସାଦ ପାଢୀ, ବରିଷ୍ଠ ଦେଓାନୀ ଜଜ ସୁନିତା ଖଣ୍ଡେଲୱାଲ, ବରିଷ୍ଠ ଦେୱାନୀ ଜଜ ମହିଳା ଚିନ୍ମୟୀ ରଥ, ଏସଡିଜେଏମ ଜଗଦୀଶ ଚନ୍ଦ୍ର ଜେନା ଓ ଆଇନଜିବୀମାନେ ଯୋଗଦେଇଥିଲେ ।

## ଜଳେଶ୍ୱର ଆଦର୍ଶ ବିଦ୍ୟାଳୟର ସ୍ଥାନାନ୍ତର ଖୁବ୍‌ଶୀଘ୍ର : ଜିଲ୍ଲାପାଳ

ଜଳେଶ୍ୱର, ୧୧/୦୨ (ନି.ପ୍ର): ଦୀର୍ଘ ୧ବର୍ଷ ଧରି ଜଳେଶ୍ୱର ଆଦର୍ଶ ବିଦ୍ୟାଳୟ ଖୁଆଡ ସ୍ଥିତ କସ୍ତୁରବା ଗାନ୍ଧି ସେବାଶ୍ରମ ପରିସରରେ ଶିକ୍ଷାଦାନ କାର୍ଯ୍ୟ ହୋଇ ଆସୁଥିବା ବେଳେ ମାର୍ଚ୍ଚ ୧ ତାରିଖରେ ତାହା କାଳିକ ସ୍ଥିତ ନିଜସ୍ୱ ନୂତନ ଗୃହକୁ ସ୍ଥାନାନ୍ତର ହେବ ବୋଲି ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ପ୍ରକାଶ କରିଛନ୍ତି। ଗତ ଶୁକ୍ରବାର ଜିଲାପାଳ ଶ୍ରୀ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଖୁଆଡସ୍ଥିତ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଓଡିଶା ଆଦର୍ଶ ବିଦ୍ୟାଳୟ, କାଳିକର ପ୍ରଥମ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ୧ବର୍ଷ ଧରି ୬ଷ୍ଠ ଶ୍ରେଣୀରେ ୮୧ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରି ଆସୁଥିବା ବେଳେ ଚଳିତବର୍ଷ ୫ଶହ ଛାତ୍ରଛାତ୍ରୀ ସେଠାରେ ଭର୍ତ୍ତି ହେବାପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିଛନ୍ତି । କିନ୍ତୁ ଖୁଆଡଠାରେ ସ୍ଥାନାଭାବରୁ ଶିକ୍ଷାଦାନ କାର୍ଯ୍ୟ ଠିକ୍‌ଭାବେ ପରିଚାଳନା ହୋଇ ପାରୁନଥିବାରୁ ନିଜସ୍ୱ ଗୃହକୁ ସ୍ଥାନାନ୍ତର ହେବାର ସ୍ଥିର ହୋଇଛି । ଅତିଶୀଘ୍ର ରାତି ଜଗୁଆଳି ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି କରିବାକୁ ଜିଲାପାଳ ଜଳେଶ୍ୱର ବିଡିଓ, ବାଲେଶ୍ୱର ଜିଲା ଶିକ୍ଷାଧିକାରୀ ଓ ନିଯୁକ୍ତି ସଂପର୍କରେ ପରିଚାଳନା କରୁଥିବା 'ରାଫେଇର' ଘରୋଇ ସଂସ୍ଥାକୁ ଚିଠି ଲେଖିବାକୁ ସ୍କୁଲ ଅଧ୍ୟକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଲୋଚନାରେ ସଦସ୍ୟ ଭାବରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ଜେନା, ହାତୀଗଡ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ପ୍ରଭାସ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରବିନାରାୟଣ ସାସମଲ, ଅବସରପ୍ରାପ୍ତ ଅଧ୍ୟକ୍ଷା ରାଜେଶ୍ୱରୀ ପାଣିଗ୍ରାହୀ, ହାତୀଗଡ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଂଶୀଧର ବାରିକ ଓ ସଦସ୍ୟ ସଂପାଦିକା କୁମାରୀ ରଂଜିତା ଟୁଡୁ ଯୋଗ ଦେଇଥିଲେ ।

## ଗୋପବଂଧୁ ଶିକ୍ଷାସଦନର ୩୦ତମ ବାର୍ଷିକ ଉତ୍ସବ

ଜଳେଶ୍ୱର, ୧୧/୨(ନି.ପ୍ର): ଜଳେଶ୍ୱର ନୂଆବଜାରସ୍ଥିତ ଗୋପବଂଧୁ ଶିକ୍ଷାସଦନର ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ମୁଖ୍ୟ ସରୋଜ ରଂଜନ ସେନାପତି ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ବିମଳ କୁମାର ପଟ୍ଟନାୟକ, ମୁଖ୍ୟବକ୍ତାଭାବେ ବଂଶୀଧର ପ୍ରଧାନ, ସମ୍ମାନୀତ ଅତିଥିଭାବେ ତପନ କୁମାର ପରିଡା ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ତାପସ ରଂଜନ ଗିରି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଂଜଳି ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀ ସହାୟତା କରିଥିଲେ ।

## ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ସେମିଫାଇନାଲ



ବାସୁଦେବପୁର, ୧୧/୦୨ (ନି.ପ୍ର): ବାସୁଦେବପୁର ବ୍ଲକ ର ବରଣ୍ଡୁଆ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ର ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଏହି ଖେଳ ରେ ବାସୁଦେବପୁର ଉତ୍କଳିକା ସ୍ପୋର୍ଟିଂ ଓ ମା ବ୍ରାହ୍ମଣୀ କ୍ରିକେଟ ଟିମ ଅଭଣା ଅଂଶ ଗ୍ରହଣ କରିଥିଲେ । ବାସୁଦେବପୁର ଏହି ଖେଳ ରେ ୧୬୧ ରନ କରିଥିଲେ ଓ ବିଜୟ ଲାଭ କରି ଫାଇନାଲ ଖେଳିବା ପାଇଁ ସୁଯୋଗ ପାଇଥିଲେ। ଆସନ୍ତା କାଲି ୧୨ ତାରିଖ ରେ ବାଲେଶ୍ୱର ରୂପଖଣ୍ଡ ସହିତ ବାସୁଦେବପୁର ଫାଇନାଲ ମ୍ୟାଚ ଖେଳିବ। ଖେଳ ପରିଚାଳନା କରିଥିଲେ ଶରତ ଜେନା ଓ ହେମନ୍ତ ମଲିକ। ଧାରା ବିବରଣୀ ପ୍ରଦାନ କରିଥିଲେ ମନୋଜ ସାହୁ, ଦୀପକ ପୋଇ ଓ ପ୍ରଫୁଲ୍ଲ ବେହେରା । ବହୁ ଖେଳ ପ୍ରେମୀ ଦର୍ଶକ ବନ୍ଧୁ ଏହି ଆକର୍ଷଣୀୟ ଖେଳ କୁ ଉପଭୋଗ କରିଥିଲେ ।

## ପୂର୍ଣ୍ଣମାସୀ ମହିଳା ମହାମଣ୍ଡଳର ଯୋଗ ଶିବିର

ଜଳେଶ୍ୱର, ୧୧/୨(ନି.ପ୍ର): ଜଳେଶ୍ୱର ବ୍ଲକ ଶିଖରପୁର ପଂଚାୟତର ଚକହରି ଗାଁରେ ମା ପୂର୍ଣ୍ଣମାସୀ ମହିଳା ମହାମଣ୍ଡଳ ଫେଡ୍ରେସନ ପକ୍ଷରୁ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସୁମିତ୍ରାରାଣୀ ପ୍ରତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଯୋଗ ଶିକ୍ଷକଭାବେ ପତଞ୍ଜଳୀ ଜିଲା ପ୍ରଭାରୀ ମନୋଜ କୁମାର ଦେ, ମୁଖ୍ୟ ଅତିଥି ସମାଜସେବୀ ସିଦ୍ଧାର୍ଥଶଂକର ପାଳ, ଯୋଗ ଶିକ୍ଷକ ଅନୁପମା ଦେ, ତପନ କୁମାର ବିଶ୍ୱାଳ, ଚିନ୍ମୟ କୁମାର ଦାସ, ଅଜୟ କୁମାର ଦାସ ପ୍ରମୁଖ ଯୋଗ ଦେଇ ଯୋଗ ଶିକ୍ଷା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗିତାଞ୍ଜଳି ବ୍ରହ୍ମ, ଜ୍ୟୋତ୍ସ୍ନାରାଣୀ ପାଳ, ତିଳୋତ୍ତମା ପ୍ରଧାନ, ନିହାରୀ ପାତ୍ର, ଅମ୍ବିକା ମହାନ୍ତି, ବିଦ୍ୟୁତ୍‌ପ୍ରଭା ଜେନା, ରିତାରାଣୀ ଜେନା, ସସ୍ମିତା ପାତ୍ର, ଅଂଚଳି ପ୍ରଧାନ, ସାଗରିକା ଓଝା, ଗିତାଂଶଳି ଦାସ, ମନୋରମା ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବର୍ଣ୍ଣାଳି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ରୂପ୍ସା ମହୋତ୍ସବର ପଞ୍ଚମ ସନ୍ଧ୍ୟା



ବସ୍ତା, ୧୧/୦୨ (ନି.ପ୍ର): ମହୋତ୍ସବ ସାଜିଛି ଭାଇଚାରାର ମାଧ୍ୟମ ।ସବୁ ବର୍ଗର ଲୋକମାନଙ୍କ ମଧ୍ୟରେ ଭାତୃଭାବ ଉଜ୍ଜିବିତ କରିବା ସହିତ ଏକତା ସୂତାରେ ବାନ୍ଧି ରଖିବା ର ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ରୂପସା ଥାନା ଅନ୍ତର୍ଗତ ପୋଡାଡିହା ଷ୍ଟାର କ୍ଲବ ଓ ମହୋତ୍ସବ କମିଟି ଆନୁକୂଲ୍ୟରେ ୧୧ ତମ ବାର୍ଷିକ ମହୋତ୍ସବର ପଞ୍ଚମ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ବସ୍ତା ଏସଡିପିଓ ଜଳନ୍ଧର ଜାଲି ଏହି ଉତ୍ସବ କୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ରୂପସା ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଯୋଗ ଦେଇ ମହୋତ୍ସବ ଭିନ୍ନ ଅନୁଭୂତିର ପବିତ୍ର ମଞ୍ଚ ବୋଲି ବକ୍ତବ୍ୟରେ କହିଥିଲେ । କମିଟି ଉପଦେଷ୍ଟା ଅଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ସମ୍ମାନୀତ ଅତିଥି ପୂର୍ବତନ ଶିକ୍ଷକ ତଥା ସଂସ୍କୃତଜ୍ଞ ନିରଞ୍ଜନ ପଣ୍ଡା ଶର୍ମା ଯୋଗ ଦେଇ ଏହା ଭାବ ଆଦାନ ପ୍ରଦାନ ର ସଂଯୋଗ ସ୍ଥଳୀ ବୋଲି କହିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ଚିତ୍ତରଞ୍ଜନ ଦଳାଇ ଅତିଥି ପରିଚୟ ପ୍ରଦାନ ଓ ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ । ବୀଣାପାଣି ଶିଶୁମନ୍ଦିର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଶିକ୍ଷକ ଗାନ୍ଧମାର୍ଦ୍ଧନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଆନ୍ତଃରାଜ୍ୟ ଦଳଗତ ନୃତ୍ୟ ପ୍ରତିଯୋଗିତା ଦେଖିବାକୁ ବହୁ ଜନସମାଗମ ହୋଇଥିଲା । ନୃତ୍ୟ ଗୁରୁ ନିର୍ମଳା ଭୋଇ ଓ ଅନୁପମ ମିଶ୍ର ବିଚାରକ ଭାବେ ଉପସ୍ଥିତ ରହି ମୂଲ୍ୟାୟନ କରିଥିଲେ ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୫୫ ତମ ସ୍ମୃତି ଦିବସ ପାଳିତ

ଉଦଳା, ୧୧/୦୨ (ନି.ପ୍ର): ଭାରତୀୟ ଜନତା ପାର୍ଟିର ଯୁବମୋର୍ଚ୍ଚା ଉଦଳା ଶାଖା ତରଫରୁ ରାଷ୍ଟ୍ରପୁରୁଷ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ୫୫ ତମ ସ୍ମୃତି ଦିବସ ଆଜି ଫେବୃଆରୀ ୧୧ ତାରିଖ ଶନିବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଭାରତୀୟ ଜନତା ପାର୍ଟିର ବରିଷ୍ଠ କାର୍ଯ୍ୟକର୍ତ୍ତା କମଳ କୁମାର ଧଳଙ୍କ ଅଧ୍ୟକ୍ଷତାରେ ପ୍ରାରମ୍ଭରେ ସମସ୍ତେ ପଣ୍ଡିତ ଦୀନଦୟାଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପଣ୍ଡିତ



ଦୀନଦୟାଲ ଉପାଧ୍ୟାୟଙ୍କ ସମ୍ପାଦନାରେ 'ରାଷ୍ଟ୍ରଧର୍ମ' ନାମରେ ଏକ ଦୈନିକ ପତ୍ରୀକା, 'ପାଂଚଜନ୍ୟ' ନାମରେ ଏକ ସାପ୍ତାହିକ ପତ୍ରୀକା ଏବଂ 'ସ୍ୱଦେଶ' ନାମରେ ଏକ ମାସିକ ପତ୍ରୀକା ପ୍ରକାଶ ପାଉଥିଲା ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ସ୍ଥାନୀୟ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଏଥିରେ ପ୍ରାଚ୍ୟ ସୁମନ ମହାନ୍ତି, ଅବିନାଶ ସା , ବିବେକାନନ୍ଦ ଶତପଥୀ, ସୁଭଦୀପ ମହାନ୍ତି, ଲକ୍ଷ୍ମଣ ମହାପାତ୍ର, ନିହାର ରଂଜନ ମୋଦି, ମମତା ସାହୁ ଇତ୍ୟାଦି ୨୦ରୁ ଅଧିକ ଲୋକ ରକ୍ତଦାନ କରିଥିଲେ । ଡ଼ାକ୍ତର ଲକ୍ଷ୍ମୀକାନ୍ତ ପତି ଓ ଶୁଶାନ୍ତ ପଟ୍ଟନାୟକ ରକ୍ତଦାନ ଶିବିରକୁ ପରିଚାଳନା କରିଥିବା ବେଳେ ଏହାକୁ ସଫଳ କରିବା କ୍ଷେତ୍ରରେ ଶରତଚନ୍ଦ୍ର ଦାସ, ଧିରେନ୍ଦ୍ର ଖଣ୍ଡେଲୱାଲ, ବିଶ୍ୱରଂଜନ ମୋଦି, ପ୍ରାଣକୃଷ୍ଣ ବେରା, ଦେବିଶଙ୍କର କର, ଡ଼ା. ଖଗେଶ୍ୱର ସିଂହ ପ୍ରମୁଖ ସହଯୋଗ କରିଥିଲେ ।

## ଲଙ୍ଗଳେଶ୍ୱର ଆଞ୍ଚଳିକ ବିକାଶ ପରିଷଦ ଗଠିତ

ଲଙ୍ଗଳେଶ୍ୱର, ୧୧/୦୨ (ନି.ପ୍ର): ଲଙ୍ଗ ଳେଶ୍ୱର ଅଞ୍ଚଳ ର ବିକାଶ ପାଇଁ ଲଙ୍ଗଳେଶ୍ୱର ଆଞ୍ଚଳିକ ବିକାଶ ପରିଷଦ ଗଠିତ ହୋଇଯାଇଛି।ଏ ବାବଦରେ ଏକ ଜରୁରୀ ବୈଠକ ସ୍ଥାନୀୟ ମୁନା ଜେନାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଭାବେ ଓଡ଼ିଶାର ପୂର୍ବତନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ ନିର୍ବାଚିତ ହୋଇଥିଲାବେଳେ କାର୍ଯ୍ୟକାରୀ ସଭାପତି ଭାବେ ସମାଜସେବୀ ସଞ୍ଜୟ କୁମାର ପାତ୍ର ନିର୍ବାଚିତ ହୋଇଛନ୍ତି।ମୁଖ୍ୟ ପୃଷ୍ଠପୋଷକ ଭାବେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଥିବା ବେଳେ ଆବାହକ ଭାବେ ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପସଭାପତି ଭାବେ ଅଶ୍ୱିନୀ କୁମାର ଜେନା, ରବିରଞ୍ଜନ ତ୍ରିପାଠୀ, ମନୋରଞ୍ଜନ ଆଚାର୍ଯ୍ୟ ଓ ସଞ୍ଜୀବ କୁମାର ପାଢୀ ନିର୍ବାଚିତ ହୋଇଛନ୍ତି, ସାଧାରଣ ସମ୍ପାଦକ ଭାବେ ପ୍ରଣବ କୁମାର ଜେନା, ଯୁଗ୍ମ ସମ୍ପାଦକ ଭାବେ ଖଗେନ୍ଦ୍ର କୁମାର ନାୟକ, ରାମକୃଷ୍ଣ ପ୍ରଧାନ, ତୁଷାର କାନ୍ତ ବେହେରା ଓ କୋଷଧକ୍ଷ ଭାବେ ଜାମସୁଳି କଲେଜର ପୂର୍ବତନ ଅଧକ୍ଷ ନିର୍ବାଚିତ ହୋଇଥିଲେ।ମୁଖ୍ୟ ଉପଦେଷ୍ଟା ଭାବେ ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ମେଡ଼ିକାଲ କଲେଜ ର ପୂର୍ବତନ ପ୍ରଫେସର ଡ଼ଃ ମୃତ୍ୟୁଞ୍ଜୟ ପଣ୍ଡା ନିର୍ବାଚିତ ହୋଇଥିବା ବେଳେ ଆର୍ଥିକ ଉପଦେଷ୍ଟା ଓ ଅଡିଟର ଭାବେ ରାଧା ବଲ୍ଲଭ ମଣ୍ଡଳ ନିର୍ବାଚିତ ହେବା ସହିତ ୨୧ଜଣ ପରିଚାଳନା କମିଟି ସଦସ୍ୟ ଥିବାବେଳେ ୫୧ଜଣ ସାଧାରଣ ସଦସ୍ୟ ଅଛନ୍ତି।ତେବେ ଏଇ କମିଟି ଖୁବଶୀଘ୍ର ଲଙ୍ଗଳେଶ୍ୱର ମହୋତ୍ସବ ଆୟୋଜନ କରିବା ସହିତ ଏ ଅଞ୍ଚଳର ବିକାଶ କରିବା ର ଯୋଜନା କରିବ। ବିଶେଷକରି। ଲଙ୍ଗଳେଶ୍ୱର ରେ ବ୍ଲକ ପ୍ରତିଷ୍ଠା, ବାବାଲଙ୍ଗଳେଶ୍ୱର ପିଠ, କଷାଫଳ ଓ ଯମୁନାଶୂଳ ବେଳାଭୂମି ପର୍ଯ୍ୟଟନସ୍ଥଳୀ ର ବିକାଶ, କୃଷକ, କଳାକାର, କୁଶଳୀ ଓ ଅଣକୁଶଳୀ ଶ୍ରମିକ, ଶିଳ୍ପୀ, ସାହିତ୍ୟିକ ମାନଙ୍କର ବିକାଶ ଦିଗରେ ଗୁରୁତ୍ୱ ଦେବ ବୋଲି ସଭାପତି ଶ୍ରୀ ଯୁକ୍ତ ମଲ୍ଲିକ କହିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo